NITIDIN

# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
9 MAY 2026
ଶନିବାର
୯ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 350 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୩୫୦ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


### ବିଧାୟକ ଦଳ ବୈଠକରେ ସର୍ବସମ୍ମତି

# ଶୁଭେନ୍ଦୁ ବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ

**କୋଲକାତା,୮।୫/ଏଜେନ୍ସି:**

ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। କୋଲକାତାର କନ୍‌ଭେନସନ୍ ସେଣ୍ଟର ଠାରେ ଶୁକ୍ରବାର ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ତାଙ୍କୁ ନେତା ନିର୍ବାଚିତ କରାଯାଇଛି। ବୈଠକ ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତାଙ୍କ ନାମ ଘୋଷଣା କରିଛନ୍ତି। ବୈଠକର ଅଧ୍ୟକ୍ଷତା କରି ଶ୍ରୀ ଶାହ କହିଛନ୍ତି ଯେ, ସମସ୍ତ ପ୍ରସ୍ତାବ ଶୁଭେନ୍ଦୁ ଅଧିକାରୀଙ୍କ ସପକ୍ଷରେ ମିଳିଛି। ଫଳରେ ପଶ୍ଚିମବଙ୍ଗରେ ପ୍ରଥମ ବିଜେପି ନେତା ଭାବେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ହେବାର ଏକ ବିରଳ କୃତୀତ୍ୱ ମଧ୍ୟ ହାସଲ କରିବାର ମାର୍ଗ ପରିଷ୍କାର ହୋଇଯାଇଛି।

ମୁଖ୍ୟମନ୍ତ୍ରୀ ଭାବେ ନାମ ଘୋଷଣା ହେବା ପରେ ଶୁଭେନ୍ଦୁ ଅଧିକାରୀ ଶୁକ୍ରବାର ବିଳମ୍ବିତ ସନ୍ଧ୍ୟା ରାଜ୍ୟପାଳ ଆର୍‌ଏନ୍ ରବିଙ୍କୁ ଭେଟିବା ସହ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ରାଜ୍ୟପାଳଙ୍କୁ ଦଳର ସମସ୍ତ ନିର୍ବାଚିତ ବିଧାୟକ (୨୦୭)ଙ୍କ ସ୍ୱାକ୍ଷର ସମ୍ବଳିତ ସମର୍ଥନ ପତ୍ର ଶୁଭେନ୍ଦୁ ହସ୍ତାନ୍ତର କରିବା ପରେ ରାଜ୍ୟପାଳ ମଧ୍ୟ ତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଛନ୍ତି। ଏହିକ୍ରମେ ଆସନ୍ତା କାଲି ପାଇଁ ଶପଥ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତାକାଲି ସକାଳ ୧୧ଟାରେ କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଶୁଭେନ୍ଦୁ



**ରହିବେ ୨ ଡେପୁଟି, ଆଜି ଶପଥ ସମାରୋହ**

**ଯୋଗଦେବେ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ଏନ୍‌ଡିଏ ନେତା**

**ରାଜ୍ୟପାଳଙ୍କୁ ଭେଟି ସରକାର ଗଢ଼ିବାକୁ ଦାବି ଉପସ୍ଥାପନ କଲେ ବିଜେପି ନେତା**

ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦୀ, ଅମିତ ଶାହଙ୍କ ସମେତ ଏନ୍‌ଡିଏର ଅନେକ ବଡ଼ ନେତା ସାମିଲ ହେବେ ବୋଲି ସୂଚନା ମିଳିଛି। ଶୁଭେନ୍ଦୁଙ୍କ ସହ ୨ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଶପଥ ନେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ୫୬ ବର୍ଷୀୟ ଶୁଭେନ୍ଦୁ ଅଧିକାରୀ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ

▶▶ ୬

# ପୂରା ହୋଇଛି ଅଙ୍ଗ, ବଙ୍ଗ ଓ କଳିଙ୍ଗ ମିଶନ୍ : ମୋହନ

**କୋଲକାତା,ଭୁବନେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଙ୍ଗ, ବଙ୍ଗ ଏବଂ କଳିଙ୍ଗ ମିଶନ ପୂରା ହୋଇଛି। ଆଜିର ଦିନରେ ଯେଉଁ ସଫଳତା ମିଳିଛି ଏହା ହେଉଛି ସଂଘର୍ଷର ଫଳ। ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ସରକାର ଗଢ଼ିବା ପାଇଁ ଦୀର୍ଘ ବର୍ଷ ହେଲା ସଂଘର୍ଷ କରିଆସିଛି। ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ପଶ୍ଚିମବଙ୍ଗରେ ସରକାର ପରିଚାଳିତ ହେବ। ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ସହ-ପର୍ଯ୍ୟବେକ୍ଷକ ମୋହନ ଚରଣ ମାଝୀ ଶୁକ୍ରବାର କୋଲକାତାରେ ଏହା କହିଛନ୍ତି।

ବିଧାନସଭା ନିର୍ବାଚନ-୨୦୨୬ରେ ଭବାନୀପୁରରେ ମମତା ବାନାର୍ଜୀ ଏବଂ ନନ୍ଦିଗ୍ରାମରେ ପବିତ୍ର କରଙ୍କୁ ପରାସ୍ତ କରି ବିଧାୟକ ହୋଇଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଘୋଷଣା ଅବସରରେ ଶ୍ରୀ ମାଝୀ କହିଛନ୍ତି, ବିଜେପି ପଶ୍ଚିମବଙ୍ଗରେ ଇତିହାସ ରଚିଛି। ପଶ୍ଚିମବଙ୍ଗର ଜନତା ବିଜେପିକୁ ସେବା କରିବାକୁ ସୁଯୋଗ ଦେଇଛନ୍ତି। ଏଠାରେ ନୂଆ ଇତିହାସ ଲେଖାଯିବ।

ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ,



ଗୃହମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ପଶ୍ଚିମଙ୍ଗର ଜନତା ଦୁର୍ନୀତିକୁ ବିରୋଧ କରିଛନ୍ତି। ମୋଦୀଙ୍କ ନେତୃତ୍ୱକୁ ସମର୍ଥନ ଜଣାଇଛନ୍ତି। ଦେଶର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ କାମ କରୁଛନ୍ତି। ସେ ଲକ୍ଷ୍ୟ ରଖିଛନ୍ତି ଯେ, ପୂର୍ବୋଦୟରୁ ଭାରତର ବିକାଶ ସମ୍ଭବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି କହିଛନ୍ତି ଯେ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ସଂପର୍କ

▶▶ ୬

### ଆସୁଛି ଲଘୁଚାପ

## ସୃଷ୍ଟିହେଲା ଘୂର୍ଣ୍ଣିବଳୟ

**ଭୁବନେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

ଆସୁଛି ଲଘୁଚାପ, ଭିଜିବ ସାରା ଓଡ଼ିଶା। କାରଣ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇ କହିଛି, ସମୁଦ୍ର ପତନ ଠାରୁ ଦେଢ଼ କିମି ଉଚ୍ଚ ଯାଏଁ ଘୂର୍ଣ୍ଣିବଳୟ ବ୍ୟାପିଛି। ଏହା ଆହୁରି ଘନୀଭୂତ ହୋଇ ୧୨ କିମ୍ବା ୧୩ ତାରିଖ ବେଳକୁ ଲଘୁଚାପର ରୂପ ନେଇପାରେ। ପରେ ପରେ ଅବପାତର ରୂପ ନେବାର ମଧ୍ୟ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତାସହ ଆସନ୍ତା ୨୪ ଘଣ୍ଟାରେ ସାରା ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନାକୁ ଦେଖି ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଆସନ୍ତାକାଲି ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନାକୁ ପାଇଁ ପାଣିପାଗ ବିଭାଗ ୩୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

### ଦେଶର ପ୍ରଥମ ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ର ପ୍ରଣାଳୀ

## 'ତାରା'ର ସଫଳ ପରୀକ୍ଷଣ




**ବାଲେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ି ହୋଇଛି। ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ 'ଡିଆରଡିଓ' ଏବଂ ଭାରତୀୟ ବାୟୁସେନା ଓଡ଼ିଶା ଉପକୂଳରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଗ୍ଲାଇଡ ଅସ୍ତ୍ର ପ୍ରଣାଳୀ 'ତାରା'ର ସଫଳ ପରୀକ୍ଷଣ କରିଛନ୍ତି, ଯାହା ଭାରତର ସାମରିକ ଶକ୍ତିକୁ ନୂଆ ଉଚ୍ଚତାକୁ ନେଇଯାଇଛି। ବାଲେଶ୍ୱରସ୍ଥିତ ଚାନ୍ଦିପୁର ଆଇଟିଆର ପରିସରରୁ ଏହାର ସଫଳ ପରୀକ୍ଷଣ ହୋଇଛି। 'ତାରା' ହେଉଛି ଏକ ମଡ୍ୟୁଲାର୍ ରେଞ୍ଜ ଏକ୍ସଟେନସନ୍ କିଟ୍, ଯାହା ଯେକୌଣସି ପାରମ୍ପରିକ ଅସ୍ତ୍ରକୁ ଏକ ଘାତକ ଓ ସଠିକ୍ ଆକ୍ରମଣକାରୀ ଅସ୍ତ୍ରରେ ପରିଣତ କରିବାରେ ସକ୍ଷମ। ଏହା ଦୂରରୁ ଶତ୍ରୁର ବଙ୍କର, ରନୱେ ଏବଂ ପ୍ରତିରକ୍ଷା ଭିତ୍ତିଭୂମିକୁ ସଠିକ ଭାବେ ଧ୍ୱଂସ କରିପାରିବ। ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ବାୟୁସେନାର ଶକ୍ତି ବୃଦ୍ଧି ପାଇବା

▶▶ ୬

### ବାଲିଅନ୍ତା ହତ୍ୟା ମାମଲା

## ତଦନ୍ତ କଲେ ମହିଳା କମିଶନ୍ ଅଧ୍ୟକ୍ଷା

**ଘଟଣାସ୍ଥଳ ପରିଦର୍ଶନ ସହ ପୀଡ଼ିତାଙ୍କୁ ଭେଟିଲେ**

**କ୍ରାଇମ୍‌ସ୍ପଟ୍‌କୁ ମଧ୍ୟ ଗଲେ ପୁଲିସ ମହାନିର୍ଦ୍ଦେଶକ**



**ଭୁବନେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ପୁଲିସ ଉପସ୍ଥିତିରେ ଘଟିଥିବା ବିଭତ୍ସ ହତ୍ୟାକାଣ୍ଡ ଘଟଣା ରାଜ୍ୟବ୍ୟାପୀ ଅଲୋଡ଼ନ ସୃଷ୍ଟି କରିଛି। ଯୁବତୀଙ୍କୁ ଅସଦାଚରଣ ସହ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଗାଁ ଲୋକେ କନଷ୍ଟେବଲଙ୍କ ସହ ୨ ଯୁବକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କିନ୍ତୁ ମୃତ କନେଷ୍ଟବଲଙ୍କ ପରିବାର ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି କହିଛନ୍ତି। ଏଭଳି ମୁହାଁମୁହିଁ ସ୍ଥିତି ଭିତରେ ଆଜି ଡିଜିପି ଓ ମହିଳା କମିଶନ ଅଧ୍ୟକ୍ଷା ଗ୍ରାଉଣ୍ଡଜିରୋରେ ସ୍ଥିତି ପରଖିଥିବାବେଳେ ପୁଲିସ ଏଯାଏଁ ୫ ଜଣଙ୍କୁ ଗିରଫ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚର୍ଚ୍ଚିତ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବା ପରେ ଶୁକ୍ରବାର ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ତାଙ୍କ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। ଏଥିସହ ବେଣ୍ଣୁପୁରସ୍ଥିତ ପୀଡ଼ିତାଙ୍କ ଘରକୁ ଯାଇ ପୀଡ଼ିତା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ସେ ପଚାରି ବୁଝିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଟିମ୍ ନିରପେକ୍ଷ ତଦନ୍ତ କରୁଛି। ଆମେ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବୁ। ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଯେତେ ବଡ଼ ଲୋକ ହୋଇଥିଲେ ବି ତାଙ୍କୁ ଛଡାଯିବ ନାହିଁ। ଦୁର୍ଘଟଣା ପରେ ପୀଡ଼ିତା ଆହତ ହୋଇଥିବା ସହ ତାଙ୍କୁ

▶▶ ୬

### ବାଲିଅନ୍ତା ପରେ ବାଲିପାଟଣା

## ପୁଣି ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା

**ଭୁବନେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

ବାଲିଅନ୍ତା ପରେ ବାଲିପାଟଣା। ରାଜଧାନୀ ଉପକଣ୍ଠରେ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ହତ୍ୟାକାଣ୍ଡ। ବାଲିପାଟଣାରେ ପୁଣି ଜଣେ ଯବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ବାଲିପାଟଣା ଥାନା ଅନ୍ତର୍ଗତ ବେଙ୍ଗବତୀ ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କୁ ତାଙ୍କ ସାଙ୍ଗ ଲୁହାରଡରେ ପିଟି ହତ୍ୟା କରିଛନ୍ତି। ଆଉ ଏହି ହତ୍ୟାକାଣ୍ଡ ଋଣ ଟଙ୍କା ପାଇଁ ହୋଇଥିବା ସୂଚନା ମିଳିଛି। ଋଣ ଟଙ୍କା ଆଦାୟ ପାଇଁ ସାଙ୍ଗକୁ ଲୁହାରଡରେ ପିଟି ହତ୍ୟା କରିଛି ସାଙ୍ଗ। ଘଟଣାରେ ଅଭିଯୁକ୍ତ ସାଙ୍ଗକୁ ପୁଲିସ ଗିରଫ କରିଛି। ଋଣ ଟଙ୍କା ପାଇଁ ଉଭୟଙ୍କ ମଧ୍ୟରେ ଝଗଡ଼ା ଓ ପରେ ଏହି କାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୁଲିସ

▶▶ ୬

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ସହରାଞ୍ଚଳ

## ଓଡ଼ିଶା ଦେଶରେ ପ୍ରଥମ

**ଭୁବନେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ଆଜି 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ସହରାଞ୍ଚଳ ' ଅଧୀନରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପାଦନରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସେପ୍ଟେମ୍ବର ୨୦୨୪ ଶୁଭାରମ୍ଭ ପରଠାରୁ ସହରାଞ୍ଚଳର ହିତାଧିକାରୀଙ୍କୁ ସୁଲଭ ଓ ଗୁଣାତ୍ମକ ବାସଗୃହ ଯୋଗାଇବାରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମାର୍ଚ୍ଚ ୨୦୨୫ ଠାରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା କ୍ଷେତ୍ରରେ ଓଡ଼ିଶା କ୍ରମାଗତ ଭାବେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଛି। ଏହା "ସମସ୍ତଙ୍କ ପାଇଁ ଆବାସ" ସଂକଳ୍ପ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଓ କାର୍ଯ୍ୟଦକ୍ଷତାକୁ ପୁନର୍ବାର ପ୍ରମାଣିତ କରିଛି। ପିଏମ୍‌ଏୱାଇ-ୟୁ୨.୦ ଅଧୀନରେ ଓଡ଼ିଶାରେ ମୋଟ ୨୪,୬୨୫ଟି ଘର ମଞ୍ଜୁର ହୋଇଥିବାବେଳେ, ସେଥିମଧ୍ୟରୁ ୨୩,୪୬୪ଟି ପ୍ରସ୍ତାବିତ ସ୍ଥାନର ଜିଓ-ଟ୍ୟାଗିଂ କାର୍ଯ୍ୟ ସମାପ୍ତ ହୋଇଛି। ୫ ମେ' ୨୦୨୬ ସୁଦ୍ଧା ୩,୧୩୪ଟି ଘରର ଭିତ୍ତିପ୍ରସ୍ତର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ, ୨,୦୦୮ଟି ଘରର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ଘରଗୁଡ଼ିକ ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣାଧୀନ ରହିଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଲକ୍ଷ୍ୟ ପୂରଣ ହେବ ବୋଲି ରାଜ୍ୟ ସରକାର ଆଶା ପ୍ରକାଶ କରିଛନ୍ତି। ଏହି ସଫଳତା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସକ୍ରିୟ ପଦକ୍ଷେପ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ସହ ଫଳପ୍ରସୂ ସମନ୍ୱୟ ଏବଂ ତୃଣମୂଳ ସ୍ତରରେ ଦ୍ରୁତ କାର୍ଯ୍ୟାନ୍ୱୟନର ସ୍ପଷ୍ଟ ପ୍ରତିଫଳନ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କୁ ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ପିଏମ୍‌ଏୱାଇ-ୟୁ୨.୦ ର ଅବଶିଷ୍ଟ ଲକ୍ଷ୍ୟକୁ ସମୟସୀମା ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି। ସେ ଠିକ୍

▶▶ ୬

**ମୋଟ୍ ୨୪,୬୨୫ ଘର ମଞ୍ଜୁର**

**୨୩,୪୬୪ ପ୍ରସ୍ତାବିତ ସ୍ଥାନର ଜିଓ-ଟ୍ୟାଗିଂ ଶେଷ**

**୩,୧୩୪ ଘରର ଭିତ୍ତିପ୍ରସ୍ତର କାର୍ଯ୍ୟ ଆରମ୍ଭ**

**୨,୦୦୮ ଘରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ**

### ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ଦଣ୍ଡବିଧାନ

## ଓଡ଼ିଶା ଭିଜିଲାନ୍ସ ଆଗରେ

**ଭୁବନେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

୨୦୨୪ରେ ଦେଶରେ ସର୍ବାଧିକ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ଦଣ୍ଡିତ କରିବାରେ ଓଡ଼ିଶାର ଦୁର୍ନୀତି ନିବାରଣ ବିଭାଗ ସବୁଠାରୁ ଆଗରେ ରହିଛି। ନ୍ୟାସନାଲ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ (ଏନ୍‌ସିଆରବି) କ୍ରାଇମ୍ ଇନ୍ ଇଣ୍ଡିଆ ୨୦୨୪ ରିପୋର୍ଟ ଅନୁସାରେ ୧୫୦ଜଣ ଅଭିଯୁକ୍ତ କର୍ମଚାରୀଙ୍କୁ ଦଣ୍ଡିତ କରାଯାଇଛି।

ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ବିବୃତି ଅନୁସାରେ, ୨୦୨୪ରେ ୬୨ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଠାବ କରାଯାଇଛି। ଏହା ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ସେହି ବର୍ଷ, ୨୯ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି। ଏହା ଦେଶରେ ଦ୍ୱିତୀୟ ସର୍ବାଧିକ ସଂଖ୍ୟା ଅଟେ। ସେହିଭଳି, ଗୋଟିଏ ବର୍ଷ ୬୯୬ଜଣଙ୍କ ବିରୋଧରେ ଦୁର୍ନୀତି ନେଇ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ଏହା ମଧ୍ୟରେ ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି।

ପ୍ରକାଶିତ ତଥ୍ୟାନୁସାରେ, ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ୪୧୮ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଧରପଗଡ଼ରେ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହିଛି ଓ ଦ୍ୱିତୀୟ ସ୍ଥାନରେ ଆସାମ ରହିଛି। ସରକାରୀ ପାଣ୍ଠିର ଅପରାଧିକ ଦୁରୁପଯୋଗ ବିରୋଧରେ ପଦକ୍ଷେପ ଗ୍ରହଣ କରି

▶▶ ୬

### ରାଜ୍ୟର ସମସ୍ତ ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଚିଠି

## ଅଙ୍ଗନବାଡ଼ି କେନ୍ଦ୍ରର ବିକାଶରେ ସହଯୋଗ କରନ୍ତୁ

**ଭୁବନେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ମହିଳା ଓ ଶିଶୁ ବିକାଶ ଧାରାକୁ ଅଧିକ ବ୍ୟାପକ କରିବା ପାଇଁ ଏକ ବଡ଼ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକମାନଙ୍କୁ ପତ୍ର ଲେଖିଛନ୍ତି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଭାବରେ ସେ ନିର୍ବାଚନମଣ୍ଡଳୀଗୁଡ଼ିକରେ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ଓ ଏହାର ବିକାଶ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ସମସ୍ତ ଜନପ୍ରତିନିଧିଙ୍କୁ ଆହ୍ୱାନ କରିଛନ୍ତି। ବିଶେଷ କରି ନିଜ ନିଜର ନିର୍ବାଚନମଣ୍ଡଳୀରେ ଚାଲୁଥିବା

▶▶ ୬

### ନେଉଥିଲେ ୫୦ ହଜାର ଲାଞ୍ଚ

## ଜିଏସ୍‌ଟି ଅଧିକାରୀଙ୍କୁ ଧରିଲା ସିବିଆଇ

**ବାଲେଶ୍ୱର,୮।୫/ଏନ୍‌ଏନ୍‌ଏସ୍:**

ଲାଞ୍ଚ ନେଲାବେଳେ ସିବିଆଇ ହାତରେ ଧରାପଡ଼ିଛନ୍ତି କେନ୍ଦ୍ର ଜିଏସ୍‌ଟି ଅଧୀକ୍ଷକ ଓମ୍ ପ୍ରକାଶ ନାୟକ। ତାଙ୍କୁ ସିବିଆଇ ଟିମ୍ ଅଟକ ରଖି ପଚରାଉଚରା କରିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ସିବିଆଇ ଠାରୁ ମିଳିଥିବା ସୂଚନାନୁସାରେ, ସିଜିଆସ୍‌ଟି ଅଧୀକ୍ଷକ ଶ୍ରୀନାୟକ ଏବଂ ଜଣେ ସହକାରୀ କମିସନର ମିଶି ଅଭିଯୋଗକାରୀଙ୍କ କମ୍ପାନୀର ପ୍ରାୟ ୧୬ ଲକ୍ଷ ଟଙ୍କାର ଜିଏସ୍‌ଟି ରିଫଣ୍ଡ ଛାଡ଼ ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଅଭିଯୋଗ ଆଧାରରେ ସିବିଆଇ ପକ୍ଷରୁ ମାମଲା

▶▶ ୬

### ତାମିଲନାଡୁ: ସରକାର ଗଠନ ସସ୍‌ପେନ୍ସର ଅନ୍ତ

# ଆଜି ଶପଥ ନେଇପାରନ୍ତି ବିଜୟ

**ଚେନ୍ନାଇ,୮।୫/ଏଜେନ୍ସି:**

ତାମିଲନାଡୁରେ ସରକାର ଗଠନକୁ ନେଇ ଚାଲିଥିବା ରାଜନୈତିକ ସସ୍‌ପେନ୍ସର ଅନ୍ତ ଘଟିଛି। ଟିଭିକେ ମୁଖ୍ୟ ତଥା ଅଭିନେତା ବିଜୟ ଶୁକ୍ରବାର ଦିନ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟପାଳ ମଧ୍ୟ ବିଜୟଙ୍କୁ ସରକାର ଗଠନ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ବିଜୟ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ସମ୍ଭାବନା ବଢ଼ିଯାଇଛି। ବିଜୟ ଶୁକ୍ରବାର ଦିନ ଲୋକଭବନରେ କ୍ରମାଗତ ତୃତୀୟ ଦିନ ପାଇଁ ରାଜ୍ୟପାଳଙ୍କୁ ଭେଟିଥିଲେ। ସେ ରାଜ୍ୟପାଳଙ୍କୁ ନିଜ ଦଳ ଟିଭିକେର ୧୦୭ ବିଧାୟକ, କଂଗ୍ରେସର ୫, ସିପିଆଇ, ସିପିଆଇ(ଏମ୍) ଏବଂ ଭିସିକେର ୬ ନିର୍ବାଚିତ ବିଧାୟକଙ୍କ ସମେତ ମୋଟ୍ ୧୧୮ ଜଣ ବିଧାୟକଙ୍କ ସମର୍ଥନ ପତ୍ର ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହାପୂର୍ବରୁ ବିଜୟ ୬ ଏବଂ ୭ ମେ'ରେ ମଧ୍ୟ ସରକାର ଗଠନ ପାଇଁ ଦାବି କରିଥିଲେ। କିନ୍ତୁ ୧୧୮ ଜଣ ବିଧାୟକଙ୍କ ସମର୍ଥନ ବିନା ରାଜ୍ୟପାଳ ସରକାର ଗଠନ ପାଇଁ ନିମନ୍ତ୍ରଣ କରିବାକୁ ମନା କରିଦେଇଥିଲେ।

ପ୍ରକାଶ, ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ନିର୍ବାଚନରେ ଟିଭିକେ ପ୍ରଥମ ଥର ପ୍ରତିଦ୍ୱନ୍ଦ୍ୱିତା କରି ୧୦୮ ଆସନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। କିନ୍ତୁ ବିଜୟ ପେରୁମ୍ବୁର ଏବଂ ତିରୁଚିରାପଲ୍ଲୀ ଇଷ୍ଟ ଆସନରୁ ଜିତିଥିବାରୁ ତାଙ୍କୁ ଗୋଟିଏ ଆସନରୁ

▶▶ ୬



**ସମର୍ଥନ ଦେଲେ ସିପିଆଇ, ସିପିଏମ୍ ଓ ଭିସିକେ**

**ଆବଶ୍ୟକ ସଂଖ୍ୟା ହାସଲ କରିବାରେ ସଫଳ ହେଲା ଟିଭିକେ**

ନିତିଦିନ NITIDIN

## ମାନିଲା ଚୀନ: ବେଜିଂର ପ୍ରଥମ ସର୍ବସାଧାରଣ ସ୍ୱୀକାରୋକ୍ତି

# ‘ଅପରେସନ୍ ସିନ୍ଦୂର’ ବେଳେ ପାକିସ୍ତାନକୁ ସହଯୋଗ କରିଛୁ



**ନୂଆଦିଲ୍ଲୀ, ଇସଲାମାବାଦ୍, ବେଜିଂ, ୮।୫/ଏଜେନ୍ସି:** ଚୀନ୍ ପ୍ରଥମ ଥର ପାଇଁ ସ୍ୱୀକାର କରିଛି ଯେ ଏହା ଗତ ବର୍ଷ ଭାରତ ସହ ହୋଇଥିବା ସଂଘର୍ଷ ସମୟରେ ପାକିସ୍ତାନକୁ ଅନ୍-ସାଇଟ୍ ବୈଷୟିକ ସହାୟତା ଯୋଗାଇ ଦେଇଥିଲା। ଏହା ଚୀନ୍ କର୍ମଚାରୀମାନେ ଏଭଳି କାର୍ଯ୍ୟରେ ସାମିଲ ଥିବାର ପ୍ରଥମ ସର୍ବସାଧାରଣ ସ୍ୱୀକାରୋକ୍ତି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ସହଭାଗିତାକୁ ଦର୍ଶାଉଛି। ଚୀନ୍‌ର ଏପ୍ରକାର ସ୍ୱୀକାରୋକ୍ତି ସେତେବେଳେ ସାମ୍ନାକୁ ଆସିଛି ଯେତେବେଳେ ଏହି ଘଟଣାକୁ ଏକ ବର୍ଷ ବିତିଛି ଏବଂ ଭାରତ ଅପରେସନ୍ ସିନ୍ଦୁର’ର ପ୍ରଥମ ବାର୍ଷିକୀ ପାଳନ କରୁଛି।

ରିପୋର୍ଟ ଅନୁସାରେ ଗତ ବର୍ଷ ଭାରତ ସହିତ ହୋଇଥିବା ସଂଘର୍ଷ ସମୟରେ ଚୀନ୍ ପାକିସ୍ତାନକୁ ଅନ୍-ସାଇଟ୍ ବୈଷୟିକ ସହାୟତା ଯୋଗାଇ ଦେଇଥିବା ପ୍ରଥମ ଥର ପାଇଁ ସ୍ୱୀକାର କରିଛି। ଚୀନ୍‌ର ସରକାରୀ ପ୍ରସାରଣକାରୀ ସଂସ୍ଥା ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଗତ ବର୍ଷ ମେ’ ମାସରେ ଚାରି ଦିନ ଧରି ଚାଲିଥିବା ଭାରତ-ପାକିସ୍ତାନ ସଂଘର୍ଷ ସମୟରେ ଚୀନ୍ ଇଞ୍ଜିନିୟରମାନେ ପାକିସ୍ତାନୀ ବାୟୁସେନାକୁ ସହାୟତା କରିଥିଲେ। ଚୀନ୍‌ର ‘ଆଭିଏସନ୍ ଇଣ୍ଡଷ୍ଟ୍ରି କର୍ପୋରେସନ୍’ ବା ଏଭିଆଇସିର ଇଞ୍ଜିନିୟରମାନେ ପାକିସ୍ତାନର ଜେ-୧୦ସି ଫାଇଟର୍ ଜେଟ୍‌କୁ ସହାୟତା କରିବା ପାଇଁ ସେମାନଙ୍କର ଯୁଦ୍ଧକାଳୀନ ଭୂମିକା ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପ୍ରକାଶ, ପାକିସ୍ତାନର ବାୟୁସେନା ଚୀନ୍ ନିର୍ମିତ ଜେ-୧୦ସିଇ ଯୁଦ୍ଧ ବିମାନ ପରିଚାଳନା କରିଥାଏ, ଯାହାକି ଏଭିଆଇସି ନାମକ ଚୀନ୍ କମ୍ପାନୀ ଦ୍ୱାରା ନିର୍ମିତ।

ଚୀନ୍ ଇଞ୍ଜିନିୟର ଜାଙ୍ଗ ହେଙ୍ଗ୍ କହିଛନ୍ତି ଯେ, ମେ’ ମାସରେ ପ୍ରାୟ ୫୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଏବଂ ବାରମ୍ବାର ବାଜୁଥିବା ଏୟାର-ରେଡ୍ ସାଇରନ୍ ମଧ୍ୟରେ ସେମାନେ ପାକିସ୍ତାନୀ ବେସ୍‌ରେ କାର୍ଯ୍ୟ କରୁଥିଲେ। ସେହିପରି ଅନ୍ୟ ଜଣେ ଇଞ୍ଜିନିୟର ସୁ ଦା ମଧ୍ୟ ସଂଘର୍ଷ ସମୟରେ ପାକିସ୍ତାନକୁ ସହାୟତା କରିବାରେ ତାଙ୍କର ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି। ଷ୍ଟକ୍‌ହୋମ୍ ରିପୋର୍ଟ ଅନୁଯାୟୀ, ୨୦୨୧ ରୁ ୨୦୨୫ ମଧ୍ୟରେ ପାକିସ୍ତାନର ମୋଟ ଅସ୍ତ୍ରଶସ୍ତ୍ର ଆମଦାନୀର ୮୦% କେବଳ ଚୀନ୍‌ରୁ ଆସିଛି। ଏହି ସ୍ୱୀକାରୋକ୍ତି ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ଥିବା ଗଭୀର ସାମରିକ ସହଭାଗିତାକୁ ସ୍ପଷ୍ଟ କରୁଛି। ତେବେ ଚୀନ୍ ନିର୍ମିତ ଏହି ବିମାନରେ ଏକ ‘ଆକ୍ଟିଭ୍ ଇଲେକ୍ଟ୍ରୋନିକାଲି ସ୍କାନ୍ଡ୍ ଆରେ ରାଡାର’ ଲାଗିଛି ଏବଂ ଏହା ଚୀନ୍‌ର ଅତ୍ୟାଧୁନିକ ଆକାଶରୁ ଆକାଶକୁ ମାଡ଼ କରିପାରୁଥିବା କ୍ଷେପଣାସ୍ତ୍ର ବହନ କରିବାରେ ସକ୍ଷମ। ପାକିସ୍ତାନ ବର୍ତ୍ତମାନ ଜେ-୧୦ସି ଯୁଦ୍ଧ ବିମାନର ଏକମାତ୍ର ବିଦେଶୀ ବ୍ୟବହାରକାରୀ। ୨୦୨୦ ମସିହାରେ, ପାକିସ୍ତାନ ଚୀନ୍‌ଠାରୁ ୩୬ଟି ବିମାନ ଏବଂ ୨୫୦ଟି ପିଏଲ୍-୧୫ କ୍ଷେପଣାସ୍ତ୍ର ପାଇଁ ଅର୍ଡର ଦେଇଥିଲା।

ମେ ୭, ୨୦୨୫ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ ‘ଅପରେସନ୍ ସିନ୍ଦୂର’ ଆରମ୍ଭ କରିଥିଲା। ଏହି ସାମରିକ ଅଭିଯାନର ଲକ୍ଷ୍ୟ ଥିଲା ନିୟନ୍ତ୍ରଣ ରେଖା ସେପାରିରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା। ତେବେ ଭାରତୀୟ ସେନାର ସାମରିକ କାର୍ଯ୍ୟାନୁଷ୍ଠାନ ଫଳରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଏହାରି ମଧ୍ୟରେ ଚୀନ୍ ଦାବି କରିଥିଲା ଯେ, ଏହା ଦ୍ୱାରା ନିର୍ମିତ ଯୁଦ୍ଧ ବିମାନ ଜେ-୧୦ସି ଏକ ଭାରତୀୟ ଯୁଦ୍ଧ ବିମାନକୁ ଖସାଇ ଦେଇଛି, କିନ୍ତୁ ଭାରତ ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି।

## ଶିକ୍ଷକ ଆଶାୟୀଙ୍କ ଉପରେ ଲାଠିଚାର୍ଜ

**ପାଟନା,୮।୫/ଏଜେନ୍ସି:** ବିହାରର ରାଜଧାନୀ ପାଟନାରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପ୍ରକାଶ ଦାବିରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଶହ ଶହ ଆଶାୟୀଙ୍କ ଉପରେ ପୁଲିସ୍ ପ୍ରଶାସନ ନିଷ୍ଠୁରତାର ସହ ଲାଠିଚାର୍ଜ କରିଛି। ରିପୋର୍ଟ ଅନୁସାରେ ଶୁକ୍ରବାର ପାଟନା କଲେଜରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରାରେ ହଜାର ହଜାର ପୁରୁଷ ଓ ମହିଳା ପ୍ରାର୍ଥୀ ସାମିଲ ହୋଇ ବିହାର ସରକାର ଓ ବିହାର ଲୋକସେବା ଆୟୋଗ (ବିପିଏସ୍‌ସି) ବିରୋଧରେ ସ୍ଲୋଗାନ ଦେଇଥିଲେ। ଆଶାୟୀମାନେ ଛାତ୍ର ନେତା ଦିଲୀପଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜେପି ଗୋଲମ୍ବର ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଯେତେବେଳେ ପ୍ରାର୍ଥୀମାନେ ବାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ, ସେତେବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଥିଲା, ଯାହା ଫଳରେ ଅନେକ ଆନ୍ଦୋଳନକାରୀ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ଆଶାୟୀମାନେ ଅଭିଯୋଗ କରିଛନ୍ତି ଯେ, ଦୀର୍ଘ ଦିନରୁ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପାଇଁ ଦାବି ହୋଇ ଆସୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ। ଏଥିସହ ବିପିଏସସି ଦ୍ୱାରା ଲାଗୁ କରାଯାଇଥିବା କିଛି ନୂଆ ନିୟମକୁ ମଧ୍ୟ ଛାତ୍ରମାନେ ତୀବ୍ର ବିରୋଧ କରିଛନ୍ତି। ଛାତ୍ରମାନଙ୍କ ଏହି ଆନ୍ଦୋଳନ ଏବେ ବିହାର ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛି।

## ଆମେରିକୀୟ କୋର୍ଟଙ୍କ ବଡ଼ ରାୟ: ୧୦% ଟାରିଫ୍ ଲାଗୁ ନିଷ୍ପତ୍ତି ରଦ୍ଦ

# ଟ୍ରମ୍ପଙ୍କ ଟାରିଫ୍ ପଲିସି ବେଆଇନ



**ୱାଶିଂଟନ୍,୮।୫/ଏଜେନ୍ସି:** ଆମେରିକାର ଏକ ଫେଡେରାଲ୍ ଟ୍ରେଡ୍ କୋର୍ଟ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ୧୦% ଗ୍ଲୋବାଲ୍ ଟାରିଫ୍‌କୁ ବେଆଇନ ଘୋଷଣା କରିଛନ୍ତି। ଗୁରୁବାର କୋର୍ଟ ୨-୧ ବହୁମତରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇ କହିଛନ୍ତି ଯେ, ୧୯୭୪ ବାଣିଜ୍ୟ ଆଇନ ଅନୁଯାୟୀ ଏହି ଟାରିଫ୍ ଯଥାର୍ଥ ନୁହେଁ। କଂଗ୍ରେସର ଅନୁମତି ବିନା ପ୍ରଶାସନ ପାଖରେ ଏତେ ବଡ଼ ଧରଣର ଆମଦାନୀ ଶୁଳ୍କ ଲାଗୁ କରିବାର ଅଧିକାର ନାହିଁ। ରଏଟର୍ସ ରିପୋର୍ଟ ଅନୁଯାୟୀ, କୋର୍ଟ ଅଫ୍ ଇଣ୍ଟରନ୍ୟାସନାଲ୍ ଟ୍ରେଡ୍ ନିଜ ନିଷ୍ପତ୍ତିରେ କହିଛନ୍ତି ଯେ ଚଳିତ ବର୍ଷ ଆରମ୍ଭରେ ଲାଗୁ ହୋଇଥିବା ଏହି ଟାରିଫ୍ ଆଇନ ଅମାନ୍ୟ। ଟ୍ରମ୍ପ ଗତ ଫେବୃଆରୀ ମାସରେ ଏକ ଏକଜିକ୍ୟୁଟିଭ୍ ଅର୍ଡର ମାଧ୍ୟମରେ ଏହି ଗ୍ଲୋବାଲ୍ ଟାରିଫ୍ ଲାଗୁ କରିବାକୁ ଘୋଷଣା କରିଥିଲେ।

ଟ୍ରମ୍ପ ପ୍ରଶାସନ ଟ୍ରେଡ୍ ଆକ୍ଟ ୧୯୭୪ର ଧାରା ୧୨୨ର ଦୁହାଇ ଦେଇ ଯୁକ୍ତି ବାଢ଼ିଥିଲା ଯେ, ଆମେରିକା ୧.୨ ଟ୍ରିଲିୟନ ଡଲାରର ବାଣିଜ୍ୟ ନିଅଣ୍ଟର ସମ୍ମୁଖୀନ ହେଉଛି। ତେବେ ବିଚାରପତିମାନେ ଏହାକୁ ଖାରଜ କରି କହିଛନ୍ତି ଯେ, ଏହି ପ୍ରକାରର ବାଣିଜ୍ୟ ନିଅଣ୍ଟ ଆଇନର ବାଧ୍ୟତାମୂଳକ ସର୍ତ୍ତକୁ ପୂରଣ କରୁନାହିଁ। ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟ ଟ୍ରମ୍ପ ପ୍ରଶାସନର କିଛି ଟାରିଫ୍ ନିଷ୍ପତ୍ତିକୁ ରଦ୍ଦ କରିସାରିଛନ୍ତି। ଆମେରିକା ସୁପ୍ରିମକୋର୍ଟ ସେତେବେଳେ ସ୍ପଷ୍ଟ ଭାବେ କହିଥିଲେ ଯେ, ରାଷ୍ଟ୍ରପତିଙ୍କ ଜରୁରୀକାଳୀନ ଅର୍ଥନୈତିକ କ୍ଷମତା ଅସୀମିତ ନୁହେଁ। ଅନ୍ୟପକ୍ଷେ କ୍ଷୁଦ୍ର ବ୍ୟବସାୟୀମାନେ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ ୧୦% ଟାରିଫ୍ ସମ୍ବନ୍ଧୀୟ ନୂତନ ନିର୍ଦ୍ଦେଶନାମା ସୁପ୍ରିମକୋର୍ଟଙ୍କ ପୁରୁଣା ନିଷ୍ପତ୍ତିକୁ ଏଡ଼ାଇ ଯିବା ପାଇଁ ଅଣାଯାଇଥିଲା। ସରକାର କଂଗ୍ରେସ ଦ୍ୱାରା ପ୍ରଦତ୍ତ କ୍ଷମତାର ଉଲ୍ଲଙ୍ଘନ କରିଛନ୍ତି ବୋଲି କୋର୍ଟ ସ୍ୱୀକାର କରିଛନ୍ତି। ତେବେ ତିନି ଜଣିଆ ସଦସ୍ୟ ବିଶିଷ୍ଟ ପ୍ୟାନେଲ ମଧ୍ୟରୁ ଜଣେ ବିଚାରପତି ଅସହମତି ପ୍ରକାଶ କରି କହିଛନ୍ତି ଯେ ବାଣିଜ୍ୟିକ ବ୍ୟାପାରରେ ରାଷ୍ଟ୍ରପତିଙ୍କ ପାଖରେ କ୍ଷମତା ରହିବା ଉଚିତ୍।

ଭାରତ ପାଇଁ ଆମେରିକା କୋର୍ଟଙ୍କ ଏହି ନିଷ୍ପତ୍ତିର ଅର୍ଥ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏକ ସକାରାତ୍ମକ ସଙ୍କେତ। ଟ୍ରମ୍ପ ସବୁବେଳେ ଭାରତ ସହିତ ବାଣିଜ୍ୟିକ ଚୁକ୍ତି ଏବଂ ଟାରିଫ୍‌କୁ ନେଇ ନିଜର କଡ଼ା ଆଭିମୁଖ୍ୟ ପ୍ରକାଶ କରିଆସିଛନ୍ତି। ଯଦି ଆମେରିକାରେ ଏହି ଗ୍ଲୋବାଲ୍ ଟାରିଫ୍ ନୀତି ଦୁର୍ବଳ ହୁଏ, ତେବେ ଆମେରିକୀୟ ବଜାରରେ ଭାରତୀୟ ସାମଗ୍ରୀର ପହଞ୍ଚ ସହଜ ହେବ। ଏତଦ୍‌ବ୍ୟତୀତ ଟାରିଫ୍ କାରଣରୁ ସାମଗ୍ରୀର ମୂଲ୍ୟରେ ଯେଉଁ ଅହେତୁକ ବୃଦ୍ଧିର ଭୟ ରହିଥିଲା, ତାହା ଏବେ ହ୍ରାସ ପାଇବ। ବିଶେଷ କରି ଟେକ୍ସଟାଇଲ୍ ଏବଂ ଆଇଟି କ୍ଷେତ୍ର, ଚମଡ଼ା ଶିଳ୍ପ ଏବଂ ଇଞ୍ଜିନିୟରିଂ ସାମଗ୍ରୀ ଯାହା ଆମେରିକାକୁ ବହୁଳ ପରିମାଣରେ ରପ୍ତାନି ହୁଏ, ସେଗୁଡ଼ିକ ଏହି ନିଷ୍ପତ୍ତି ଦ୍ୱାରା ଲାଭବାନ ହେବେ। ତେବେ ଗ୍ଲୋବାଲ୍ ସପ୍ଲାଏ ଚେନ୍ ଉପରେ ନିର୍ଭରଶୀଳ କ୍ଷୁଦ୍ର ବ୍ୟବସାୟୀମାନେ ଆମେରିକା କୋର୍ଟଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ବେସିକ୍ ଫନ୍ କମ୍ପାନୀର ସିଇଓ ଜେ ମୟ ଫୋରମ୍ୟାନ୍ କହିଛନ୍ତି ଯେ, ଶସ୍ତା ଏବଂ ସୁରକ୍ଷିତ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ବିଶ୍ୱସ୍ତରୀୟ ଉତ୍ପାଦନ ଉପରେ ନିର୍ଭର କରୁଥିବା ଆମେରିକୀୟ କମ୍ପାନୀଗୁଡିକ ପାଇଁ ଏହା ଏକ ବଡ଼ ବିଜୟ। ତାଙ୍କ କହିବାନୁସାରେ ବେଆଇନ ଟାରିଫ୍ ଯୋଗୁଁ କମ୍ପାନୀଗୁଡିକ ପାଇଁ ବଜାରରେ ତିଷ୍ଠି ରହିବା ଏବଂ ଆଗକୁ ବଢ଼ିବା କଷ୍ଟକର ହେଉଥିଲା। ଏବେ ଏହି ନିଷ୍ପତ୍ତି ଦ୍ୱାରା ସପ୍ଲାଏ ଚେନ୍ ପରିଚାଳନା କରୁଥିବା କମ୍ପାନୀଗୁଡ଼ିକୁ ସ୍ପଷ୍ଟତା ମିଳିବ।

# ତୁଟିଲା କଂଗ୍ରେସ-ଡିଏମ୍‌କେ ସମ୍ପର୍କ

## ଲୋକସଭାରେ ବି ପଡ଼ିବ ପ୍ରଭାବ, ଆଉ ଏକାଠି ବସିବେନି

**ନୂଆଦିଲ୍ଲୀ, ଚେନ୍ନାଇ,୮।୫/ଏଜେନ୍ସି:** ତାମିଲନାଡୁ ରାଜନୀତିରେ ଏକ ବଡ଼ ଧରଣର ବିପର୍ଯ୍ୟୟ ଦେଖିବାକୁ ମିଳିଛି। କଂଗ୍ରେସ ସହିତ ଦୀର୍ଘ ଦିନର ସମ୍ପର୍କ ଶେଷ କରିଛି ଡିଏମ୍‌କେ। ଏନେଇ ଡିଏମ୍‌କେ ସାଂସଦ କାନିମୋଝି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି ଦଳର ସଦସ୍ୟମାନଙ୍କ ପାଇଁ ପୃଥକ୍ ବସିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। କାନିମୋଝି ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ‘ରାଜନୈତିକ ପରିସ୍ଥିତିରେ ପରିବର୍ତ୍ତନ ଆସିଥିବାରୁ କଂଗ୍ରେସ ସହ ଆମର ମେଣ୍ଟ ଶେଷ ହୋଇଛି। ତେଣୁ ଗୃହରେ କଂଗ୍ରେସ ସଦସ୍ୟଙ୍କ ପାଖରେ ଡିଏମ୍‌କେ ସାଂସଦମାନେ ବସିବା ଆଉ ଉଚିତ ହେବନାହିଁ। ଆମ ପାଇଁ ଅଲଗା ବସିବା ସ୍ଥାନ ନିରୂପଣ କରାଯାଉ।’ ମୋଟାମୋଟି ଭାବେ ଡିଏମ୍‌କେ ଏବଂ କଂଗ୍ରେସ ମଧ୍ୟରେ ୨୦୧୬ରୁ ଚାଲିଆସୁଥିବା ମେଣ୍ଟର ଅନ୍ତ ଘଟିଛି।

ତାମିଲନାଡୁରେ ଥଲାପତି ବିଜୟଙ୍କ ନେତୃତ୍ୱାଧୀନ ଦଳ ଟିଭିକେକୁ ସରକାର ଗଠନ ପାଇଁ କଂଗ୍ରେସ ସମର୍ଥନ କରିଛି। ଏପରିକି ଡିଏମ୍‌କେକୁ ସାଇଡ୍ କରି ଏକଚାଟିଆ ଭାବେ ଟିଭିକେ ସହ ଯିବାପାଇଁ ନିଷ୍ପତ୍ତି ନେଇଛି। ତେବେ କଂଗ୍ରେସର ଏହି ନିଷ୍ପତ୍ତିରେ ଡିଏମ୍‌କେ ନିଜକୁ ଅପମାନିତ ମନେ କରୁଛି। ଡିଏମ୍‌କେ ନେତାମାନେ କଂଗ୍ରେସକୁ ‘ପଛରୁ ଛୁରୀ ମାରିଥିବା’ ବା ‘ବିଶ୍ୱାସଘାତକ’ ବୋଲି ସମ୍ବୋଧନ କରିଛନ୍ତି। ଡିଏମ୍‌କେ ମୁଖପାତ୍ର ସାରଭାନନ୍ ଅନ୍ନାଦୁରାଇ କହିଛନ୍ତି ଯେ, କଂଗ୍ରେସ କେବଳ ଡିଏମ୍‌କେ ମେଣ୍ଟ ଯୋଗୁଁ ବିଗତ ନିର୍ବାଚନରେ ୫ଟି ଆସନ ଜିତିପାରିଛି, ନଚେତ୍ ସେମାନେ ଶୂନରେ ସୀମିତ ରହିଥାନ୍ତେ। ତେବେ ଏସବୁ ଘଟଣାକୁ ନେଇ ବିରୋଧୀ ଇଣ୍ଡିଆ ମେଣ୍ଟରେ ବଡ଼ ଫାଟ ଦେଖାଦେଇଛି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ କଂଗ୍ରେସ ଉପରେ ପରୋକ୍ଷରେ ବର୍ଷିଛନ୍ତି। ସେ ଏମ୍‌କେ. ଷ୍ଟାଲିନ୍ ଏବଂ ମମତା ବାନାର୍ଜୀଙ୍କ ସହ ଫଟୋ ସେୟାର କରି ଲେଖିଛନ୍ତି, ‘ଆମେ ସେହି ଲୋକ ନୁହେଁ, ଯେଉଁମାନେ ଅସୁବିଧା ସମୟରେ ସାଥୀଙ୍କ ହାତ ଛାଡ଼ି ଦିଅନ୍ତି।’ ତାଙ୍କର ଏହି କଟାକ୍ଷ କଂଗ୍ରେସ ସାଂସଦ ତଥା ନେତା ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ବୋଲି ସ୍ପଷ୍ଟ ପ୍ରତୀତ ହେଉଛି।

# ଭାଙ୍ଗିଦେଲେ ୮୦୦ ବର୍ଷ ପୁରୁଣା ଶିବ ମନ୍ଦିର

**ୱାରାଙ୍ଗଲ (ତେଲେଙ୍ଗାନା),୮।୫/ଏଜେନ୍ସି:** ତେଲେଙ୍ଗାନାରେ ଏକ ସ୍କୁଲ ପାଇଁ ୮୦୦ ବର୍ଷର ପୁରୁଣା ଶିବ ମନ୍ଦିର ଭଙ୍ଗାଯିବା ଘଟଣା ଦେଶବ୍ୟାପୀ ଏକ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଛି। ଗୋଟିଏ ପକ୍ଷ ଏହାକୁ ନେଇ ତୀବ୍ର ଅସନ୍ତୋଷ ତଥା କ୍ଷୋଭ ପ୍ରକାଶ କରୁଥିବା ବେଳେ ଅନ୍ୟ ଏକ ପକ୍ଷ ଏହାକୁ ଯଥାର୍ଥ ବୋଲି ଯୁକ୍ତି ବାଢୁଛନ୍ତି। ରିପୋର୍ଟ ଅନୁସାରେ ତେଲେଙ୍ଗାନାର ଜିଲ୍ଲାରେ ଏକ ୮୦୦ ବର୍ଷର ପୁରୁଣା କାକତୀୟ ଯୁଗର ଶିବ ମନ୍ଦିରକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକ ଏବଂ ଐତିହାସିକମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଖାନାପୁର ମଣ୍ଡଳର ଅଶୋକ ନଗରରେ ଏକ ସରକାରୀ ସ୍କୁଲ ନିର୍ମାଣ ପାଇଁ ଜମି ସଫା କରିବା ସମୟରେ ଏହି ମନ୍ଦିରକୁ ବୁଲଡୋଜର ସାହାଯ୍ୟରେ ଭାଙ୍ଗି ଦିଆଯାଇଥିବା କୁହାଯାଉଛି। ତେବେ ଏହି ମନ୍ଦିରକୁ ଭଙ୍ଗାଯିବା ଘଟଣା ପରେ ଜାତୀୟ ସ୍ମାରକୀ ପ୍ରାଧିକରଣ ଠାରେ ଏକ ଅଭିଯୋଗ କରାଯାଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଏକ ମାମଲା ରୁଜୁ କରିଛନ୍ତି। ‘ତେଲେଙ୍ଗାନା ହେରିଟେଜ୍ ଆକ୍ଟ’ର ଧାରା ୩୦ ଅନୁଯାୟୀ ସେହି ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି, ଯେଉଁମାନେ ବିନା ଅନୁମତିରେ ଏହି ଭଙ୍ଗାକାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଜନସାଧାରଣଙ୍କ ଆକ୍ରୋଶ ଦେଖି ୱାରାଙ୍ଗଲ ଜିଲ୍ଲାପାଳ ଡକ୍ଟର ସତ୍ୟ ଶାରଦା ଏବଂ ନରସାମପେଟ ବିଧାୟକ ଦୋନ୍ତି ମାଧବ ରେଡ୍ଡୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।



# ମାଲାବାର୍ ପକ୍ଷରୁ ଭୁବନେଶ୍ୱର ଶୋ’ରୁମ୍‌ରେ ‘ବ୍ରାଇଡାଲ୍ ଶୋ’




**ଭୁବନେଶ୍ୱର,୮।୫/ଏଜେନ୍ସି:** ବିଶ୍ୱର ଅନ୍ୟତମ ବୃହତ୍ତମ ଏବଂ ବିଶ୍ୱାସଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ‘ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍’ ପକ୍ଷରୁ ଏହାର ସହୀଦ ନଗର, ଭୁବନେଶ୍ୱର ଶୋ’ରୁମ୍‌ରେ ‘ବ୍ରାଇଡାଲ୍ ଶୋ’ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ୭ ମେ’ ୨୦୨୬ ରୁ ୧୭ ମେ” ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରମୁଖ ବିବାହ ଅଳଙ୍କାର ଅଭିଯାନ ଅଧୀନରେ ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଚଳିତ ବର୍ଷ ସୁନା, ହୀରା, ପୋଲ୍‌କି ଏବଂ ମୂଲ୍ୟବାନ ରତ୍ନ ପଥରର ସ୍ୱତନ୍ତ୍ର ଅଳଙ୍କାର ସଂଗ୍ରହ ପ୍ରଦର୍ଶିତ କରିଛି। ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଅଭିନେତ୍ରୀ ସୋମା ହୋତା ଏବଂ ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ପରିଚାଳନା କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ଶୋ’ର ଶୁଭାରମ୍ଭ କରାଯାଇଛି। ତେବେ ଏହି ବ୍ରାଇଡାଲ୍ ଶୋ’ ଗ୍ରାହକମାନଙ୍କୁ କଳାକାରିତା ଏବଂ ମୂଲ୍ୟର ସଠିକ୍ ମିଶ୍ରଣରେ ପ୍ରସ୍ତୁତ ଅଳଙ୍କାରରେ ପୁଞ୍ଜିନିବେଶ କରିବାର ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ଏହାବ୍ୟତୀତ, ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ ଏକ ଅଗ୍ରୀମ ବୁକିଂ ସୁବିଧା ମଧ୍ୟ ଦିଆଯାଉଛି, ଯେଉଁଠାରେ ଗ୍ରାହକମାନେ ମାତ୍ର ୧୦% ଅଗ୍ରୀମ ଅର୍ଥ ଦେଇ ଅଳଙ୍କାର ବୁକ୍ କରିପାରିବେ। ଗ୍ରାହକମାନେ ବୁକିଂ ସମୟର ମୂଲ୍ୟ କିମ୍ବା କ୍ରୟ ସମୟର ଚଳିତ ବଜାର ମୂଲ୍ୟ ମଧ୍ୟରୁ ଯେଉଁଟି କମ୍ ଥିବ, ସେହି ମୂଲ୍ୟରେ ଅଳଙ୍କାର ପାଇପାରିବେ। ମାଲାବାର୍ ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି ଯେ, ‘ଆମର ନୂତନ ଡିଜାଇନ୍ ଏବଂ ଆକର୍ଷଣୀୟ ଅଫର୍ ଯୋଗୁଁ ‘ବ୍ରାଇଡାଲ୍ ଶୋ’ ଅଭିଯାନ ନୂତନ ଯୁଗର କନ୍ୟାମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଛି। ଗୁଣବତ୍ତା ଏବଂ ଶୁଦ୍ଧତାର ନିଶ୍ଚିତତା ସହିତ ଆମର ଏହି ବିବାହ ଅଳଙ୍କାର ସଂଗ୍ରହ ଗ୍ରାହକଙ୍କୁ ପସନ୍ଦ ଆସିବ ବୋଲି ଆମର ଆଶା ରହିଛି।

୧୯୯୩ ମସିହାରେ ସ୍ଥାପିତ ଏହି କମ୍ପାନୀ ବର୍ତ୍ତମାନ ବିଶ୍ୱର ଅନ୍ୟତମ ବୃହତ୍ ଅଳଙ୍କାର ଖୁଚୁରା ବିକ୍ରେତା। ବାର୍ଷିକ ୯.୪୧ ବିଲିୟନ ଡଲାରର କାରବାର ସହିତ ଏହା ୧୪ଟି ଦେଶରେ ୪୪୫ରୁ ଅଧିକ ଶୋ’ରୁମ୍ ପରିଚାଳନା କରୁଛି। ଭାରତ, ମଧ୍ୟପ୍ରାଚ୍ୟ, ଦୂର ପ୍ରାଚ୍ୟ, ଆମେରିକା, ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡରେ ଏହାର ଉପସ୍ଥିତି ରହିଛି, ଯାହାକି ଏହାର ଅଫିସ୍, ଡିଜାଇନ୍ ସେଣ୍ଟର, ହୋଲସେଲ୍ ୟୁନିଟ୍ ଏବଂ ଉତ୍ପାଦନ କେନ୍ଦ୍ରଗୁଡ଼ିକର ଏକ ଶକ୍ତିଶାଳୀ ନେଟୱର୍କ ଦ୍ୱାରା ପରିଚାଳିତ। ଏହି ଗ୍ରୁପ୍ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗୃହ ନିର୍ମାଣ, କ୍ଷୁଧା ନିବାରଣ, ମହିଳା ସଶକ୍ତିକରଣ ଏବଂ ପରିବେଶ ଦାୟିତ୍ୱବୋଧ ଉପରେ ବିଶେଷ ଧ୍ୟାନ ଦେଇ ଇଏସ୍‌ଜି-ଆଧାରିତ ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧ ରହିଛି ଏବଂ ଏହାର ଲାଭର ୫% ସାମାଜିକ କଲ୍ୟାଣକାରୀ କାର୍ଯ୍ୟ ପାଇଁ ବିନିଯୋଗ କରିଥାଏ।

# ପଶ୍ଚିମବଙ୍ଗରେ ଏକ ନୂତନ ସୂର୍ଯ୍ୟୋଦୟ

“ହେ ନୁତୋନ, ଦେଖା ଦିକ ଆର-ବାର, ଜୋନ୍ମେରୋ ପ୍ରୋଥୋମୋ ଶୁଭୋକ୍ଷୋଣ”- (ହେ ନବୀନ, ପୁଣିଥରେ ସାମ୍ନାକୁ ଆସ, ଠିକ୍ ସେହିପରି ଯେପରି ଜନ୍ମ ସମୟରେ ସେହି ପ୍ରଥମ ଶୁଭ ମୁହୂର୍ତ୍ତ ଆସିଥିଲା।)

ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କର ଏକ ପଙ୍‌କ୍ତି କେବଳ ଏକ କବିତାର ଅଂଶବିଶେଷ ନୁହେଁ, ବରଂ ବିଭିନ୍ନ ସମୟରେ ସ୍ୱତଃପ୍ରବୃତ୍ତ ଭାବେ ବଦଳୁଥିବା ଏବଂ ନୂତନ ରୂପ ନେଉଥିବା ବଙ୍ଗୀୟ ଆତ୍ମାର ଆହ୍ୱାନ ମଧ୍ୟ। ଗୁରୁଦେବ ଭଲ ଭାବେ ଜାଣିଥିଲେ ଯେ, ବଙ୍ଗ ସମୟ ସହିତ ପରିବର୍ତ୍ତିତ ହୁଏ ନାହିଁ, ବରଂ ଏହା ବାରମ୍ବାର ଉନ୍ନତ ଏବଂ ନୂତନ ରୂପରେ ପ୍ରସ୍ଫୁଟିତ ହୋଇଥାଏ। ଗୁରୁଦେବଙ୍କ ଜନ୍ମବାର୍ଷିକୀରେ ଗାନ କରାଯାଇଥିବା ଏହି କବିତାଟି ନବଜାଗରଣ ଏବଂ ନବଚେତନାର ପ୍ରତୀକ। ଏହି ପ୍ରାର୍ଥନା ପୁରୁଣା ରୁଢ଼ିବାଦୀ ଧାରଣାକୁ ଭାଙ୍ଗି ନୂତନ, ଉଜ୍ଜ୍ୱଳ ଏବଂ ସୃଜନଶୀଳ ଚିନ୍ତାଧାରା ଗ୍ରହଣ କରିବା ପାଇଁ ଏକ ଆହ୍ୱାନ ମଧ୍ୟ।

ଏହା ଏକ ସୁଖଦ ସଂଯୋଗ ଯେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୫ତମ ଜନ୍ମବାର୍ଷିକୀର କିଛିଦିନ ପୂର୍ବରୁ, ପଶ୍ଚିମବଙ୍ଗ ଅନେକ ଦଶନ୍ଧି ପରେ ଏକ ନବଜାଗରଣର ସାକ୍ଷୀ ହେଉଛି। ମଇ ୪ ତାରିଖରେ, ଭାରତୀୟ ଜନତା ପାର୍ଟି (ବିଜେପି) ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏକ ଐତିହାସିକ ବିଜୟ ହାସଲ କରିଛି। କିନ୍ତୁ ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ, ଏହି ନିର୍ବାଚନ କେବେବି କେବଳ ଏକ ରାଜନୈତିକ ପ୍ରତିଯୋଗିତା ନଥିଲା। ଏହା ଏ ମହାନ ଭୂମିର ହଜିଯାଇଥିବା ଗୌରବକୁ ପୁନରୁଦ୍ଧାର କରିବାର ଏକ ସୁଯୋଗ ଥିଲା- ଏପରି ଏକ ସଭ୍ୟତାଗତ ଆହ୍ୱାନ ଥିଲା ଯାହା ନିର୍ବାଚନୀ ସମୀକରଣ ଏବଂ ଗଣନା ଠାରୁ ଊର୍ଦ୍ଧ୍ୱରେ।

ଆଜି, ଯେତେବେଳେ ପଶ୍ଚିମବଙ୍ଗର ଚେତନା ଏବଂ ଗୌରବର ନୂତନ ସୂର୍ଯ୍ୟୋଦୟ ହେଉଛି, ଆମକୁ ବୁଝିବାକୁ ପଡିବ ଯେ ବଙ୍ଗ କ’ଣ ଏବଂ ବଙ୍ଗ ଚେତନାର ନବଜାଗରଣ କାହାକୁ କୁହାଯାଏ। ଏଥିପାଇଁ ବଙ୍ଗର ଶହ ଶହ ବର୍ଷ ପୁରୁଣା ଚେତନାକୁ ବୁଝିବା ଏବଂ ଜାଣିବା ଆବଶ୍ୟକ।



**ରାଜନାଥ ସିଂ**
ପ୍ରତିରକ୍ଷା ମନ୍ତ୍ରୀ

ବଙ୍ଗ ସାମାଜିକ ଚେତନାର କେନ୍ଦ୍ର ହେବା ପୂର୍ବରୁ, ଜ୍ଞାନ ଏବଂ ଆଧ୍ୟାତ୍ମିକତାର ଏକ ପବିତ୍ର ଭୂମି ଥିଲା। ପଞ୍ଚଦଶ ଶତାବ୍ଦୀରେ, ନବଦ୍ୱୀପର ଗଙ୍ଗାନଦୀ କୂଳରେ, ଜଣେ ଯୁବ ସନ୍ନ୍ୟାସୀ ନିମାଇଁ ନିଜ କୀର୍ତ୍ତନ ମାଧ୍ୟମରେ ସମାଜକୁ ଏକ ନୂତନ ଦିଗଦର୍ଶନ ଦେଇଥିଲେ। ଆଜି, ଆମେ ସେହି ଯୁବସନ୍ନ୍ୟାସୀଙ୍କୁ ଆଦି ସନ୍ଥ ଚୈତନ୍ୟ ମହାପ୍ରଭୁ ଭାବରେ ଜାଣୁ। ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ପ୍ରଦର୍ଶିତ ଭକ୍ତି ମାର୍ଗ କେବଳ ଆଧ୍ୟାତ୍ମିକ ଶାନ୍ତି ପ୍ରାପ୍ତ କରିବାର ଏକ ମାଧ୍ୟମ ନୁହେଁ ବରଂ ସାମାଜିକ ସମନ୍ୱୟ ପାଇଁ ଏକ ଅଭିଯାନ ମଧ୍ୟ ଥିଲା। ଚୈତନ୍ୟ ମହାପ୍ରଭୁ ଜାତିଗତ ଏବଂ ଉଚ୍ଚ ନୀଚର ବନ୍ଧନକୁ ଭାଙ୍ଗିଦେଇଥିଲେ। ତାଙ୍କ ଦ୍ୱାରା ପ୍ରବାହିତ ବୈଷ୍ଣବ ପରମ୍ପରା ସମାଜକୁ କରୁଣା, ସମାବେଶ, ସମାନତା ଏବଂ ସଦ୍ଭାବନା ଉପରେ ଗୁରୁତ୍ୱ ଦେଇଥିଲା।

ଏହି ଚେତନା ବାଉଲ ପରମ୍ପରାରେ ମଧ୍ୟ ଦେଖିବାକୁ ମିଳିଥିଲା। ବାଉଲ ପରମ୍ପରାର ଫକୀରମାନଙ୍କ ପରିଚୟ ଜାତି, ଧର୍ମ କିମ୍ବା କୌଣସି ଶାସ୍ତ୍ର ଦ୍ୱାରା ପରିଭାଷିତ ହେଉନଥିଲା, ବରଂ ସେମାନଙ୍କର ମାନବିକତା ଭାବନା ଦ୍ୱାରା ସେମାନେ ପରିଚିତ ହେଉଥିଲେ। ଲାଲନ ଫକୀର ବାଉଲ ପରମ୍ପରାର ସର୍ବଶ୍ରେଷ୍ଠ ପ୍ରବକ୍ତା ଥିଲେ। ସେ କେଉଁ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିଲେ, ସେହି ପ୍ରଶ୍ନ କେବେ ମହତ୍ୱପୂର୍ଣ୍ଣ ନଥିଲା। ସେ ହିନ୍ଦୁ ସମାଜରେ ପ୍ରଚଳିତ ଜାତିପ୍ରଥାକୁ ବିରୋଧ କରିଥିଲେ ଏବଂ ମୁସଲିମସମାଜ ମଧ୍ୟରେ ରହିଥିବା ଭେଦଭାବ ବିରୁଦ୍ଧରେ ସ୍ୱର ଉଠାଇଥିଲେ। ସେ ବଙ୍ଗର ସେହି ସାଂସ୍କୃତିକ ଚେତନାର ପ୍ରତୀକ ଥିଲେ ଯେଉଁଥିରେ ସହିଷ୍ଣୁତା ଓ ସହାବସ୍ଥାନର ଭାବନା ସମାହିତ ଥିଲା।

ବିଗତ ତିନି ଶତାବ୍ଦୀ ମଧ୍ୟରେ, ବଙ୍ଗ ଓ ବଙ୍ଗର ଲୋକମାନେ କେବଳ ଭାରତର ସାମାଜିକ ନବଜାଗରଣରେ ଭାଗ ନେଇନଥିଲେ, ବରଂ ଏହାର ନେତୃତ୍ୱ ମଧ୍ୟ ନେଇଥିଲେ। ଯେତେବେଳେ ସମାଜ ଏହାର ଜଡତା, କୁପ୍ରଥା ଏବଂ ବିକୃତ ପରମ୍ପରା ଦ୍ୱାରା ଭାରାକ୍ରାନ୍ତ ଥିଲା, ରାଜା ରାମମୋହନ ରାୟ ପରମ୍ପରାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିନଥିଲେ କିମ୍ବା ଅଯୌକ୍ତିକ ଭାବରେ ଏହାକୁ ଯଥାର୍ଥ ବୋଲି କହିନଥିଲେ। ସେ ଲୋକମାନଙ୍କୁ ଆତ୍ମବୋଧ କରାଇ, ସମାଜକୁ ଭିତରରୁ ସଂସ୍କାର କରିବାର ପଥ ବାଛିଥିଲେ। ତାଙ୍କର ବାର୍ତ୍ତା ସ୍ପଷ୍ଟ ଥିଲା: ସମାଜର ପୁନର୍ଜନ୍ମ ବାହାରୁ ନୁହେଁ ବରଂ ଭିତର ଚେତନାରୁ ହୋଇଥାଏ। ସତୀଦାହପ୍ରଥା ଭଳି ଅମାନବୀୟ କୁପ୍ରଥା ବିରୁଦ୍ଧରେ ତାଙ୍କର ସଂଘର୍ଷ କେବଳ ସାମାଜିକ ସଂସ୍କାର ପାଇଁ ଏକ ଆନ୍ଦୋଳନନଥିଲା, ବରଂ ଭାରତୀୟ ଆତ୍ମାକୁ ପୁନର୍ଜୀବିତ କରିବା ପାଇଁ ଏକ ତପସ୍ୟା ଥିଲା। ଈଶ୍ୱର ଚନ୍ଦ୍ରବିଦ୍ୟାସାଗର ଏହି କାର୍ଯ୍ୟକୁ ଆଗକୁ ବଢ଼ାଇଥିଲେ। ସେ ଶିକ୍ଷାକୁ କେବଳ ଜ୍ଞାନ ପ୍ରାପ୍ତିର ଏକ ମାଧ୍ୟମ ନୁହେଁ, ବରଂ ମୁକ୍ତିର ଏକମନ୍ତ୍ରରେ ପରିଣତ କରିଥିଲେ। ସେ ଶିକ୍ଷାକୁ ମହିଳାମାନଙ୍କ ଉତ୍ଥାନ, ସଶକ୍ତିକରଣ ଏବଂ ମୁକ୍ତିର ଏକ ମାଧ୍ୟମ ଭାବରେ ପରିଣତ କରିଥିଲେ।

ବଙ୍ଗର ଅନ୍ୟତମ ମହାପୁରୁଷ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ହିଁ ଦେଶକୁ ‘ବନ୍ଦେମାତରମ’ ଅମର ମନ୍ତ୍ର ଦେଇଥିଲେ। “ବନ୍ଦେମାତରମ୍” ଗୀତଟି ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ଲଢ଼ିବାକୁ ଶକ୍ତି ଦେଇଥିଲା ଏବଂ ଶହ ଶହ ବର୍ଷ ଧରି ଶୋଇଥିବା ଏକଜାତିକୁ ଜାଗ୍ରତ କରିଥିଲା। ଏହି ଗୀତଟି ଏବେବି ଭାରତର ଅନ୍ତରାତ୍ମା ସହ ପ୍ରତିଧ୍ୱନିତ ହୁଏ। ବଙ୍ଗ ଭାରତର ପ୍ରଥମ ମହିଳା ଚିକିତ୍ସକ ଡକ୍ଟର କାଦମ୍ବିନୀ ଗାଙ୍ଗୁଲିଙ୍କୁ ମଧ୍ୟ ଜନ୍ମ ଦେଇଥିଲା, ଯିଏ ସମସ୍ତଙ୍କୁ, ବିଶେଷକରି ମହିଳାମାନଙ୍କୁ ପ୍ରେରଣା ଦେଇଥିଲେ। ବଙ୍ଗ ମାଟିରେ ଜନ୍ମଗ୍ରହଣ କରିଥିବା ପ୍ରଖର ରାଷ୍ଟ୍ରବାଦୀ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଭାରତର ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ।

ବଙ୍ଗ ଯେତେ ଅସାଧାରଣ ପ୍ରତିଭା ଏବଂ ମହାପୁରୁଷମାନଙ୍କୁ ଜନ୍ମ ଦେଇଛି ସେମାନଙ୍କ ମଧ୍ୟରୁ ହୁଏତ ସବୁଠାରୁ ପ୍ରସିଦ୍ଧ ଏବଂ ପ୍ରବୁଦ୍ଧ ହେଉଛନ୍ତି ସ୍ୱାମୀବିବେକାନନ୍ଦ। ଚିକାଗୋ ଠାରେ ୧୮୯୩ ମସିହାରେ ବିଶ୍ୱ ଧର୍ମ ସଂସଦରେ ତାଙ୍କର ଭାଷଣ ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ସେ ସମଗ୍ର ବିଶ୍ୱକୁ ବେଦାନ୍ତ ଏବଂ ଭାରତର ମହାନ ସଭ୍ୟତା ମୂଲ୍ୟବୋଧ ସହିତ ପରିଚିତ କରାଇଥିଲେ। ସେ ହିନ୍ଦୁ ଧର୍ମର ମହାନତା ବିଷୟରେ ବର୍ଣ୍ଣନା କରିବା ସହିତ ଧାର୍ମିକ ସହନଶୀଳତା ଅବଲମ୍ବନ କରିବା ଏବଂ ଧର୍ମାନ୍ଧତା ଦୂର କରିବା ଲାଗି ଆହ୍ୱାନ ଦେଇଥିଲେ। ସେଠାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେ ଏପରି କିଛି କଥା ଦେଶବାସୀଙ୍କୁ କହିଥିଲେ - ଶକ୍ତିବିନା ଆଧ୍ୟାତ୍ମିକତା ହେଉଛି ଭାବପ୍ରବଣତା, ଜଣେ ଭୋକିଲା ପୁରୁଷକୁ ଦର୍ଶନ ଶିକ୍ଷା ଦିଆଯାଇପାରିବ ନାହିଁ, ଦେବୀଙ୍କୁ କେବଳ ମନ୍ଦିରରେ ନୁହେଁ ବରଂ ମହିଳା, ଗରିବ, ରାଷ୍ଟ୍ର ରୂପରେ ପୂଜା କରାଯିବା ଉଚିତ୍।

ଏହା ହିଁ ବଙ୍ଗର ପରିଚୟ। ବଙ୍ଗ ସବୁବେଳେ ନିଜକୁ ଏହି ରୂପରେ ବ୍ୟକ୍ତ କରିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଙ୍ଗଳା ପାଇଁ ଏହି ଦୃଷ୍ଟିକୋଣ ରଖିଛନ୍ତି। ଏହା ଅତୀତକୁ ଫେରିଯିବାର ଆକାଂକ୍ଷା ନୁହେଁ, କିମ୍ବା ଆଧୁନିକତାର ପଛରେ ପଡ଼ି ଏକ ବିଦେଶୀ ସଭ୍ୟତାର ଛାୟା ହେବାର ଲାଳସା ନୁହେଁ। ଏହା ଏକ ଦୃଷ୍ଟିକୋଣ ଯାହା ବଙ୍ଗକୁ ପୁନର୍ବାର ଜାଗ୍ରତ କରିବାକୁ ଚେଷ୍ଟାକରେ ଯାହାଦ୍ୱାରା ରାଜ୍ୟ ତାର ପୂର୍ଣ୍ଣ ସାମର୍ଥ୍ୟ ଆଧାରରେ ନିଜର ସର୍ବୋଚ୍ଚ ବୈଭବ ହାସଲ କରିପାରିବ।

ଦୁର୍ଭାଗ୍ୟବଶତଃ, ବହୁତ ଦିନ ଧରି, ବଙ୍ଗର କିଛି ବୁଦ୍ଧିଜୀବୀ ଓ ରାଜନୈତିକ ବର୍ଗ ନିଜର ସାଂସ୍କୃତିକ ଐତିହ୍ୟକୁ ବୋଝ ବୋଲି ମନେକରୁଥିଲେ ଏବଂ ଏହାକୁ ହୀନଦୃଷ୍ଟିରେ ଦେଖୁଥିଲେ। ଯେଉଁମାନେ ବଙ୍ଗର ସଭ୍ୟତା, ଧର୍ମ, ସଂସ୍କୃତି ଏବଂ ଚେତନାର କଥା କହୁଥିଲେ ସେମାନଙ୍କୁ ଦମନ କରାଯାଇଥିଲା ଏବଂ ସେମାନଙ୍କ ସ୍ୱରକୁ ଦମନ କରାଯାଇଥିଲା। ପରମ୍ପରାକୁ ପଛୁଆ ବୋଲି ବିବେଚନା କରାଯାଇଥିଲା। ଆଧୁନିକତା ନାମରେ ଏକ ଉପନିବେଶବାଦୀ ମାନସିକତାକୁ ପ୍ରୋତ୍ସାହିତ କରାଯାଇଥିଲା। ଫଳସ୍ୱରୂପ, ପଶ୍ଚିମବଙ୍ଗ ଅନେକ ଦଶନ୍ଧି ଧରି ଅସ୍ଥିରତା, ଅରାଜକତା, ବିକାଶହୀନତା, ସାଂଗଠନିକ ଅବନତି ଏବଂ ବୈଚାରିକ ଜଡ଼ତା ଭୋଗ କରିଥିଲା।

ପଶ୍ଚିମବଙ୍ଗରେ ଏହି ନିର୍ବାଚନ ଓ ପରିବର୍ତ୍ତନ କେବଳ ରାଜନୈତିକ କ୍ଷମତାର ହସ୍ତାନ୍ତର ନୁହେଁ। ଏହା ବଙ୍ଗକୁ ଏହାର ମୂଳଦୁଆ ଠାରୁ ଦୂରେଇ ରଖିଥିବା ଲୋକଙ୍କ ବିରୁଦ୍ଧରେ ଏକଜନାଦେଶ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ କ୍ଷମତା ପାଇଁ ଲଢ଼େଇ ନୁହେଁ, ବରଂ ପଶ୍ଚିମବଙ୍ଗର ଗୌରବ ଓ ଐତିହ୍ୟକୁ ପୁନରୁଦ୍ଧାର କରିବା ପାଇଁ ଏକ ଯଜ୍ଞ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବେଲୁର ମଠ ସହିତ ଆଧ୍ୟାତ୍ମିକ ସମ୍ପର୍କ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ତାଙ୍କର ଅପାର ଶ୍ରଦ୍ଧା ଏବଂ ସୁଶାସନକୁ ‘ସେବା’ରୂପରେ ଦେଖିବାର ତାଙ୍କର ଦୃଷ୍ଟିକୋଣ - ଏସବୁ ପ୍ରମାଣ ଯେ ‘ପ୍ରଧାନସେବକ’ ବଙ୍ଗର ବିକାଶ ଏବଂ ପୁନର୍ଜାଗରଣକୁ ଏକ ପବିତ୍ର ଦାୟିତ୍ୱ ବୋଲି ବିବେଚନା କରନ୍ତି। ଏହାକୁ ସେ ତାଙ୍କର ‘ପ୍ରଧାନଧର୍ମ’ ଏବଂ ‘ପ୍ରଧାନକର୍ମ’ରୂପେ ପାଳନ କରୁଛନ୍ତି।

ତେଣୁ, ବଙ୍ଗର ବିକାଶ ଏବଂ ପୁନଃ ନିର୍ମାଣର ଅର୍ଥ କେବଳ ଅନେକ ଦଶନ୍ଧି ଧରି ଅବହେଳିତ ଏବଂ କ୍ଷତିଗ୍ରସ୍ତ ହୋଇଥିବା ଭିତ୍ତିଭୂମି ନିର୍ମାଣ କରିବା ନୁହେଁ, ବରଂ ସେହି ଘାଟଗୁଡ଼ିକୁ ପୁନରୁଦ୍ଧାର କରିବା ଯେଉଁଠାରେ ଚୈତନ୍ୟ ମହାପ୍ରଭୁଙ୍କ କୀର୍ତ୍ତନ ଏକଦା ଲୋକଙ୍କୁ ଆକର୍ଷିତ କରିଥିଲା। ଏହାର ଅର୍ଥ ସେହିସବୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ସୁଦୃଢ଼ କରିବା ଯାହାର ସ୍ୱପ୍ନ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଦେଖିଥିଲେ। ଏହାର ଅର୍ଥ ଶହ ଶହ ବର୍ଷ ଧରି ବଙ୍ଗରେ ବସବାସ କରୁଥିବା ଆମର ଆଦିବାସୀ ଭାଇଭଉଣୀମାନଙ୍କୁ ମର୍ଯ୍ୟାଦା, ସମ୍ମାନ ଏବଂ ସୁଯୋଗ ଦେବା। ଏହାର ଅର୍ଥ ଦୀର୍ଘ ଦିନ ଧରି ଶାସକ ଦଳ ଦ୍ୱାରା ବୈମାତୃକ ମନୋଭାବ କାରଣରୁ ଅବହେଳିତ ହୋଇ ରହିଥିବା ପାର୍ବତ୍ୟାଞ୍ଚଳର ଲୋକଙ୍କ ଆକାଂକ୍ଷା ପୂରଣ କରିବା।

ଗତକିଛି ଦଶନ୍ଧି ଧରି ଭୟ ଏବଂ କୁଶାସନ ଯୋଗୁଁ ଏପରି ଲାଗୁଥିଲା ଯେପରି ପଶ୍ଚିମବଙ୍ଗର ସୁବର୍ଣ୍ଣ ଯୁଗ ଚାଲିଯାଇଛି। କିନ୍ତୁ ଆଜି, ନୂତନ ଆତ୍ମବିଶ୍ୱାସ ଓ ଶକ୍ତି ସହିତ, ବଙ୍ଗ ପୁଣିଥରେ ସମୃଦ୍ଧି ଓ ଶାନ୍ତିର ଏକ ନୂତନ ଯୁଗରେ ପ୍ରବେଶ କରିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଗଠିତ ପ୍ରଥମ ବିଜେପି ସରକାର ଗୁରୁଦେବଙ୍କ ଦ୍ୱାରା ବର୍ଣ୍ଣିତ “ନୂତନ” ଭାବନା ସହିତ ସେବାର ସଂକଳ୍ପକୁ ନେଇ ଆଗକୁ ବଢ଼ିବ। ବଙ୍ଗର ପ୍ରତିଷ୍ଠା ଓ ସମୃଦ୍ଧି ସହିତ ଏହାର ସାଂସ୍କୃତିକ ଗୌରବ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରିବ।

### ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ

# ପାରସ୍ପରିକ ସମନ୍ୱୟରେ ରଥଯାତ୍ରା ହେବ ସଫଳ

**ପୁରୀ,୮।୫/ଏନ୍ଏନ୍ଏସ୍:** ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖରେ ଓ ବାହୁଡ଼ା ଯାତ୍ରା ଜୁଲାଇ ୨୪ ତାରିଖରେ ଅନୁଷ୍ଠିତ ହେବ। ସୁନାବେଶ ଜୁଲାଇ ୨୫ ଓ ନୀଳାଦ୍ରି ବିଜେ ଜୁଲାଇ ୨୭ ତାରିଖରେ ଅନୁଷ୍ଠିତ ହେବ। ଦେବସ୍ନାନ ପୂର୍ଣ୍ଣିମା ଜୁନ ୨୯ ତାରିଖରେ ଅନୁଷ୍ଠିତ ହେବ। ତେଣୁ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲ ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ପାରସ୍ପରିକ ସମନ୍ୱୟରେ ରଥଯାତ୍ରାକୁ ଆମେ ସଫଳ କରିବା ବୋଲି ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ କହିଥିଲେ। ଚଳିତ ରଥଯାତ୍ରାରେ ପ୍ରତ୍ୟେକଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଶୃଙ୍ଖଳିତ ରଥଯାତ୍ରା ପାଇଁ ବିବିଧ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡ଼ା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତଦେଇ ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ଗତବର୍ଷ ର ୪୭ ଖଣ୍ଡ କାଠ ବଳି ଥିବାରୁ ଆଉ ୮୧୮ ଖଣ୍ଡ କାଠ ଆବଶ୍ୟକ ଥିଲା। ଇତି ମଧ୍ୟରେ ୭୧୦ ଖଣ୍ଡ କାଠ ପ୍ରାପ୍ତ ହୋଇଛି। ଏହି କାଠଗୁଡିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ବିଭାଗ ଯୋଗାଉଛନ୍ତି। ଚଳିତ ବର୍ଷ ଢେଙ୍କାନାଳ ହିନ୍ଦୋଳରୁ ଚାରମାଳ ପାଇଁ ଅଧିକ ଏକ ସେଟ୍ ତାଳ ଗଛ କାଠ ଅଣାଯିବ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୁରୀ ମହାନଗର ନିଗମ ଅଞ୍ଚଳରେ ୫ ଲକ୍ଷର ବୀମା କରାଯିବ। ଅସ୍ୱାଭାବିକ ମୃତ୍ୟୁ, ଦୁର୍ଘଟଣାଜନିତ ମୃତ୍ୟୁ ଏହି ବୀମା ଅନ୍ତର୍ଭୁକ୍ତ ହେବ। ୧୬୦୦ ମିଟର ବିଭିନ୍ନ ରଙ୍ଗର ରଥ କନା ଆସିବ। ରଥ ଦଉଡ଼ି ପାଇଁ ଓଡ଼ିଶା ସମବାୟ କତା ନିଗମ ପକ୍ଷରୁ ଚଳିତ ମାସ ଶେଷ ସୁଦ୍ଧା ୨୮ ଗୋଟି ରଥ ଟଣା ଦଉଡ଼ି ଏବଂ ୬ ଗୋଟି କଡର୍ନି ଦଉଡ଼ି ପହଞ୍ଚିବ ବୋଲି ସୂଚନା ଦେଇଥିଲେ।

ତେବେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ତେବେ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ପୁରୀ ମହାନଗର ନିଗମ ପକ୍ଷରୁ ସବୁ ସାହି,ସବୁ ବାଇଲେନରେ ଦୁଇ ଥର ଡ୍ରେନ ସଫା ହେବ।

> **ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ବୈଠକରେ ହଟ୍ଟଗୋଳ**
>
> **ରଥଯାତ୍ରାରେ ମୁତୟନ ହେବେ ୨୨୦ ପ୍ଲାଟୁନ ଫୋର୍ସ**
>
> **ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ୍ ରୁମ୍ ସହ ଲାଗିବ ୨୦୦ ସିସି କ୍ୟାମେରା**

ବଡ଼ଦାଣ୍ଡ ସହ ବିଭିନ୍ନ ସ୍ଥାନରେ ଭକ୍ତଙ୍କ ପାଇଁ ୧୦୦୦ ଓ ପୁଲିସ ପାଇଁ ୬୦୦ ଅସ୍ଥାୟୀ ଶୌଚାଳୟ ମିଶାଇ ମୋଟ ୧୬୦୦ ଅସ୍ଥାୟୀ ଶୌଚାଳୟ ହେବ। ଡ୍ରୋନ ଦ୍ୱାରା ମଶା ତେଲ ପକାଜିବ। ସମସ୍ତ ମୁକୁଳା ଡ୍ରେନରେ ସ୍ଲାବ ପକାଯିବ।

ରଥଯାତ୍ରା ସମୟରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ହେବ। ୨୫ଟି ଟାଙ୍କର ସହ ୧୦୦ଟି ପିଭିସି ଟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ହେବ। ବଡଦାଣ୍ଡରେ ୧୮୫ଟି ଡ୍ରିଙ୍କ ଫର୍ମ ଟ୍ୟାପ ବ୍ୟବସ୍ଥା ରହିଛି। ୧୯ଟି ଓଭରହେଡ ଟାଙ୍କିର ପରିଷ୍କାର ଏବଂ ମରାମତି କାର୍ଯ୍ୟ ଜୁନ ଶେଷ ସୁଦ୍ଧା ସମ୍ପନ୍ନ ହେବ। ବଡ଼ଦାଣ୍ଡରେ ଅଗ୍ନି ନିରାପତ୍ତା ପାଇଁ ଆଠଟି ଲୋଡିଙ୍ଗ ପଏଣ୍ଟର ବ୍ୟବସ୍ଥା କରାଯାଇଛି। ପରିବହନ ବିଭାଗ ପକ୍ଷରୁ ରଥଯାତ୍ରା ସମୟରେ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ସହ ହେଲ୍ପ ଡେସ୍କ ରହିବ। ବିଭିନ୍ନ ସ୍ଥାନରେ ୨୩ ଟି କ୍ରେନ୍ ରହିବ। ଗତବର୍ଷ ରେଳ ବିଭାଗ ପକ୍ଷରୁ ୩୬୬ ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିଥିବାବେଳେ ଏବର୍ଷ ୪୦୦ ସ୍ୱତନ୍ତ୍ର ଟ୍ରେନ୍ ଚାଲିବା ପାଇଁ ଲକ୍ଷ୍ୟ ରହିଛି। ସ୍ୱତନ୍ତ୍ର କ୍ରାଉଡ୍ ମ୍ୟାନେଜେମେଣ୍ଟ ପ୍ଲାନ ସହ ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ୬୦ଟି ସ୍ଥାନରେ ଏଲଇଡ଼ି ଡିସପ୍ଲେ ସହ ଟ୍ରେନ ଇଣ୍ଡିକେସନ ବୋର୍ଡ଼ ରହିବ। ଏକ ମାସ ପୂର୍ବରୁ ସିସିଟିଭି କ୍ୟାମେରା ଲାଗି ଡ୍ରାଏ ରନ ହେବ। ରଥଯାତ୍ରା ପାଇଁ ଥ୍ରୀଡ଼ି ମ୍ୟାପିଙ୍ଗ ସହ ସ୍ୱତନ୍ତ୍ର ଆପ୍ କରାଯିବ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରାର ସିଧାସଳଖ ପ୍ରସାରଣ ବ୍ୟବସ୍ଥା, ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା, ଏଲଇଡି ଟିଭି ବ୍ୟବସ୍ଥା, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆୟୁକ୍ତ ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଥିଲେ।

ରଥଯାତ୍ରା ସମୟରେ ଏନଏସଜି କମାଣ୍ଡୋ ସହ ୨୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଆଣ୍ଟି ଡ୍ରୋନ ଟିମ , ଏନଡିଆରଏଫ୍, ଓଡ୍ରାଫ ଆଦି ମୁତୟନ ହେବେ। ପାର୍କିଂ ସଂଖ୍ୟାକୁ ବୃଦ୍ଧି କରାଯିବ। ରାପିଡ ଆକ୍ସନ ଫୋର୍ସ ଅଧିକ ସଂଖ୍ୟାରେ ମୁତୟନ ହେବେ ବୋଲି ବୈଠକରେ ଏସପି ସୂଚନା ଦେଇଥିଲେ। ଏଥିସହ ଅପରାଧୀ ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ସରାଇ ଆପ୍‌ର ସହଯୋଗ ନିଆଯାଇଛି। ଇଣ୍ଟିଗ୍ରେଟେଡ଼ କଣ୍ଟ୍ରୋଲ ରୁମ ସହ ୨୦୦ ରୁ ଅଧିକ ସିସିଟିଭି କ୍ୟାମେରା ଲାଗିବ।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ସତ୍ୟଜିତ ନାୟକ, ଦେବୋତ୍ତର କମିଶନର ସତ୍ୟସୁନ୍ଦର ଷଡ଼ଙ୍ଗୀ, ଏସ୍‌ପି ପ୍ରତୀକ ସିଂ, ପୁରୀ ଡିଏଫଓ ଧନଜୀ ରାଓସୋ ମଗର, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା, ପଞ୍ଚାୟତିରାଜ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଖାଦ୍ୟ ଯୋଗାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା ଡା ମହେଶ ମୋହନ ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା ନୀଳକଣ୍ଠ ମିଶ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ପୁଷ୍ପିତା ମହାନ୍ତି, ପୂର୍ତ୍ତ ବିଭାଗ ଚିଫ ଇଞ୍ଜିନିୟର ଶିବବ୍ରତ ତରାଇ, ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାଶ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ, ସେବାୟତ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ ମହାରଣା, ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ସମନ୍ୱୟ ବୈଠକକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ।



## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ଟିପିଏନ୍ଓଡିଏଲ୍ ସବ୍‌ଷ୍ଟେସନ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୮।୫/ଏନ୍ଏନ୍ଏସ୍:** ଗ୍ରାମୀଣ ବିଦ୍ୟୁତକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଦେଉଳି ଠାରେ ଏକ ନୂତନ ୩୩/୧୧ କେଭି ୧୦ ଏମଭିଏ ପ୍ରାଥମିକ ସବଷ୍ଟେସନ କାର୍ଯ୍ୟକ୍ଷମ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଭାସି ମାଧ୍ୟମରେ ଏହି ସବଷ୍ଟେସନର ଉଦଘାଟନ କରିଛନ୍ତି, ଯାହା ଅଞ୍ଚଳର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ନୂତନ ସବଷ୍ଟେସନ ଦ୍ୱାରା ୬ଟି ପଞ୍ଚାୟତ ଯଥା ଚୁହାଟା, କାନିମହୁଲି, ନୂଆଗାଁ, ଝାଲିଆମରା, ଆଲକୁଦା ଏବଂ ଦେଉଳିର ୧୫,୦୦୦ରୁ ଅଧିକ ପରିବାର ଉପକୃତ ହେବେ। ସ୍ଥାନୀୟ ବାସିନ୍ଦା ଭୋଲଟେଜ୍ ଗୁଣବତ୍ତାରେ ଉନ୍ନତି, ଘରୋଇ ଏବଂ କୃଷି କାର୍ଯ୍ୟ ପାଇଁ ସ୍ଥିର ବିଦ୍ୟୁତ ସେବା, ବାରମ୍ବାର ବିଦ୍ୟୁତ କାଟ୍ ସମସ୍ୟାରୁ ମୁକ୍ତି ପାଇବେ।

ଉଦଘାଟନୀ ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏହି ସବଷ୍ଟେସନ କେବଳ ବିଦ୍ୟୁତ ବ୍ୟବସ୍ଥାକୁ ସୁଦୃଢ଼ କରିବ ନାହିଁ, ବରଂ ପରିବାରଗୁଡ଼ିକୁ ସ୍ଥାୟୀ ଶକ୍ତି ସମାଧାନ ଆପଣେଇବାରେ ସାହାଯ୍ୟ କରିବ। ମୁଁ ଉପଭୋକ୍ତାମାନଙ୍କୁ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାର ସୁଯୋଗ ନେଇ ବିଦ୍ୟୁତ ଖର୍ଚ୍ଚ କମାଇବା ସହ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବାକୁ ଅନୁରୋଧ କରୁଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ନିରନ୍ତର ବିଦ୍ୟୁତ ସେବା ଗ୍ରାମୀଣ ବିକାଶର ମେରୁଦଣ୍ଡ ଏବଂ ଏହା ମୟୂରଭଞ୍ଜର ଲୋକମାନଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବ। ଟିପିଏନ୍ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି ଯେ ଦେଉଳି ପ୍ରକଳ୍ପ ଅଞ୍ଚଳର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ଦିଗରେ ଏକ ରଣନୀତିକ ପଦକ୍ଷେପ। ଏହି ପ୍ରକଳ୍ପଟି ଟିପିଏନ୍ଓଡିଏଲ୍‌ର ବରିଷ୍ଠ ଅଧିକାରୀ, ଯଥା ଚିଫ୍ ପ୍ରୋଜେକ୍ଟ ପ୍ରଦୀପ କୁମାର ମହାନ୍ତି ଏବଂ ଅଧୀକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଛି।

### ରାଜ୍ୟ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ‘ମୋଦୀ ଗ୍ୟାରେଣ୍ଟି ପାଇଁ ଆସାମରେ ବିଜେପି ସରକାର’

**ଭୁବନେଶ୍ୱର,୮।୫/ଏନ୍ଏନ୍ଏସ୍:** ଆସାମ ବିଧାନସଭା ନିର୍ବାଚନ-୨୦୨୬ରେ ବିଜେପି ଐତିହାସିକ ବିଜୟ ଲାଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ତଥା ମାର୍ଗଦର୍ଶନରେ ଆସାମବାସୀ ତୃତୀୟ ଥର ପାଇଁ ବିଜେପି ଉପରେ ଆସ୍ଥା ପ୍ରକଟ କରି ବିପୁଳ ଜନ ସମର୍ଥନ ଜଣାଇଛନ୍ତି। ଆସାମରେ ମୋଦୀ ଗ୍ୟାରେଣ୍ଟି ଏବଂ ଭାରତୀୟ ଜନତାପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ଡବଲ ଇଞ୍ଜିନ୍ ସରକାରର ସଫଳତା କାରଣରୁ ବିଜେପି ଏଠାରେ ୩ୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି । ଏହା ନୂଆ ଭାରତ ପାଇଁ ନୂଆ ମୋଡ। ୨୦୨୪ ସୁଦ୍ଧା ବିକଶିତ ଭାରତ ଗଢ଼ିବା ପାଇଁ ମୋଦିଜୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ପୂରଣ କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ ବୋଲି ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ଆସାମ ପ୍ରଭାରୀ ତଥା ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି। ଆଜି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ବିପୁଳ ସ୍ୱାଗତ ଜଣାଇଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ପଣ୍ଡା ସିଧାସଳଖ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଆସିଥିଲେ। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ କହିଛନ୍ତି ଯେ, ଏହା ପୂର୍ବରୁ ୨୦୨୧ରେ ମଧ୍ୟ ଆସାମ ପ୍ରଭାରୀ ଭାବେ ବିଜେପିକୁ ଜିତାଇବାରେ ଶ୍ରୀ ପଣ୍ଡା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ଜନତା ପାର୍ଟି ଯୋଗ୍ୟ ଲୋକଙ୍କୁ ଯୋଗ୍ୟ ଜାଗାରେ ଦାୟିତ୍ୱ ଦେଇ ନିଖୁଣ ଭାବରେ କାର୍ଯ୍ୟ କରୁଛି ଆସାମରେ ଏହାର ପରିଣାମ ଦେଖିବାକୁ ମିଳିଛି। ଓଡ଼ିଶାର ଜଣେ କାର୍ଯ୍ୟକର୍ତ୍ତା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ଆସାମ ପ୍ରଭାରୀ ତଥା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ସଫଳ ଗୋଟି ଚାଳନା କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ନିଭାଇଛନ୍ତ। ଏନେଇ ତାଙ୍କୁ ଯେତେ ଅଭିନନ୍ଦନ ଜଣାଇଲେ ବି କମ୍ ହେବ। ଏହି ଅବସରରେ ସାଂସଦ ବଳଭଦ୍ର ମାଝୀ, ସୁକାନ୍ତ ପାଣିଗ୍ରାହୀ, ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ଡ. ଯତୀନ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦିକା ଡ. ପ୍ରିତୀପ୍ରତିଭା ଭୋଳ, ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, କଟକ ସଦର ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ସୋସିଆଲ ମିଡିଆ ସଂଯୋଜକ ଉମାକାନ୍ତ ପଟ୍ଟନାୟକ, ଅରିନ୍ଦମ ରାୟଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।



## ବାଲିଅନ୍ତା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ

**ଭୁବନେଶ୍ୱର,୮।୫/ଏନ୍ଏନ୍ଏସ୍:** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଭୁବନେଶ୍ୱରର ବାଲିଅନ୍ତା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଶୁକ୍ରବାର ଶ୍ରୀ ଦାସ୍ ଅଭିଯୋଗ କରିଛନ୍ତି ଯେ, ଏହି ଘଟଣା ସମଗ୍ର ଦେଶରେ ଏକ ନିନ୍ଦନୀୟ ସ୍ଥିତି ଉପୁଜାଇଛି। ଓଡ଼ିଶାରେ ଏକ ଜଙ୍ଗଲରାଜ୍ ଚାଲିଛି। ପୂର୍ବରୁ ରାଜ୍ୟରେ ଏଭଳି ବହୁ ଅମାନବୀୟ ଘଟଣା ଘଟିଚାଲିଥିଲେ ମଧ୍ୟ ରାଜ୍ୟର ଡବଲ ଇଞ୍ଜିନ ସରକାର ଏଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ପୂରା ହାତବାନ୍ଧି ବସିଛନ୍ତି। ଦୁଷ୍କର୍ମ ଅଭିଯୋଗ(ତଦନ୍ତ ସାପେକ୍ଷ) ଘଟଣାରେ ସ୍ପଷ୍ଟ ଦିବାଲୋକରେ ଜଣଙ୍କୁ ହତ୍ୟା କରାଯାଇପାରେ, ଏହା ହିଁ ସୂଚାଇ ଦେଇଛି ଯେ, ରାଜ୍ୟରେ କିଭଳି ଆଇନ, ଶୃଙ୍ଖଳା ପରିସ୍ଥିତି ଉପୁଜିଛି। କିଛି ଦିନ ତଳେ କଣାସ ବର୍ବର ଆକ୍ରମଣ ଘଟଣା ଯେଉଁଥିରେ କିଛି ଯୁବକ ଅନ୍ୟ ଜଣେ ଯୁବକଙ୍କ ଶରୀର ଉପରେ ବୁଲେଟ୍ ଗାଡ଼ି ଚଢ଼ାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ରାଜ୍ୟରେ ନାରୀମାନଙ୍କ ଉପରେ ଉଦବେଗଜନକ ଅତ୍ୟାଚାର ଓ ଶାସକଦଳର ଛତ୍ରଛାୟାରେ ଏହି ଗୁଣ୍ଡାରାଜ୍ ଚାଲିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ବୋଲି ପିସିସି ସଭାପତି ଅଭିଯୋଗ କରିଛନ୍ତି।

### ‘ନିଶା ମୁକ୍ତ ଓଡ଼ିଶା ଅଭିଯାନ’

## ୩ ଜିଲ୍ଲାରେ ପୁଲିସର ଉଲ୍ଲେଖନୀୟ ସଫଳତା

**ଭୁବନେଶ୍ୱର,୮।୫/ଏନ୍ଏନ୍ଏସ୍:** ସାରା ରାଜ୍ୟରେ ମାଦକ ଦ୍ରବ୍ୟ ଚୋରା ଚାଲାଣ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଚାଲିଥିବା “ନିଶା ମୁକ୍ତ ଓଡ଼ିଶା” ଅଭିଯାନରେ ବିଗତ କିଛି ଦିନ ମଧ୍ୟରେ ବଡ଼ ସଫଳତା ମିଳିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁଲିସ ପକ୍ଷରୁ ଚାଲିଥିବା ଗୁଇନ୍ଦା ଭିତ୍ତିକ ସ୍ୱତନ୍ତ୍ର ଚଢ଼ଉରେ ବିପୁଳ ପରିମାଣର ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜବତ କରାଯାଇଛି। ବିଶେଷକରି ଗଜପତି, ସୁବର୍ଣ୍ଣପୁର ଓ ବରଗଡ଼ ଜିଲ୍ଲାରେ ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗଜପତି ଜିଲ୍ଲାର ଆର. ଉଦୟଗିରି ଓ ଅଡବା ଥାନା ପୁଲିସ ପକ୍ଷରୁ ବିଗତ କିଛି ଦିନ ମଧ୍ୟରେ କିରାମା, ସମ୍ବଲପୁର, କେଶରୀଗୁଡା ଓ ରାଇପଙ୍କା ଗ୍ରାମପଞ୍ଚାୟତ ଅଞ୍ଚଳରେ ନିରନ୍ତର ଚଢ଼ଉ କରାଯାଇଥିଲା। ଏହି ଅଞ୍ଚଳଗୁଡିକରେ ମୋଟ ୨୧ଟି ଚଢ଼ଉ କରାଯାଇ ପ୍ରାୟ ୨୧ ମେଟ୍ରିକ ଟନ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୦ରୁ ୧୨ ଜଣ ଅଭିଯୁକ୍ତ ଏବେ ମଧ୍ୟ ଫେରାର ଅଛନ୍ତି। ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ଥାନା ଅଞ୍ଚଳରେ ଚାଲିଥିବା ନିଶାଦ୍ରବ୍ୟ ଓ ଅବୈଧ ମଦ ବିରୋଧୀ ଅଭିଯାନରେ ମଧ୍ୟ ବଡ଼ ସଫଳତା ମିଳିଛି। ଗୁଜା ଗ୍ରାମରେ ବେଆଇନ ଗଞ୍ଜେଇ ଓ ଦେଶୀ ମହୁଲି ମଦ କାରବାର ସମ୍ପର୍କରେ ସୂଚନା ପାଇ ପୁଲିସ ଚଢ଼ଉ କରିଥିଲା। ଅଭିଯାନ ସମୟରେ ମୋଟ୍ ୧ କ୍ୱିଣ୍ଟାଲ ୫୮ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ୮୫ ହଜାର ଟଙ୍କା। ଏହାସହ ୨୦୦ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଥିବା ବେଳେ ପ୍ରାୟ ୫୦୦୦ ଲିଟର ମହୁଲି ପୋଚ ନଷ୍ଟ କରାଯାଇଥିଲା। ସେହିପରି ବରଗଡ଼ ଜିଲ୍ଲାର ଝାରବନ୍ଧ ଥାନା ପୋଲିସ ମଧ୍ୟ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ବଡ଼ ସଫଳତା ହାସଲ କରିଛି। ଗତ ୫ ତାରିଖ ରାତିରେ ପାଇକମାଲ ଥାନା କର୍ମଚାରୀମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ଝାରବନ୍ଧ ଅଞ୍ଚଳରେ ଏକ ଟ୍ରକ ତଲାସି କରି ୧୯୧୪ କେଜି ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି।

# ବାଲିଅନ୍ତା ବର୍ବରତା ନେଇ ରାଜନୀତି ସରଗରମ

**ଭୁବନେଶ୍ୱର,୮।୫/ଏନ୍ଏନ୍ଏସ୍:** ବାଲିଅନ୍ତା ବର୍ବରତା ନେଇ ରାଜନୀତି ସରଗରମ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ତେବେ ବିଜେପି ବି ଏହାର ଜବାବ ରଖିଛି। ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ‘ଯାହା ସିନେମାରେ ଦେଖୁଥିଲେ, ତାହା ସତରେ ଘଟୁଛି। ଆଦିମ ଯୁଗ ଲୋକ ଯେମିତି ପଶୁ ଶିକାର କରିବା ଭଳି ଗତକାଲି ମଣିଷ ଶିକାର ହୋଇଛି। ଉତ୍ତର ପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗ ଭଳି ଓଡ଼ିଶାର ଆଇନ ଶୃଙ୍ଖଳା ସେହିପରି ଦିଗକୁ ଯାଉଛି। ପୁଲିସ ଉପସ୍ଥିତିରେ ହତ୍ୟା ହେଉଛି। ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ନେଇ ସରକାର ନା ସମ୍ବେଦନଶିଳତା ପ୍ରକାଶ କରୁଛନ୍ତି ନା ଗୁରୁତ୍ୱ ଦେଇ ସମୀକ୍ଷା କରୁଛନ୍ତି। ରାଜ୍ୟକୁ କେବଳ ଜଗନ୍ନାଥ ଭରସା। ନିର୍ବାଚନ ଜିତି ଖୁସି ମନାଉଛନ୍ତି ସରକାର। ଅସୁରକ୍ଷିତ ରାଜ୍ୟରେ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ। ସରକାର ସକ୍ଷମ ହୁଅନ୍ତୁ ନହେଲେ ଇସ୍ତଫା ଦିଅନ୍ତୁ। ନିର୍ବାଚନ ବେଳେ ବିଜେପି ନେତା କହିଲେ ଓଡ଼ିଶା ଏକ ନମ୍ବର ହେବ। ଓଡ଼ିଶା ଏବେ ଅପରାଧ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ନମ୍ବର ୱାନ ହୋଇଛି। ହତ୍ୟା, ଦୁଷ୍କର୍ମ, କିଡନାପରେ ଓଡ଼ିଶା ୧ ନମ୍ବର ହୋଇଛି। ହିଞ୍ଜିଳି, କଣାସ, ଢେଙ୍କାନାଳ ଦୁଷ୍କର୍ମ ଘଟଣା ପରେ ବାଲିଅନ୍ତା ଘଟଣା ମର୍ମନ୍ତୁଦ। ଦୃଶ୍ୟ ଛାତି ଥରାଇ ଦେଲା ଭଳି। ସବୁ ଘଟଣାରେ କ୍ରାଇମ ହେଉଛି ଆଉ ତାର ଭିଡିଓ ମଧ୍ୟ ରେକର୍ଡ଼ିଂ ହେଉଛି। ଓଡ଼ିଶା କ’ଣ ୟୁପି ନା ବିହାର ହେଇଗଲା ବୋଲି ପ୍ରଶ୍ନ କରିଛନ୍ତି ଅରୁଣ। ସେହିପରି ରାଜ୍ୟରେ ଅପରାଧିକ ପରିସ୍ଥିତି ନେଇ ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସ ମଧ୍ୟ ଜୋରଦାର ବର୍ଷିଛି। କଂଗ୍ରେସ ମୁଖପାତ୍ର ସୋନାଲି ସାହୁ କହିଛନ୍ତି,‘ଓଡ଼ିଶାରେ ତାଲିବାନୀ ଶାସନ ଚାଲିଛି। ପୂର୍ବ ସରକାରଠୁ ବଳିଗଲା ଡବଲ୍ ଇଞ୍ଜିନ ସରକାର। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ। ସରକାରଙ୍କ ମନ୍ତ୍ରୀ ଓ ବିଧାୟକ ଏଠି ଝାଲମୁଢ଼ି ଖାଇବାରେ ବ୍ୟସ୍ତ। କଣାସ ଘଟଣା, ହିଞ୍ଜିଳି ଘଟଣା ଛାତି ଥରାଇ ଦେଇଥିଲା। ମନରୁ ଏ ଘଟଣା ନଲିଭିଣୁ ଗତକାଲି ବାଲିଅନ୍ତାର ଭିଡ଼ ହିଂସା ଘଟଣା ସାମ୍ନାକୁ ଆସିଲା। ଏସବୁ ଘଟଣା ପାଇଁ ସରକାରୀ ବ୍ୟବସ୍ଥା ଦାୟୀ। ପୁଲିସ କେବଳ ନେତାଙ୍କୁ ଜଗିବାରେ ବ୍ୟସ୍ତ। ପୁଲିସ ଠିକଣା ସମୟରେ ପହଁଚି କାର୍ଯ୍ୟାନୁଷ୍ଠାନ ନେଇଥିଲେ ଆଜି ଏତେ ବଡ଼ ଘଟଣା ଘଟିନଥାନ୍ତା।

ଅନ୍ୟପକ୍ଷରେ ବିଜେପି ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି ଯେ ରାଜ୍ୟରେ ଘଟୁଥିବା ବିଭିନ୍ନ ଆଇନ ଶୃଙ୍ଖଳା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ରାଜ୍ୟ ସରକାର ଏ ଦିଗରେ ସଚେତନ ଅଛନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ମଧ୍ୟ ଏଭଳି ଘଟଣା ନଘଟୁ ସେନେଇ ମୁଖ୍ୟମନ୍ତ୍ରୀ ତାଗିଦ କରିଛନ୍ତି। ବିଭିନ୍ନ ଘଟଣାକୁ ନେଇ ଚିନ୍ତାଜନକ ପରିସ୍ଥିତି ଉପୁଜିଛି, ଆଗାମୀ ଦିନରେ ଶାସନ ପ୍ରଶାସନ ସୁଧୁରିବ। ବିଜେଡିର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ଲଜ୍ୟାଜନକ କଥା। କିଛି ଦିନ ହେଲାଣି ରାଜ୍ୟରେ ବିଚଳିତ କଲା ଭଳି ଘଟଣା ଘଟୁଛି। ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ହେଉଛି। ଏବେ ସ୍ଥିତି ସୁଧାରିବାକୁ ଉଦ୍ୟମ କରୁଛନ୍ତି ମୋହନ ସରକାର। ଯେଉଁ ଘଟଣା ସାମ୍ନାକୁ ଆସିଛି, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରେ ଜଡ଼ିତ କିଛି ଲୋକ ଗିରଫ ହୋଇଛନ୍ତି। ଆଗକୁ ଆହୁରି କାର୍ଯ୍ୟାନୁଷ୍ଠାନ ହେବ।

ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ କାର୍ଯ୍ୟାନୁଷ୍ଠାନ ନେବାରେ ଓଡ଼ିଶା ସରକାର ଆଗରେ ଅଛନ୍ତି। ହିଂସାକାଣ୍ଡ ହେଉ କି ଗଣ୍ଡଗୋଳ, ଚୋର ହୁଅନ୍ତୁ କି ଡକାୟତ, ମୋହନ ସରକାର କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉନାହାନ୍ତି । ତୁରନ୍ତ ଦୋଷୀଙ୍କ ବିରୋଧରେ ଆମ ସରକାର ପଦକ୍ଷେପ ନେଉଛନ୍ତି।

ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ପୁଲିସ ଉପରେ ଡର କମିଯିବା କହିବା ଠିକ୍ ନୁହେଁ। ଅସାମାଜିକ ବ୍ୟକ୍ତିଙ୍କୁ କଠୋର ଭାବରେ ଦମନ କରାଯିବ। ବାଲିଅନ୍ତା ଘଟଣାରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ତଦନ୍ତ କରି ଆକ୍ସନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛି। ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

# ବିଶ୍ୱ ରେଡ୍‌କ୍ରସ୍ ଦିବସ




**ବ୍ରହ୍ମପୁର,୮।୫/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ଉପକଣ୍ଠ ମୋହଦା ସ୍ଥିତ ସରକାରୀ ଭୈରବୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଧନୁ ସେଠୀଙ୍କ ପୌରୋହିତ୍ୟରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ଜୁନିୟର ରେଡ୍ କ୍ରସ୍ ପରାମର୍ଶଦାତା ଆଶିଷ କୁମାର ପାଢୀ ଓ ପ୍ରଧାନ ଶିକ୍ଷକ ଧନୁ ସେଠୀ ଜନ୍ ହେନେରୀ ଡୁନାଣ୍ଟଙ୍କ ଜୀବନୀ ସହିତ ବିଦ୍ୟାଳୟ ପରିସରରେ ରେଡ୍ କ୍ରସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କୁ ପରୀକ୍ଷାରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ରେଡ୍‌କ୍ରସ୍ ଦିବସର ମହତ୍ତ୍ୱ ବିଷୟରେ ପିଲାଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ସୁଦର୍ଶନ ମଣ୍ଡଳ, କ୍ରୀଡା ଶିକ୍ଷକ ନିଶିଥ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ମନସ୍ୱିନୀ ଦାସ, ବିଷ୍ଣୁପ୍ରିୟା ସାହୁ, ସୁନନ୍ଦା ମଧୁସ୍ମିତା କହର, ମିନତୀ ନାୟକ, ବିଜୟଲକ୍ଷ୍ମୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ କର୍ମଚାରୀ ସଂଘର ବିକ୍ଷୋଭ

# ୨୫ରୁ ଦୁଇଦିନିଆ ଧର୍ମଘଟ ଚେତାବନୀ

**ବ୍ରହ୍ମପୁର,୮।୫/ଏନ୍‌ଏନ୍‌ଏସ୍:** କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ ହେଉନଥିବା ପ୍ରତିବାଦରେ ଆଜି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ବିକ୍ଷୋଭ ସ୍ଥାନୀୟ ବ୍ରହ୍ମନଗରସ୍ଥିତ ଜୋନାଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ଅନ୍ୟାନ୍ୟ ପ୍ରମୁଖ ଦାବି ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କେବଳ ଆଶ୍ୱାସନା ମିଳୁଛି। ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ଦାବି କାର୍ଯ୍ୟକାରୀ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବାରମ୍ବାର ଦାବି ଜଣାଇ ନିରାଶ ହେବା ପରେ ବାଧ୍ୟ ହୋଇ ଆଜି ବିକ୍ଷୋଭ ପ୍ରଦର୍ଶନ କରିଥିବା ନେଇ କର୍ମଚାରୀମାନେ କହିଛନ୍ତି। କର୍ମଚାରୀଙ୍କ ପ୍ରମୁଖ ଦାବିଗୁଡିକ ମଧ୍ୟରେ କର୍ମଚାରୀ ନିଯୁକ୍ତି ଆଉଟ୍‌ସୋର୍ସିଂ ପ୍ରଥା ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା, ଏନ୍‌ପିଏସ୍ କର୍ମଚାରୀଙ୍କୁ ପେନ୍‌ସନ୍ ଫଣ୍ଡ ମ୍ୟାନେଜର ବଦଳାଇବା ଅଧିକାର ଦେବା, ୨୦୧୯ ପରେ ନିଯୁକ୍ତ କର୍ମଚାରୀଙ୍କ ପାଇଁ ଇଣ୍ଟର




ସର୍କଲ ଟ୍ରାନ୍ସଫର ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ଆଉଟ୍‌ସୋର୍ସିଂ ଓ କମ୍ ନିଯୁକ୍ତି ଦ୍ୱାରା କର୍ମଚାରୀମାନଙ୍କ ଉପରେ ପଡୁଥିବା ଅଧିକ କାର୍ଯ୍ୟଭାରକୁ ହ୍ରାସ କରିବା, ବ୍ୟାଙ୍କରେ ସସ୍ତ୍ରଧାରୀ ଗାର୍ଡ ନିଯୁକ୍ତି ଦେବା, ସ୍ଥାୟୀ କାମର ଆଉଟ୍‌ସୋର୍ସିଂ ବନ୍ଦ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ସୁବିଧା ପ୍ରଦାନ କରିବା, ପେନ୍‌ସନ୍‌ରେ ସମସ୍ତ ଦେୟ ଯୋଗ କରିବା, ଏଚ୍‌ଆର୍‌ଏମ୍‌ଏସ୍ ସମସ୍ୟାର ସମାଧାନ କରିବା, ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି କରିବା, କର୍ମଚାରୀ ନିର୍ଦ୍ଦେଶକ ନିଯୁକ୍ତି କରିବା, ଏଚ୍‌ଆର୍‌ଏମ୍‌ଏସ୍ ସମସ୍ୟାର ସମାଧାନ କରିବା, ପିଏଫ୍ ଟ୍ରଷ୍ଟି ନିଯୁକ୍ତି କରିବା ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। କର୍ମଚାରୀଙ୍କ ଦୀର୍ଘଦିନର ଦାବି ପୂରଣ ନ ହେଲେ ଆସନ୍ତା ୨୫ ଓ ୨୬ ତାରିଖରେ ଦୁଇଦିନିଆ ଅବିରତ ଧର୍ମଘଟ କରାଯିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

# ବୁଗୁଡ଼ା ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ

**ବୁଗୁଡ଼ା,୮।୫/ଏନ୍‌ଏନ୍‌ଏସ୍:** ୟୁନିସେଫର ସହଯୋଗରେ ଓଡିଶା ପୁଲିସ ପକ୍ଷରୁ ସାରା ରାଜ୍ୟର ପୁଲିସ ଥାନାଗୁଡିକରେ ସଚେତନତା କାର୍ଯ୍ୟକ୍ରମ 'ଜୁଭେଣ୍ଟିକା' ଆୟୋଜିତ ହୋଇଥିବା ପରିପ୍ରେକ୍ଷୀରେ ବୁଗୁଡା ଥାନା ପକ୍ଷରୁ ସ୍ୱପରିସରରେ ମଧ୍ୟ ଏହା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ଚାଇଲ୍ଡ ୱେଲଫେର୍ ପୁଲିସ ଅଫିସର ଜ୍ୟୋତିଶ୍ରୀ ସାହୁ, ସିଡିପିଓ ବବିତା କୁମାରୀ ପଣ୍ଡା ଓ ସୁପରଭାଇଜର ଜି.ରଶ୍ମିଙ୍କ ସମେତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଏବଂ କିଶୋରୀ ବାଳିକାମାନେ ଉପସ୍ଥିତ ରହିଥିଲେ। ଏ ଅବସରରେ ସାମାଜିକ ଗଣମାଧ୍ୟମର କୁପ୍ରଭାବରୁ ମୁକ୍ତ ରହିବା, ସାଇବର କ୍ରାଇମ




ଫାଶରେ ନ ପଡ଼ିବା, କୌଣସି ସାମାଜିକ ସମସ୍ୟାରେ ସମ୍ମୁଖୀନ ହେଲେ କିଭଳି ଭାବେ ନିର୍ଭୟରେ ପୁଲିସର ସହଯୋଗ ଲୋଡିବା ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଏଥି ସହ ଭିଡିଓ ମାଧ୍ୟମରେ ଏକ ସଚେତନତାମୂଳକ କ୍ଷୁଦ୍ର କାହାଣୀ ପ୍ରଦର୍ଶିତ ହୋଇଥିଲା। ଅନ୍ୟପକ୍ଷରେ ଥାନାର ପୋଲିସ କର୍ମଚାରୀବୃନ୍ଦ ଉପସ୍ଥିତ ମହିଳାବର୍ଗଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଭାବର ଆଦାନ ପ୍ରଦାନ ସାଙ୍ଗକୁ ସେମାନଙ୍କୁ ନିର୍ଭୀକତାରେ ଥାନା ପରିସର ବୁଲାଇ ଦେଖାଇଥିଲେ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ପୋଲିସ ଡିଜି ୱାଇ.ବି.ଖୁରାନିଆ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ମହିଳା ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଏଏସଆଇ ସୁମନ୍ତ କୁମାର ବେହେରା, ବସନ୍ତ କୁମାର ସାହୁ, ଦିପକ ଦଳବେହେରା, ମିହିର ଭଞ୍ଜଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

## ଗଛଡାଳ ଭାଙ୍ଗି ଶିଶୁ ମୁଣ୍ଡରେ ପଶିଗଲା

# ମୃତ୍ୟୁମୁଖରୁ ବଞ୍ଚାଇଦେଲେ ଏମ୍‌କେସିଜି ଡାକ୍ତରୀ ଦଳ

**ବ୍ରହ୍ମପୁର,୮।୫/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପୁଣି ଆଉ ଏକ ସଫଳତା ମିଳିଛି। ଜନୈକ ଶିଶୁର ମୁଣ୍ଡରେ ଫସି ରହିଥିବା ଏକ କାଠକୁ ସଫଳତାର ସହ ଅସ୍ତ୍ରୋପଚାର କରି ବାହାର କରାଯାଇଛି। ସ୍ନାୟୁ ଶଲ୍ୟ ବିଭାଗର ଡାକ୍ତରୀ ଦଳଙ୍କ ଦୀର୍ଘ ଘଣ୍ଟାର ପରିଶ୍ରମ ପରେ ଏହି ସଫଳତା ମିଳିଥିବା ମିଳିଛି। ମିଳିଥିବା ସୂଚନା ପ୍ରକାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଗ୍ରାମର ଜଣେ ତିନି ବର୍ଷର ଶିଶୁର ମୁଣ୍ଡ ଉପରେ ଗଛ ଡାଳ ଭାଙ୍ଗି ପଡିଯିବା ପରେ ପ୍ରାୟ ଚାରି ଇଞ୍ଚ୍ ଲମ୍ବର ଏକ କାଠ କୀଳା ଶିଶୁଟିର ମୁଣ୍ଡ ଉପର ମଝି ଭାଗରେ ଲାଖି ହୋଇ ରହିଯାଇଥିଲା। ଶିଶୁକୁ ପ୍ରଥମେ ଉମରକୋଟ ପରେ ନବରଙ୍ଗପୁର ଏବଂ ସେଠାରୁ କୋରାପୁଟ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ଶିଶୁଟିର ଅବସ୍ଥା ଅତ୍ୟନ୍ତ ବିପଦ ଜନକ ଥିବାରୁ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତୁରନ୍ତ ଅସ୍ତ୍ରୋପଚାରର ଆବଶ୍ୟକତା ଥିବାରୁ ଶିଶୁଟିକୁ ସ୍ନାୟୁ ଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇ ଗତ ୧ ତାରିଖ ଦିନ ଜରୁରୀ ଏବଂ



ଯୁଦ୍ଧ କାଳୀନ ଭିତ୍ତିରେ ଅସ୍ତ୍ରୋପଚାର ଆରମ୍ଭ କରାଯାଇଥିଲା। ନିଶ୍ଚେତକ ବିଭାଗୀୟ ମୁଖ୍ୟ ଡା. ସଂଜୀବ ପାତ୍ର, ଡା. ନିବେଦିତା ସାହୁ ଓ ସହଯୋଗୀଙ୍କ ଉପସ୍ଥିତିରେ ସ୍ନାୟୁ ଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ରବି ନାରାୟଣ ପଣ୍ଡା, ଆସିଷ୍ଟାଣ୍ଟ ପ୍ରଫେସର ଡା. ଦେବଦତ୍ତ ସେନାପତି, ଡା. ତୁଷାର କାନ୍ତ ରଥ, ଡା. ଦେବଶ୍ରୀ ମହାରଣା, ଡା. ପି. ହରି ପ୍ରସାଦଙ୍କୁ ନେଇ ଡାକ୍ତରିଦଳ ଦୀର୍ଘ ଚାରି ଘଣ୍ଟା ଧରି ଅକ୍ଲାନ୍ତ ଉଦ୍ୟମ ପରେ ଶିଶୁଟିର ମୁଣ୍ଡରେ ଫସି ରହିଥିବା କାଠକୁ ସଫଳତାର ସହ ବାହାର କରାଯାଇଥିଲା। ଆସନ୍ନ ମୃତ୍ୟୁ ମୁଖରୁ ଶିଶୁଟିକୁ ଉଦ୍ଧାର କରାଯାଇଥିବା ବେଳେ ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସ୍ନାୟୁ ଶଲ୍ୟ ବିଭାଗୀୟ ମୁଖ୍ୟ ଡା. ଶ୍ରୀ ପଣ୍ଡା କହିଛନ୍ତି। ଅପରପକ୍ଷରେ ଶିଶୁର ଜୀବନ ବଞ୍ଚାଇ ପରିବାର ମୁହଁରେ ହସ ଫୁଟାଇଥିବା ଡାକ୍ତରିଦଳର ସମସ୍ତ ସଦସ୍ୟଙ୍କୁ ଶିଶୁର ବାପା ସଂଜିତ ହରିଜନ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶଥାଉକି ଗତ ଏପ୍ରିଲ ୨୮ ତାରିଖ ଦିନ ଓମ ହରିଜନ (୩) ନାମକ ଶିଶୁଟି ଘର ସାମନାରେ ଥିବା ଗଛ ମୂଳେ ଖେଳୁଥିବା ବେଳେ ଝଡ଼ ପବନ ଆସି ଏଭଳି ଘଟଣା ଘଟିଥିଲା।

# ସଡ଼କ ଦୁର୍ଘଟଣାରେ ମୃତ, ଆହତଙ୍କ ପରିବାରକୁ ବିଧାୟକଙ୍କ ଚେକ୍ ପ୍ରଦାନ

**ବ୍ରହ୍ମପୁର,୮।୫/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁରର ବିଭିନ୍ନ ୱାର୍ଡର ଯାତ୍ରୀ ଗତ କିଛି ଦିନ ତଳେ ହରିଶଙ୍କର ଦର୍ଶନ କରିବାକୁ ଯାଉଥିବା ବେଳେ ନୟାଗଡ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ଅନେକ ମୃତ ଓ ଆହତ ହୋଇଥିଲେ। ଏହି ଦୁଃଖଦ ଖବର ଶୁଣିବା ପରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ସେମାନଙ୍କ ଘରକୁ ଯାଇ ସମବେଦନା ଜଣାଇଥିଲେ ସହ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ମୃତ ଓ ଆହତ ବ୍ୟକ୍ତିଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ




ମାଝୀଙ୍କୁ ଜଣାଇଥିଲେ। ଆଜି ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଚେକ୍ ଓ ଦୁର୍ଘଟଣାରେ ଚିକିତ୍ସା ହେଉଥିବା ବ୍ୟକ୍ତିଙ୍କ ପରିବାରକୁ ୧.୨୫ ଲକ୍ଷ ଟଙ୍କାର ଚେକ୍ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ପ୍ରଦାନ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ, ସ୍ଥାନୀୟ ତହସିଲଦାର, ପ୍ରଶାସନିକ ଅଧିକରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳବାସୀ ଓ ଆର୍ଥିକ ସହାୟତା ପାଇଥିବା ବ୍ୟକ୍ତିଙ୍କ ପରିବାର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ କୃତଜ୍ଞତା ଜଣାଇଥିଲେ।

# ୪ ୱାରେଣ୍ଟି ଗିରଫ

**ବୁଗୁଡା,୮।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପୁଲିସର ସ୍ପେଶାଲ ଡ୍ରାଇଭ୍ କାଳରେ ୱାରେଣ୍ଟ ବଳରେ ଚାରି ଜଣ ଗିରଫ ହୋଇଥିବା ଜଣାଯାଇଛି। ଗିରଫ ଚାରି ୱାରେଣ୍ଟି ହେଲେ ବିରଞ୍ଚିପୁର ଗ୍ରାମର ରମେଶ ନାୟକ (୬୦), ମାଣିକପୁର ଗ୍ରାମର ଭଗବାନ ସାହୁ (୬୦), ଅରକ୍ଷିତ ସାହୁ (୩୨) ଓ ରଙ୍କନିଧି ସାହୁ (୬୯)। ଦୀର୍ଘ ୧୫ ବର୍ଷ ଧରି ଫେରାର ଥିବା ହତ୍ୟା ଉଦ୍ୟମ ଅଭିଯୋଗର ଅଭିଯୁକ୍ତ ରମେଶଙ୍କ ନାମରେ ଜିଆର କେସ୍ ନଂ-୨୭୬/୨୦୧୦ ଏକ ମାମଲା ରହିଥିଲା। ସେହିପରି ଗତ ୨୦୧୩ ମସିହାରେ ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଜଡିତ ଭଗବାନ, ଅରକ୍ଷିତ ଓ ରଙ୍କନିଧିଙ୍କ ନାମରେ ଭଞ୍ଜନଗର ସେସନ୍ସ କୋର୍ଟରେ ଏସଟି କେସ୍ ନଂ-୧୫/୨୦ରେ ଏକ ମାମଲା ରହିଥିଲା ଏବଂ ଏହି ତିନି ଜଣ ଦୀର୍ଘ ବର୍ଷ ହେଲା ଫେରାର ରହିଥିଲେ। ତେବେ ବୁଗୁଡା ପୁଲିସର ସ୍ପେଶାଲ ଡ୍ରାଇଭ୍ କାଳରେ ଏହି ୪ ୱାରେଣ୍ଟିଙ୍କୁ ଗିରଫ କରାଯାଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି।

# ଛତ୍ରପୁର ଆଦର୍ଶ ଥାନା ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ

**ଛତ୍ରପୁର,୮।୫/ଏନ୍‌ଏନ୍‌ଏସ୍:** ଛତ୍ରପୁର ଆଦର୍ଶ ଥାନା ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କିଶୋର କିଶୋରୀମାନଙ୍କ ସହ ପୁଲିସର ସଚେତନ ଓ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପୁଲିସ ଓ ୟୁନିସେଫ ସହଯୋଗରେ କିଶୋର କିଶୋରୀ ମାନେ ବିଭିନ୍ନ ସମୟରେ କିଭଳି ସାମାଜିକ ଓ ସାଇବର ଠକେଇର ଶିକାର ହୋଇ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପିଲାମାନେ ପୁଲିସ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରଖି ଏହାର ନିରାକରଣ କରିପାରିବେ ବୋଲି ବୁଝାଯାଇଥିଲା। ପିଲାମାନଙ୍କୁ ଥାନାରେ ହେଉଥିବା କାର୍ଯ୍ୟକୁ ବୁଝାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୁଲି ଦେଖିଥିଲେ। ଥାନାଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ କିଶୋର, କିଶୋରୀ, ଅଙ୍ଗନ୍‌ବାଡି କର୍ମୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଫୁଲବାଣୀ, ୮।୫/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଆ ଭାଷା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିନିଆ ସରକାରୀ କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଫୁଲବାଣୀସ୍ଥିତ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ଶିବିରର ଅନ୍ତିମ ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ଏବଂ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ଯୋଗଦେଇଥିଲେ। ସରକାରୀ ସ୍ତରରେ ଚିଠିପତ୍ର ଆଦାନପ୍ରଦାନ, ନଥିପତ୍ର ପରିଚାଳନା ଏବଂ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ବହୁଳ ଓ ଶୁଦ୍ଧ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଜିର ପ୍ରଶିକ୍ଷଣ ଶିବିରରେ ପ୍ରଥମେ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ରୀତାଶ୍ରୀ ବାରିକ ଏବଂ ତାଙ୍କ ଟିମ୍




କମ୍ପ୍ୟୁଟରରେ ଓଡିଆ ଟାଇପିଙ୍ଗ ପ୍ରସ୍ତୁତି/ଓସ୍ୱାସରେ ସରକାରୀ କାର୍ଯ୍ୟ ସମ୍ପାଦନ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କିପରି ସହଜରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରାଯାଇପାରିବ, ସେ ସମ୍ପର୍କରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା। ତାପରେ ଭାଷା ବିଶେଷଜ୍ଞ ଡଃ ସଞ୍ଜୟ କୁମାର ପଣ୍ଡା, ଶ୍ରୀ ମନୋରଂଜନ ପାଣିଗ୍ରାହୀ ଓ ଡଃ ବିପ୍ଳବ ରଞ୍ଜନ ପ୍ରଧାନ ପ୍ରଶାସନିକ ଶବ୍ଦ ନିରୂପଣ, ବନାନ ଅଶୁଦ୍ଧି ନିରାକରଣ, ଓଡିଆରେ ନଥି ପ୍ରସ୍ତୁତି, ଓଡିଆ ଭାଷାରେ ସରକାରୀ କାଗଜାତ/ଦସ୍ତାବିଜ୍ ଇତ୍ୟାଦି ପ୍ରସ୍ତୁତି ନିମନ୍ତେ ଦୃଢ ଆତ୍ମବିଶ୍ୱାସର ଆବଶ୍ୟକତା ଏବଂ ଓଡିଆ ଭାଷାରେ କାର୍ଯ୍ୟାଳୟ ଚିଠା ଓ ଟିପ୍ପଣୀ ପ୍ରସ୍ତୁତି ଆଦିର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡଃ ସିଦ୍ଧାର୍ଥ ଶଙ୍କର ପାଢି ସଂଯୋଜନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନଳିନୀ କାନ୍ତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗର ପଦାଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ଏବଂ ସମସ୍ତଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ, ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯିବା ସହ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରାଥମିକତା ଦେବାକୁ ସଂକଳ୍ପ ନିଆଯାଇଥିଲା।

# ମୃତ ଯୁଧିଷ୍ଠିରଙ୍କ ପରିବାରକୁ ବିଧାୟକଙ୍କ ସହାୟତା

**ଛତ୍ରପୁର,୮।୫/ଏନ୍‌ଏନ୍‌ଏସ୍:** ଛତ୍ରପୁର ବ୍ଲକ ହୁମ୍ବର ଗ୍ରାମର ଯୁଧିଷ୍ଠିର ନାୟକଙ୍କ ଲିଭର ସୋରିଆସିସ୍ ଜନିତ ରୋଗରେ ମୃତ୍ୟୁ ଘଟିଛି। ଦୀର୍ଘଦିନ ଧରି ସେ ଏହି ରୋଗରେ ପୀଡିତ ଥିଲେ। ମୃତ୍ୟୁ ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ହୁମ୍ବର ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାକ୍ଷାତ କରିଥିଲେ। ବିଧାୟକ ମୃତକଙ୍କ ସ୍ତ୍ରୀ ଯମୁନା ନାୟକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ଶୈବ ପ୍ରାସାଦ ଓ ସତ୍ୟସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ପାତ୍ରପୁର,୮।୫/ଏନ୍‌ଏନ୍‌ଏସ୍:** ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମରେ ଥିବା ଚନ୍ଦ୍ରଶେଖର ମହାଦେବଙ୍କ ଶୈବ ପ୍ରାସାଦ ଓ ସତ୍ୟସାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ସୋମବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେଇଥିବା ବେଳେ ପ୍ରଥମ ଦିବସରେ ଗ୍ରାମର ମହିଳାଙ୍କ ସମେତ ଆଖପାଖ ଗ୍ରାମର ମହିଳା ମାନେ ପଦ୍ମତୋଳା ନଦୀରୁ ଜଳ ସଂଗ୍ରହ କରିଥିଲେ। ପର୍ଯ୍ୟାୟକ୍ରମେ ମଣ୍ଡଳ, ଦୀକ୍ଷାଗ୍ରହଣ ଓ ଅଙ୍କୁରାରୋପଣ, ବନଜାଗ, ରତ୍ନମୁଦ, ଠାକୁରଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଦ୍ୱାର, ତ୍ରିଶୂଳ, ଧ୍ୱଜ,



ଦେବତା ପ୍ରବେଶ ଓ ଠାକରଙ୍କୁ ଗ୍ରାମ ଭ୍ରମଣ ସହ ପୂର୍ଣ୍ଣାହୁତି ହେଇଥିଲା। ସେହିଭଳି ସାଇବାବାଙ୍କ ନୂତନ ମନ୍ଦିର ସହ ନୂତନ ବିଗ୍ରହ ପ୍ରତିଷ୍ଠା ହେଇଥିଲା। ମହାଦେବଙ୍କ ନିକଟରେ କର୍ତ୍ତା ଭାବେ ଗ୍ରାମର ଜଗବନ୍ଧୁ ମହାପାତ୍ର ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ମହାପାତ୍ର ଥିବା ବେଳେ ସାଇବାବାଙ୍କ ମନ୍ଦିରରେ ବୁଦ୍ଧିଆ ବାଗାତି ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ପୁରୋହିତ ଅଶୋକ କୁମାର ପାଢ଼ୀଙ୍କ ସହ ୨୫ ଜଣ ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦୁଇଟି ମନ୍ଦିରର ପ୍ରତିଷ୍ଠା ପାଇଁ ଗ୍ରାମର ଏକ କମିଟି ତଦାରଖ କରୁଥିଲା ବେଳେ ଗ୍ରାମର ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ।

ନିତିଦିନ NITIDIN

ଆମ ଜିଲ୍ଲା

କ

# ବିଶ୍ୱ ରେଡ୍‌କ୍ରସ୍ ଦିବସ

**ତାଳଚେର,୮।୫/ଏନ୍‌ଏନ୍‌ଏସ୍:** ତାଳଚେର ଉପଖଣ୍ଡ ରେଡକ୍ରସ ସୋସାଇଟି ପକ୍ଷରୁ ହାଟତୋଟା ସ୍ଥିତ ପଞ୍ଚାୟତ ସମିତି ସଭାଘର ଠାରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ରେଡକ୍ରସ୍ ସୋସାଇଟିର କାର୍ଯ୍ୟକାରୀ ସଦସ୍ୟ ବଳରାମ ପତିଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେର ଉପଖଣ୍ଡ ରେଡକ୍ରସ୍ ସୋସାଇଟିର ସଭାପତି ତଥା ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ତାଳଚେର ବ୍ଲକର ଏବିଡିଓ ସୁଜାତା ତ୍ରିପାଠୀ ଓ ଉପଖଣ୍ଡ ଚିକିତ୍ସାଧିକାରୀ ଡଃ ଗଙ୍ଗାଧର ବେହେରା ଯୋଗଦେଇ ତାଳଚେର ଉପଖଣ୍ଡରେ ଯୁବ ରେଡକ୍ରସ୍ ଶାଖା ଖୋଲାଯିବା ସହ ରେଡକ୍ରସ୍‌ର ନୂତନ ସଭ୍ୟ ଓ ପାଣ୍ଠି ସଂଗ୍ରହ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସମାଜସେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଉପ-ନଗରପାଳଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ




**ତାଳଚେର,୮।୫/ଏନ୍‌ଏନ୍‌ଏସ୍:** ତାଳଚେର ପୌରପରିଷଦ ଉପନଗରପାଳ କାର୍ଯ୍ୟ କରିବା ଅସମର୍ଥ ଓ ଦୀର୍ଘଦିନ ହେବ କାଉନସିଲ ବୈଠକରେ ଅନୁପସ୍ଥିତ ରହୁଥିବାରୁ ବିଜେଡି ଉପନଗରପାଳ ଶୁଭଶ୍ରୀ ଶୁସ୍ମିତା ପ୍ରଧାନଙ୍କ ବିରୁଦ୍ଧରେ ଅଣାଯାଇଛି ଅନସ୍ଥା ପ୍ରସ୍ତାବ । ୧ୱାର୍ଡର ଆସିଫ ଖାନ, ୨ନଂ- ଯଶୋବନ୍ତ ମିଶ୍ର, ୩ନଂ- ଲିପିକା ବେହେରା, ୬ନଂ- ଜିତେନ୍ଦ୍ର ଭୁତିଆ, ୮ନଂ- ସନ୍ତୋଷ ବେହେରା, ୯ନଂ- ମମତା ରାଉତ, ୧୦ନଂ- ଅଜିତ ସାହୁ, ୧୧ନଂ- ନିରୁପମା ପଟ୍ଟନାୟକ, ୧୨ନଂ- ସଞ୍ଜିବ ଗଡ଼ନାୟକ, ୧୪ନଂ- ବଲବିନ୍ଦର କୌର, ୧୫ନଂ- ସରିତାପାଳ, ୧୬ନଂ- ସ୍ୱାଧିନ ଅମ୍ଧ, ୧୮ନଂ- ଲୀନା ସାହୁ, ୨୦ନଂ- ସାନ୍ତନୁ ମିଶ୍ର, ୨୧ନଂ- ଅନିତା ବିଶ୍ୱାଳ ଏପରିକି ବିଜେପିର ୧୬ଜଣ କାଉନସିଲର ଆଜି ଅନୁଗୋଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମଙ୍କୁ ଏସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି । ପ୍ରକାଶ, ୨୧ଟି ୱାର୍ଡକୁ ନେଇ ତାଳଚେର ପୌରପରିଷଦ ଗଠନ କରାଯାଇଥିବା ବେଳେ ତାଳଚେର ନଗରପାଳ ସମେତ ସର୍ବାଧିକ କାଉନସିଲର ବିଜେପିରେ ଯୋଗଦାନ କରିବାପରେ ବିଜେଡିର ୫ଜଣ କାଉନସିଲର ରହିଛନ୍ତି । ତେଣୁ ଆଗାମୀ ଦିନରେ ତାଳଚେର ପୌରପରିଷଦ ରୂପରେଖ କ'ଣ ହେଉଛି ତାହା ସମୟ କହିବ ।

# ମାର୍ଶାଘାଇ ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ମାର୍ଶାଘାଇ,୮।୫/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ଥାନା ପରିସରରେ ଆଜି ଅପରାହ୍ନରେ ମହିଳା ଓ ଶିଶୁ ଡେସ୍କ ପକ୍ଷରୁ କିଶୋରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଜୁଭେନଟିକା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପୁଲିସ ଡିଜି ଯୋଗେଶ ବହାଦୁର ଖୁରାନିଆ ଭିଡିଓ କନ୍‌ଫରେନ୍ସିଂ ଯୋଡି ହୋଇ ସମସ୍ତଙ୍କୁ ପୁଲିସ ଫ୍ରେଣ୍ଡଲି ହେବା, ବିଶେଷ କରି କିଶୋରୀ, ମହିଳାମାନେ ସାଇବର୍ ଠକମାନଙ୍କ ପ୍ରତି ସାବଧାନ ହେବ, ଚାକିରି ପ୍ରଲୋଭନ ଦେଖାଇ ମୋବାଇଲ୍‌ରେ ଟଙ୍କା ଲୁଟିବା, ଯେଉଁ ଶିକ୍ଷାନୁଷ୍ଠାନରେ ଝିଅମାନେ ପଢୁଛନ୍ତି ସେଠାରେ ଯଦି କୌଣସି ସମସ୍ୟା ହେଉଛି ପୁଲିସକୁ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବା, ମୋବାଇଲ ଚଲାଇଲା ବେଳେ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ କିଶୋରୀମାନେ ଯୋଗଦେଇ ଡିଜିପିଙ୍କ ସଚେତନତା ବାର୍ତ୍ତା ଶୁଣିଥିଲେ । ଥାନା ଅଧିକାରୀ ତପନ କୁମାର ନାୟକ, ଇନ୍ସପେକ୍ଟର ନାରାୟଣ ସାହୁ, ମହିଳାଶିଶୁ ଡେସ୍କର ଏସ୍‌ଆଇ ଧରିତ୍ରୀ ଜେନା, ଏଏସ୍‌ଆଇ ସୌଭାଗ୍ୟ ଲକ୍ଷ୍ମୀ ଜେନା, ମିନତୀ ଜେନା, ସୁଚିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଅମୃତକ୍ଷେତ୍ର ଶିଳାନ୍ୟାସ ଉତ୍ସବ



**ପରଜଙ୍ଗ,୮।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ କଲଦା ପଞ୍ଚାୟତ ନରଣପଡା ଗ୍ରାମରେ ଅମୃତକ୍ଷେତ୍ରରେ ନୂତନ ଭାବେ ଶ୍ରୀ ଜଗନ୍ନାଥ ମନ୍ଦିରର ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ବଶିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଭ୍ରମରବର ବିଶ୍ୱାଳଙ୍କ ମାର୍ଗ ଦର୍ଶନରେ ପୁରୀ ପଣ୍ଡିତଙ୍କ କରକମଳରେ ଏହି ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି । ଅମୃତ କ୍ଷେତ୍ରରେ ଶୁଭ ଶିଳାନ୍ୟାସ ସନାତନ ରୀତିନୀତି ଅନୁଯାୟୀ ପୁରୀର ପଣ୍ଡିତ ଦୀପ୍ତି ରଞ୍ଜନ ଦୀକ୍ଷିତ ଓ ସହଯୋଗୀ ପଣ୍ଡିତମାନଙ୍କ ବିଧି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା । ହୋମ ଯଜ୍ଞରେ କର୍ତ୍ତା କର୍ତ୍ତି ଭାବେ ପ୍ରିୟ ରଞ୍ଜନ ବିଶ୍ୱାଳ ଓ ତାଙ୍କ ସହଧର୍ମିଣୀ ବି ରାମ ନନ୍ଦିନୀ କାର୍ଯ୍ୟ ତୁଲାଇଥିଲେ । ନଚିକେତା ବିଶ୍ୱାଳ, ଆଲୋକ ବିଶ୍ୱାଳ ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ଗ୍ରାମବାସୀମାନେ ଏହି ଶୁଭ ଶିଳାନ୍ୟାସ ଉତ୍ସବ ସହଯୋଗ କରିଥିଲେ । ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, ପୁର୍ବତନ ସାଂସଦ ମହେଶ ସାହୁ ଓ ସାନ କପିଳାସ ପଥର ଗଡ ବାବା ପରଜଙ୍ଗ ଗୋଷ୍ଠି ମୁନା ବାବା ସମେତ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହିଥିଲେ ।

## ଲକ୍ଷ୍ମୀ ବସ୍ ସେବାରୁ ବଞ୍ଚିତ ୫ ପଞ୍ଚାୟତବାସୀ

# ହଜାରୀବଗିଚା-ନାଗପୁର-ନିଳିକଣା-ଦେପୁର ଆର୍‌ଡି ରାସ୍ତା ବିପର୍ଯ୍ୟସ୍ତ

**କେନ୍ଦ୍ରାପଡା,୮।୫/ଏନ୍‌ଏନ୍‌ଏସ୍:** ହଜାରୀବଗିଚା-ନାଗପୁର-ନିଳିକଣା-ଦେପୁର ଆର୍‌ଡି ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡିଛି । ଏକ ବର୍ଷ ହେଲା ୫ଟି ପଞ୍ଚାୟତର ଲୋକେ ଲକ୍ଷ୍ମୀ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି । ଦେପୁର ହାଇସ୍କୁଲ କେନାଲ ବନ୍ଧରୁ ନିଳୀକଣାକୁ ସଂଯୋଗ କରୁଥିବା ପ୍ରାୟ ୩କି.ମି. ରାସ୍ତା ଅତି ବିପର୍ଯ୍ୟସ୍ତ ହୋଇପଡିଛି । ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେବି ରାସ୍ତା ନିର୍ମାଣ ପାଇଁ ପ୍ରଶାସନିକ ତତ୍ପରତା ନାହିଁ । ବାରୁଅ ଛକରୁ ଇଟିପୁର, ଘିଗିଡିଆ, ନିଳିକଣା, କଳାମାଟିଆ, ଫୋରଡ, ଦେପୁର ଆଦି ଗ୍ରାମ ଦେଇ ଲକ୍ଷ୍ମୀ ବସ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ଥାନକୁ ଦୈନିକ ଯିବା ଆସିବା କରିଥାଏ । ଏହି ରାସ୍ତାରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହେବାରୁ ୨ଚକିଆ ଯାନରେ ଯିବା ମଧ୍ୟ କଷ୍ଟକର ହୋଇପଡିଲାଣି । ଗ୍ରାମ୍ୟ ଉନ୍ନୟନ (ବିଭାଗ ୧) ଅଧିନରେ ଏହି ରାସ୍ତାଟି ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରିଥିବାରୁ ଏହାର ଗୁରୁତ୍ୱ ବଢିଯାଇଛି । ରାଜ୍ୟ ସରକାର ବ୍ଲକ୍ ମୁଖ୍ୟାଳୟ ଓ ଜିଲ୍ଲା ସଦର ମହକୁମା ସହିତ ଗ୍ରାମାଞ୍ଚଳକୁ ସଂଯୋଗ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଏହାର ସଫଳ ରୂପାୟନ ଲୋକଙ୍କ ସେବାରେ ଜୁଟିବାତ ଦୂରର କଥା ବିଭାଗୀୟ ଅଧିକାରୀମାନଙ୍କ ଅପାରଗତା ଏବଂ ଠିକାଦାର ପ୍ରିତୀ ଯୋଗୁ ଏହା ବାଟମାରଣା



ହେଉଛି ।କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଆଳିଜଙ୍ଗା-ନାଗପୁର-ଗୋବରୀ ଘେରି ବନ୍ଧ ଏବଂ

**ଅଭିଯୋଗ ପରେବି ପ୍ରଶାସନିକ ତତ୍ପରତା ନାହିଁ**

ଦେପୁର-ନିଳିକଣା ଘାଟ ରାସ୍ତା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିଲା । ଏହି ରାସ୍ତାର ମୋଟ୍ ଦୈର୍ଘ୍ୟ ୭ କି.ମି ୫୦୦ ମି. ହୋଇଥିବା ବେଳେ ଏହାର ବ୍ୟୟ ଅଟକଳ ରହିଥିଲା ପ୍ରାୟ ୪ କୋଟି ୭୨ ଲକ୍ଷ । ଗତ ୨୦୧୭ ଡିସେମ୍ବର ମାସରୁ ଏହି ରାସ୍ତା କାମ ଆରମ୍ଭ ହୋଇ ୨୦୧୮ ଜୁନ୍ ମାସ ସୁଦ୍ଧା ଏହି ରାସ୍ତାର କାର୍ଯ୍ୟ ଶେଷ ହେବା ପାଇଁ ଧାର୍ଯ୍ୟ ସମୟ ଥିଲା କିନ୍ତୁ ଏହା ବହୁ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଥିଲା । ଏହି ରାସ୍ତାଟି ଉପରେ ବାରୁଅ, କୋରୋ, ଓସ୍ତପୁର, କଂସାର ଆଦି ପଞ୍ଚାୟତର ହଜାର ହଜାର ଲୋକ ଜିଲ୍ଲା ମୁଖ୍ୟାଳୟକୁ ଆସିବାର ସୁଯୋଗ ପାଇବା ସହିତ ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଆଦି ଅଞ୍ଚଳର ଲୋକେ ସହର ମଧ୍ୟକୁ ନଆସି ଉକ୍ତ ରାସ୍ତା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲ୍ଲା ସଦର ମହକୁମାକୁ ଯୋଗାଯୋଗ କରିପାରିବେ । ଫଳରେ ବର୍ତ୍ତମାନ ଏହି ରାସ୍ତାଟିରେ ଯିବା ଆସିବା କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡିଛି । ଅନେକ ସ୍ଥାନରେ ବଡ ବଡ ଗାଡ ମାନ ସୃଷ୍ଟି ହେବା ଫଳରେ ବଡ ଗାଡି ଯିବା କଷ୍ଟକର ତିନି ଚକିଆ ପ୍ୟାସେଞ୍ଜର ଅଟୋ ଏବଂ ଅନ୍ୟ ଛୋଟ ଚାରି ଚକିଆ ଗାଡି ଯିବା ଆସିବାରେ ବାଧା ସୃଷ୍ଟି କରୁଛି । ଏହି ରାସ୍ତାର କିଛି ଅଂଶ ଢଳେଇ ଏବଂ ଅନ୍ୟ କିଛି ଅଂଶ ପିଚୁ ହୋଇଅଛି । ପ୍ରାୟ ୪ କୋଟି ଟଙ୍କାର କାମ ୫ ବର୍ଷ ଭିତରେ ଖରାପ ହୋଇଯାଇଛି । ଢଳେଇ ହୋଇଥିବା ଅଧିକାଂଶ ସ୍ଥାନରେ ରାସ୍ତା ଫାଟି ଆଁ କଲାଣି । ବିଶେଷ କରି କଟକ-ଚାନ୍ଦବାଲି ରାଜପଥର ବାରୁଅ ଛକ ନିକଟରୁ ନିଳିକଣା ଏବଂ ଦେପୁର ଦେଇ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ଏହି ରାସ୍ତାର ଗୁରୁତ୍ୱ ଅଧିକ ଅଟେ । ଏକ ବର୍ଷ ହେଲା ଲକ୍ଷ୍ମୀ ବସ୍ ଯାତାୟତ ବନ୍ଦ ହୋଇଯିବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ବିଶେଷ କରି ୫ଟି ପଞ୍ଚାୟତ ଯଥା କପାଳେଶ୍ୱର, ବାରୁଅ, କୋର, କଂସାର, ଓସ୍ତପୁର ଆଦି ପଞ୍ଚାୟତର ହଜାର ହଜାର ଲୋକ ଲକ୍ଷ୍ମୀ ବସ ସେବାରୁ ପ୍ରାୟ ଏକ ବର୍ଷ ହେବ ବଞ୍ଚିତ ହେବା ସହିତ ଜରୁରୀକାଳୀନ ଗାଡି ଯିବା ଆସିବା କରିପାରୁ ନାହିଁ । ଏହି ବିଷୟରେ ନୂତନ ଭାବେ ଯୋଗ ଦେଇଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରାଯିବାରୁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ତୁରନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି । ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଏହି ରାସ୍ତା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି ।

# ରାମକୃଷ୍ଣ ସାମନ୍ତସିଂହାରଙ୍କ ୨୩୪ତମ ଜୟନ୍ତୀ

**ମୂଷାଟିକିରି,୮।୫/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ବରୀ ବ୍ଲକ ବରୁହାଁ ପ୍ରଗନା ବାଲିଆ ସାଆନ୍ତ ଉଆସରେ ୧୭୯୨ ମସିହାରେ ଜନ୍ମିତ ମହାନ ବିପ୍ଳବୀ ଜମିଦାର ରାମକୃଷ୍ଣ ସାମନ୍ତସିଂହାରଙ୍କ ୨୩୪ତମ ଜନ୍ମ ଜୟନ୍ତୀ ସଂଗ୍ରାମୀ ହବ୍ ମୂଷାଟିକିରି ଠାରେ ପାଳିତ ହୋଇଯାଇଛି । ବିପ୍ଳବ ରାମକୃଷ୍ଣ କବି ଅଭିମନ୍ୟୁ ସାମନ୍ତସିଂହାର ଓ ପିତାମହ ଇନ୍ଦ୍ରଜିତ ସାମନ୍ତସିଂହାର ଏକା ଧାରାରେ ଜଣେ ଯୋଦ୍ଧା ବୀରତ୍ୱ ପୁରୁଷ ଭାବରେ ପରିଚିତ ଥିଲେ । ତତ୍କାଳୀନ ସମୟରେ ବିପ୍ଳବୀ ରାମକୃଷ୍ଣ ମରଠା ଓ ଇଂରେଜୀ ଶାସକଙ୍କ ନାଲିଆଖିକୁ ବେଖାତିରି କରି ବାଲିଆ ଉଆଶଠାରେ ସାମନ୍ତ ମେଳିକରି ଇଷ୍ଟଇଣ୍ଡିଆ କମ୍ପାନୀ ବିରୁଦ୍ଧରେ ସ୍ୱର ଉତ୍ତୋଳନକରି କରଛାଡର ଆହ୍ୱାନ ଦେଇ ୧୮୫୭ ମସିହାରେ ବ୍ରିଟିଶ ପୁଲିଶ ଦ୍ୱାରା ବିପ୍ଳବୀ ରାମକୃଷ୍ଣ ଗିରଫ ହୋଇ କାରବରଣ କରିଥିଲେ । ବରୁହାଁ ପ୍ରଗନା ରେକାବିବଜାରରେ ଥିବା ୮ଗୁଣ୍ଠୁ ଜମିକୁ ୧୩ଟଙ୍କା ମୂଲ୍ୟରେ ନିଲାମ କରଯାଇଥିଲା । ବାଲିଆ ୫୨ମୌଜା ବରୁହାଁ ପ୍ରଗନା ବାରଙ୍ଗା ୨୪ମୌଜା କଳାମାଟିଆ ଅଳତୀ ପ୍ରଗନାର ସାମନ୍ତମାନେ ଏକଜୁଟ ହୋଇ ବିପ୍ଳବୀ ସାମନ୍ତ ରାମକୃଷ୍ଣଙ୍କ ଗିରଫଦାରିର ପ୍ରତିବାଦ କରିଥିଲେ । ଏହି ପରିପ୍ରେକ୍ଷୀରେ ବିପ୍ଳବୀ ସାମନ୍ତ ରାମକୃଷ୍ଣଙ୍କ୨୩୪ତମ ଜନ୍ମ ଜୟନ୍ତୀ ସଂଗ୍ରାମୀ ହବ୍ ମୂଷାଟିକିରି ଠାରେ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ରବୀନ୍ଦ୍ର ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଚୌଧୁରୀ ଅତୁଲ୍ୟ ମଙ୍ଗରାଜ ମହାପାତ୍ର, ବ୍ରଜବିହାରୀ ମାନସିଂହ ମହାପାତ୍ର, ଗୌରାଙ୍ଗ ଚରଣ ରାୟ, ଦୁଖୀରାମ ଜେନା, ରାଜ କିଶୋର ସାମଲ, ସୂର୍ଯ୍ୟମଣି ବିଶ୍ୱାଳ, ଚୌଧୁରୀ ତ୍ରିଲୋଚନ ମହାପାତ୍ର, ନିମାଇ ରାୟ, ଓଡିଶା ପ୍ରଦେଶ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସମିତି, ମୂଷାଟିକିରି ଆବାହକ ଶଶାଙ୍କ ଶେଖର ଶତପଥି, ପ୍ରଫେସର ଡଃ ରୁଦ୍ରପ୍ରତାବ ଦାସ ଦିଲୀପ ମଙ୍ଗରାଜ, ଆଇନିଜୀବୀ ଜ୍ଞାନେଶ ମହାନ୍ତି, ପ୍ରଫେସର ଡଃ ଜଟିନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବିପ୍ଳବୀ ରାମକୃଷ୍ଣ ସାମନ୍ତ ସିଂହାରଙ୍କବୀରତ୍ୱ ଓ ଗାରୀମାମୟ ଇତିହାସ ସମ୍ବଳିତ ଯୁବପିଢ଼ୀଙ୍କୁ ପ୍ରେରଣା ଯୋଗାଇଥିଲେ । ସମିତିର କର୍ମକର୍ତ୍ତା ସୁନୀଲ କୁମାର ଜେନା ସମସ୍ତ ଅତିଥିଙ୍କୁ କୃତଜ୍ଞାତ ପ୍ରଦାନ କରିଥିଲେ ।

# ରୋଗୀସେବା ଦାବିରେ ୧୨ ଘଣ୍ଟିଆ ବନ୍ଦ ସଫଳ

**ତାଳଚେର,୮।୫/ଏନ୍‌ଏନ୍‌ଏସ୍:** ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍‌ରେ ରୋଗୀସେବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ୧୨ ଘଣ୍ଟିଆ ତାଳଚେର ବନ୍ଦ ସଫଳ ହୋଇଛି । ଯାହା ଫଳରେ ତାଳଚେରରେ ରେଳ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୋକାନ ବଜାର, ବ୍ୟାଙ୍କ, ବିଭିନ୍ନ ସରକାରୀ ଅଫିସ୍ ଓ ବେସରକାରୀ ଅଫିସ୍ ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିଥିଲା । ତାଳଚେରର ଜନସାଧାରଣ ନିଜସ୍ୱ ଭାବେ ଏହି ବନ୍ଦକୁ ସମର୍ଥନ କରି ବନ୍ଦରେ ସାମିଲ୍ ହୋଇଥିଲେ । ବହ୍ଲର ଛକ ଠାରେ ଜାତୀୟ ରାଜପଥକୁ ବନ୍ଦ କରିଥିବା କମିଟିର ସାଧାରଣ ସଂପାଦକ ବିଜୟ ପ୍ରଧାନ, ସୁରଥ ରଥ, ଗଦାଧର ପାତ୍ରଙ୍କୁ ପୁଲିସ୍ ଥାନାରେ ଅଟକ ରଖିଥିବା ସହ ମାମଲା ରୁଜୁ କରିଥିଲେ । ସେହିପରି କମିଟିର ସଭାପତି ଅଭୟ ପାଣିଙ୍କ ନେତୃତ୍ୱରେ କଂଗ୍ରେସ୍ ନେତା ପ୍ରଫୁଲ ଦାସ, ରୀତାରାଣୀ ଦାସ, ନଖିଆ ସାହୁ, ମନୋଜ ସାହୁ, ଗଗନ ଦାସ, ଶରତ ଦାସ, ବିନୋଦ ଲାଲ୍ ପ୍ରମୁଖ ଡେରା ଓଭରବ୍ରିଜ୍ ଠାରେ କୋଇଲା ବୋଝେଇ ଟ୍ରେନ୍‌କୁ ଅଟକ ରଖିଥିଲେ । ଏହି ଆନ୍ଦୋଳନକୁ ସମର୍ଥନ କରି ନିଜ କର୍ମିମାନଙ୍କ ସହିତ ରେଳ ଚଳାଚଳକୁ ବନ୍ଦ କରିଥିଲେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ । ସେହିପରି ଚୈତନ୍ୟ ପ୍ରଧାନ, କେଶବ ଭୂତିଆ, ସୁଲେଖ ସେଠୀ, ଜିନେସ ସାହୁ, ପ୍ରଫୁଲ ନାଏକ, ଦାସରଥି ସାହୁ, ହରିହର ଦାସ, ସନ୍ତୋଷ ମହାରଣା, ବଳରାମ କୁଣ୍ଡଙ୍କ ନେତୃତ୍ୱରେ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ପେଟ୍ରୋଲ୍ ପମ୍ପ ଇତ୍ୟାଦି ଗୁଡିକୁ ବନ୍ଦ କରିଥିଲେ । ଏହି ଆନ୍ଦୋଳନରେ ପୂର୍ବତନ ସାଂସଦ ମହେଶ ସାହୁ, କଂଗ୍ରେସ୍ ନେତ୍ରୀ ସସ୍ମିତା ବେହେରା, ରାଜକିଶୋର ସାହୁ, ରମାକାନ୍ତ ସାମଲ, ଶୁଭେନ୍ଦୁ ରଥ, ଶେଷ ମହାନ୍ତି, ସୁଶାନ୍ତ ସାମଲ, ଧିରେନ୍ ପାଣି, ପ୍ରତାପ ପଟ୍ଟନାୟକ, ସନ୍ତୋଷ ଦେହୁରୀ, ବାସନ୍ତି ନାଥ, ପିଣ୍ଟୁ ପ୍ରଧାନ, ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଶତାଧିକ ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ ।




# ଆକାଶରେ ମେଘ ଉଠେଇଲେ ରାଜକନିକା ଅନ୍ଧାର

**ରାଜକନିକା,୮।୫/ଏନ୍‌ଏନ୍‌ଏସ୍:** ଆକାଶରେ ମେଘ ଉଠେଇଲେ ରାଜକନିକା ସମ୍ପୂର୍ଣ୍ଣ ଅନ୍ଧାର । ସୂଚନା ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ଶେଷ ରାଜକନିକା ବ୍ଲକ୍ । ରାଜକନିକା ବ୍ଲକ ୨୯ ପଞ୍ଚାୟତ ରହିଛି । ଏହି ବ୍ଲକ୍‌ରେ ଲୋକମାନେ ସୁବିଧାରେ ବିଦ୍ୟୁତ ପାଇବା ଲାଗି ଓଳାଭର ଠାରେ ଗ୍ରୀଡ ସ୍ଥାପନ ହୋଇଥିବା ବେଳେ, ୩ଟି ଷ୍ଟ୍ରକଚର ରାଜକନିକା, ଓଳାଭର ଓ ନହୁଲିଆ ଛକରେ ରହିଛି । କଣ୍ଡିଆ ଠାରେ ଆଉଏକ ଷ୍ଟ୍ରକଚର ସ୍ଥାପନ ହେବାର ପ୍ରସ୍ତାବ ଅଛି । ସାଧାରଣ ଲୋକଙ୍କୁ ଇଲେକ୍ଟ୍ରିକ୍ କରେଣ୍ଟ ସହଜ ଓ ସୁବିଧାରେ ଯୋଗାଇଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ତତ୍ପରତା ପ୍ରକାଶ କରୁଥିବା ବେଳେ ଗ୍ରାଉଣ୍ଡ ଜିରୋରେ କିନ୍ତୁ ସ୍ଥିତି ଅଲଗା । ଏବେ କାଳବୈଶାଖୀ ପ୍ରଭାବରେ ପ୍ରତ୍ୟହ ଅପରାହ୍ନରେ ବର୍ଷା, ପବନ, ଘଡଘଡି ଓ ବଜ୍ରପାତ ଭଳି ପ୍ରାକୃତିକ ସମସ୍ୟା ଦେଖା ଦେଉଥିବା ବେଳେ ଅଞ୍ଚଳକୁ ସମ୍ପୂର୍ଣ୍ଣ ଅନ୍ଧାର କରିଦିଆଯାଉଛି । ଆକାଶ ମେଘାଚ୍ଛନ୍ନ ହେଲେ ଅଞ୍ଚଳବାସୀ ବିଦ୍ୟୁତ୍‌ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାଦ୍ୱାରା ସନ୍ଧ୍ୟା ସମୟରେ ପାଠ ପଢିବାରେ ବ୍ୟାଘାତ ସୃଷ୍ଟି ହେଉଛି ଛାତ୍ରୀଛାତ୍ରଙ୍କ । ବୃଦ୍ଧ, ବୃଦ୍ଧାଙ୍କ ଚଳପ୍ରଚଳରେ ଅସୁବିଧା ହେଉଛି । ବ୍ୟବସାୟୀମାନଙ୍କର ବେପାରବଣିଜରେ ବାଧା ସୃଷ୍ଟି ହେଉଛି । ଯଦି ଟିକେ ବି ପବନ ବର୍ଷା ହେଲା ଘଣ୍ଟା ଘଣ୍ଟା ରାଜକନିକା ଅଞ୍ଚଳ ଅନ୍ଧାର, ବର୍ଷା ଛାଡିବାର ଦୁଇ ଘଣ୍ଟା ପରେ ଅଫିସରୁ ବାହାରି ଥାନ୍ତି କର୍ମଚାରୀ । ଖୋଜା ଯାଏ କେଉଁଠି ଫ୍ଲଟ, ବିଦ୍ୟୁତ ସେବା ଦେବା ବେଳକୁ ରାତି ଅଧ ହୋଇ ଥାଏ ବୋଲି ଓସ୍ତିଆ ଫିଡ଼ରର ଉପଭୋକ୍ତାମାନେ କହିଛନ୍ତି । ଆଗକୁ ଏକ ବଡ଼ ଆନ୍ଦୋଳନ ଲାଗି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ । ଏ ସମ୍ପର୍କରେ ରାଜକନିକା ଟିପିସିଓଡିଏଲର କନିଷ୍ଠ ଯନ୍ତ୍ରୀ ଦୀପଙ୍କର ଦେବତା କହିଛନ୍ତି, ଗ୍ରୀଡରୁ ସପ୍ଲାଏ ନାହିଁ । ସେଠାରୁ ଆସିଲେ ଆମେ ଚେକ୍ କରି ଦେବୁ ବୋଲି କହିଛନ୍ତି ।

# 'ଜୁଭେଣ୍ଟିକା' ସଚେତନତା ଶିବିର

**କଣିହାଁ,୮।୫/ଏନ୍‌ଏନ୍‌ଏସ୍:** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍‌ର ବିଭିନ୍ନ ଥାନାରେ ଓଡ଼ିଶା ପୁଲିସ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଶୁକ୍ରବାର ଅପରାହ୍ନରେ 'ଜୁଭେଣ୍ଟିକା' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କିଶୋର କିଶୋରୀମାନଙ୍କ ସଚେତନତା ଓ ସୁରକ୍ଷାକୁ ଲକ୍ଷ୍ୟ କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଜି ଓଡ଼ିଶା ପୁଲିସ ଡିଜି ୱାଇବି ଖୁରାନିଆ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା ପକ୍ଷରୁ କିଶୋର କିଶୋରୀମାନଙ୍କୁ ଶିଶୁ ସୁରକ୍ଷା, ସାଇବର୍ ସୁରକ୍ଷା, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ନିବାରଣ ଓ ସମାଜରେ ସଚେତନତା ବୃଦ୍ଧି ସମ୍ପର୍କରେ ସଚେତନ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ମହିଳା, ଶିଶୁ ଓ ଅଙ୍ଗନବାଡ଼ି କର୍ମୀମାନେ ମଧ୍ୟ ଏହି ଶିବିରରେ ଯୋଗ ଦେଇଥିଲେ । ଏହି ସଚେତନତା ଶିବିରରେ କଣିହାଁ ଆଇଆଇସି ରମଣୀ ରଞ୍ଜନ ଦଳେଇ,ଏନ୍‌ଟିପିସି ଟାଉନ ଥାନା ଆଇଆଇସି ସଂଯୁକ୍ତା ଖିଲାର, ରେଙ୍ଗାଲି ଆଇଆଇସି ଚଞ୍ଚଳା ନାୟକ ଓ ସମଲ ଥାନା ଆଇଆଇସି ମୁର୍ତ୍ତିଲ କଲୋଙ୍କ ସହ ସମସ୍ତ ଥାନାର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

**ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ**

# 'ରେଡ୍‌କ୍ରସ୍ ଏକ ସଂଗଠନ ନୁହେଁ, ଏହା ମାନବତାର ପ୍ରତୀକ'

**ଯାଜପୁର,୮।୫/ଏନ୍‌ଏନ୍‌ଏସ୍:** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡ୍‌କ୍ରସ ଶାଖା ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ ଦିବସ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଅଧକ୍ଷ ଜିଲ୍ଲା ରେଡ୍‌କ୍ରସ ଶାଖା ଅମ୍ବର କୁମାର କର ମାନବ ସେବା, ସହାନୁଭୂତି ଓ ସ୍ୱେଚ୍ଛାସେବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଲେ ରେଡ୍‌କ୍ରସ କେବଳ ଏକ ସଂଗଠନ ନୁହେଁ, ଏହା ମାନବତାର ପ୍ରତୀକ । ଦୁର୍ଯ୍ୟୋଗ, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା ଓ ସେବା କ୍ଷେତ୍ରରେ ରେଡକ୍ରସର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ବିରଳ ବ୍ଲଡ୍ ଗ୍ରୁପ୍‌ର ବ୍ଲଡ୍‌କୁ ସଂରକ୍ଷଣ କରି ରଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ କହିଥିଲେ ସମାଜର ଅସହାୟ ଓ ଦୁର୍ବଳ ବର୍ଗଙ୍କୁ ସହଯୋଗ କରିବା ହିଁ ରେଡ୍‌କ୍ରସର ମୂଳ ଲକ୍ଷ୍ୟ । ଯୁବପିଢୀଙ୍କୁ ଏହି ସେବା ମନୋଭାବରେ ସାମିଲ କରିବା ଆବଶ୍ୟକ । ରକ୍ତଦାନ ଓ ସାମାଜିକ ସେବା ମାଧ୍ୟମରେ ରେଡ୍‌କ୍ରସ ଲୋକଙ୍କ ମନରେ ଏକ ବିଶ୍ୱାସର ପରିଚୟ ସୃଷ୍ଟି କରିଛି । ଆଗାମୀ ଦିନରେ ମଧ୍ୟ ଏହି ସେବା କାର୍ଯ୍ୟ ଅଧିକ ବ୍ୟାପକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର ସପନ କୁମାର ନନ୍ଦ, ଅଧକ୍ଷା ପୌରପରିଷଦ ରଞ୍ଜୁଲତା ହୋତା, ଏଡିଏମ୍‌ଓ ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡକ୍ରସ୍ ଦିବସର ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମରେ ରେଡକ୍ରସର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବୈଠକର ପ୍ରାରମ୍ଭରେ ରେଡକ୍ରସ୍ ସଦସ୍ୟ ଆଡଭୋକେଟ ପ୍ରମୋଦ ମହାନ୍ତିଙ୍କ ମୃତ୍ୟୁରେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ମା' ବିରଜା ଓ ହେନେରୀ ଡ୍ୟୁନାଣ୍ଟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ୫୦ ହଜାରରୁ ଉର୍ଦ୍ଧ୍ୱ ରାଶି ରେଡକ୍ରସ୍ ପାଣ୍ଠିକୁ ଦାନ କରିଥିବା ଅନୁଷ୍ଠାନମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସେଥିମଧ୍ୟରୁ ଏମ୍‌ଏସ୍ ଟାଟା ଷ୍ଟିଲ ଲିମିଟେଡ ୧୫ ଲକ୍ଷ ଅର୍ଥ ରାଶି ଦାନ କରି ପ୍ରଥମସ୍ଥାନ, ସିଏସଓ, ଯାଜପୁର ୧୨ ଲକ୍ଷ ୫୮ ହଜାର ଅର୍ଥରାଶି ଦାନକରି ଦ୍ୱିତୀୟ ସ୍ଥାନ ଓ ଏମ୍‌ଏସ୍ ଜିନ୍ଦଲ ଷ୍ଟେନ୍ ଲେସ୍ ଲିମିଟେଡ୍ ୧୦ ଲକ୍ଷ ଦାନକରି ତୃତୀୟ ସ୍ଥାନ ହାସଲ କରିଛନ୍ତି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଖେଳ ନିରୀକ୍ଷକ ଏହି ଆର୍ଥିକ ବର୍ଷରେ ଜିଲ୍ଲା ଜୁନିଅର ରେଡକ୍ରସ ସଂସ୍ଥା (ସ୍କୁଲ୍‌ସ୍ତରରେ) ପକ୍ଷରୁ କରାଯାଇଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଏବଂ ୟୁଥ୍ ରେଡକ୍ରସ ସଂସ୍ଥା (କଲେଜ୍‌ସ୍ତରରେ) କରାଯାଇଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ବିବରଣୀ ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ, ଜିଲ୍ଲା ରେଡକ୍ରସ ସଂସ୍ଥାର ସଦସ୍ୟ ବୃନ୍ଦ, ବୁଦ୍ଧିଜୀବୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ସମାଜସେବୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ଶଳାକୁ ଅପହରଣ କରି ଭିଣୋଇ ସହ ୪ ଗିରଫ

**ନାଉଗାଁ,୮।୫/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଞ୍ଚଳରେ ନିଜ ପତ୍ନୀକୁ ହତ୍ୟା କରିବାର ଉଦ୍ଦେଶ୍ୟ ରଖି ଶଳାକୁ ଅପହରଣ କରିଥିଲେ ସ୍ୱାମୀ ଓ ସହଯୋଗୀ । ଶଳା ମାଧ୍ୟମରେ ସ୍ତ୍ରୀକୁ ଡକାଇ ହତ୍ୟା ଷଡ଼ଯନ୍ତ୍ର

**ସ୍ତ୍ରୀକୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚିଥିଲା ସ୍ୱାମୀ**

ରଚିଥିଲା ସ୍ୱାମୀ । କିନ୍ତୁ ଏହି ଷଡ଼ଯନ୍ତ୍ରରେ ସଫଳ ହେବା ପୂର୍ବରୁ ଠିକଣା ଜାଗାରେ ପହଞ୍ଚି ଯାଇଥିଲା ପୁଲିସ । ପାରିବାରିକ କଳହକୁ ନେଇ ଏଭଳି ଘଟଣା ଘଟିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ମୁତାବକ, ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ପାଳପୋଖରୀ ଗାଁର ସମୀର ମୁଦୁଲି ଏବଂ ତାଙ୍କ ସ୍ତ୍ରୀ ମୋନାଲିସା ମୁଦୁଲିଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା । ସମୀର ତାଙ୍କ ସ୍ତ୍ରୀଙ୍କୁ ପୂର୍ବରୁ ହତ୍ୟା ଉଦ୍ୟମ ମଧ୍ୟ କରିଥିଲେ । ପରେ ମୋନାଲିସା ସ୍ୱାମୀଙ୍କୁ ଛାଡ଼ି ନିଜ ବାପାଘରେ ରହି ଆସୁଥିଲେ । ତେବେ ଗତକାଲି ସକାଳେ ମୋନାଲିସାଙ୍କ ଭାଇ ସୌମ୍ୟକାନ୍ତ ମୁଦୁଲି ଭୁବନେଶ୍ୱର ଯାଉଥିବାବେଳେ ବିଡିଏ ସାଇ ମନ୍ଦିର ନିକଟରୁ ସୌମ୍ୟକାନ୍ତର ଭିଣୋଇ ସମୀର ମୁଦୁଲି ଏବଂ ତାର ସହଯୋଗୀ ଆଲୋକ ନାୟକ, ସତ୍ୟବ୍ରତ ଦାସ ଏବଂ ସୂର୍ଯ୍ୟକାନ୍ତ ସେନାପତି ଆଦି ୪ଜଣ ମିଶି ଏକ ମାରୁତି ଭ୍ୟାନ୍‌ଯୋଗେ ସୌମ୍ୟକାନ୍ତଙ୍କୁ ଅପହରଣ କରିଥିଲେ । ପରେ ସୌମ୍ୟକାନ୍ତଙ୍କୁ ନାଉଗାଁ ଥାନା ପାଳପୋଖରୀ ଅଞ୍ଚଳର ଏକ ଘରେ ଆଣି ରଖିଥିଲେ । ସମୀର ନିଜର ସ୍ତ୍ରୀ ତଥା ଅପହୃତ ସୌମ୍ୟକାନ୍ତର ଭଉଣୀ ମୋନାଲିସାକୁ ସେଠାକୁ ଆସିବା ପାଇଁ ବାଧ୍ୟ କରିଥିଲେ । ଯଦି ଭଉଣୀ ନଆସିବ ତେବେ ସୌମ୍ୟକାନ୍ତକୁ ପେଟ୍ରୋଲ ଢାଳି ହତ୍ୟା କରିବେ ବୋଲି ଧମକ ଦେଇଥିଲା ସମୀର । ତେବେ ମୋନାଲିସା ଏହି ଅପହରଣ ସମ୍ପର୍କରେ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅପହୃତ ସୌମ୍ୟକାନ୍ତଙ୍କୁ ଉଦ୍ଧାର କରିବା ସହ ମୁଖ୍ୟ ଅଭିଯୁକ୍ତ ଭିଣୋଇ ସମୀର ସମେତ ୪ଜଣଙ୍କୁ ଗିରଫ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।



**ନିତି ଭାରତୀ**

ଘରଚଟିଆ ଚଢ଼େଇମାନଙ୍କୁ ଦେଖ, ସେମାନେ ପର ମୁହୂର୍ତ୍ତରେ କ'ଣ କରିବେ, ଜାଣନ୍ତି ନାହିଁ। ଠିକ୍ ସେମିତି ଆମକୁ ପ୍ରତି ମୁହୂର୍ତ୍ତରେ ସମୟର ଅନୁରୂପତା ଆବଶ୍ୟକ କାମ କରି ବଞ୍ଚିବାକୁ ହେବ। - **ମହାତ୍ମା ଗାନ୍ଧୀ**

NITIDIN
ନିତିଦିନ
ଶନିବାର, ୯ ମେ' ୨୦୨୬

# ଉଚ୍ଚପଦସ୍ଥ ଅଧିକାରୀଙ୍କ ଉଦାହରଣୀୟ ବ୍ୟକ୍ତିତ୍ୱ



ମୌସୁମୀ ପରିଡ଼ା

ଆଜିକାଲି ଚାକିରି ପାଇଁ ଅସମ୍ଭବ ପ୍ରତିଯୋଗିତା। ମାତ୍ରାଧିକ ଆଶାୟୀ, କିନ୍ତୁ ପଦବୀ ସଂଖ୍ୟା ଆଶାତୀତ ଭାବେ କମ୍। ତା' ଭିତରେ ଜଣେ ପଦସ୍ଥ ଅଧିକାରୀ ବନି ନିଜକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସାଧାରଣ କଥା ନୁହେଁ। ସେ ସ୍ୱତନ୍ତ୍ରତା ଅନ୍ୟମାନଙ୍କ ପାଇଁ ଉଦାହରଣ ହେଉ କିମ୍ବା ନିଜ ନିଷ୍ଠାପରତାର ପ୍ରମାଣ- ସବୁ ଭିତରେ ଅନେକ ତିକ୍ତ ଅନୁଭୂତି ଥିବ ନିଶ୍ଚୟ। କାରଣ ତାକୁ ବି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଉତ୍ତର ଦେବାକୁ ହେଉଥିବ। ଟିମ୍ ମେମ୍ବରମାନଙ୍କ ଭରସାର ପାତ୍ର ବନିବାକୁ ପଡୁଥିବ। ବିଶ୍ୱସ୍ତ ଲୋକମାନଙ୍କ ବଳୟ ଭିତରେ ରହିବାକୁ କଠିନ ମାନସିକତାର ସାମ୍ନା କରିବାକୁ ହେଉଥିବ। କାରଣ, ସ୍ୱାର୍ଥପର ସମାଜରେ କାହାକୁ ବି ଭରସା କରାଯାଇ ନପାରେ।

ଏଭଳି ବିପରୀତ ସ୍ଥିତିରେ ଥାଇ ବି ନିଜ କ୍ଷମତାର ଉଚିତ୍ ବିନିଯୋଗ କରିବା ସାହସିକତାର କାର୍ଯ୍ୟ। କାରଣ, ନିଜ ଶୃଙ୍ଖଳା ଭିତରେ ଥାଇ, ଜନସାଧାରଣଙ୍କ ସୁଖଦୁଃଖ, ସୁବିଧା ଅସୁବିଧାକୁ ହେଜରେ ରଖି ନିଜକୁ ପ୍ରସ୍ତୁତ କରିବା ଓ ସେଥିପାଇଁ ଲକ୍ଷ୍ୟକୁ ସ୍ଥିର ରଖି କାମ କରିବା ବେଶ୍ ଚ୍ୟାଲେଞ୍ଜିଂ। ନିଜ ଦକ୍ଷତା ଉପରେ ଭରସା ରଖି ଯିଏ ନିଜ ପଦବୀ ଅନୁସାରେ ଜନସେବା କରେ, ସେ ହିଁ ଉଦାହରଣ ସୃଷ୍ଟି କରିପାରେ। ଯଦିଓ ସମାଜରେ ନକାରାତ୍ମକ ଲୋକଙ୍କ ସଂଖ୍ୟା ବହୁତ, କିନ୍ତୁ ଅଳ୍ପ ସଂଖ୍ୟକ ଭଲ ଲୋକଙ୍କ ପାଇଁ ହିଁ ମାନବତା ତିଷ୍ଠି ରହିଛି। ତେବେ ନିଜ କ୍ଷମତାର ଅପବ୍ୟବହାରକାରୀଙ୍କ ସଂଖ୍ୟା ଅଧିକ ଥାଇ ସଦ୍‌ବ୍ୟବହାରୀଙ୍କ ସଂଖ୍ୟା ନଗଣ୍ୟ ହେଲେ ବି କିଛି କମ୍ କଥା ନୁହେଁ। ଆଜିକାଲି ପଦ ପଦବୀକୁ ନିଜ ସ୍ୱାର୍ଥ ପାଇଁ ନିୟୋଜିତ କରୁଥିବା ପଦାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ନିକଟରେ ଆଇପିଏସ୍ ଅଫିସର ବି ସୁମତିଙ୍କ କାର୍ଯ୍ୟ ବେଶ୍ ପ୍ରଶଂସନୀୟ।

ଆମ ପୂର୍ବପୁରୁଷମାନେ ସ୍ୱାଧୀନତା ପାଇବାକୁ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ। ଘର, ପରିବାର, ସ୍ୱାର୍ଥ- ସବୁକିଛି ତ୍ୟାଗ କରି ସ୍ୱାଧୀନତା ହାସଲ ପାଇଁ ପାଗଳଙ୍କ ପରି ଲଢ଼େଇ କଲେ। କିଛି ଫାଶୀଖୁଣ୍ଟରେ ଝୁଲି, କିଛି ଗୁଳିରେ, ଆଉ କିଛି ଇଂରେଜମାନଙ୍କ ପ୍ରପଞ୍ଚ ଓ କ୍ରୂରତା ଦ୍ୱାରା ସହିଦ ହୋଇଗଲେ। ତେବେ ବି ସ୍ୱାଧୀନତା ସଂଗ୍ରାମୀମାନେ ପଛଘୁଞ୍ଚା ଦେଲେନି। କୌଣସି ଆତଙ୍କ ସେମାନଙ୍କୁ ପରାଧୀନତାଠୁ ବଡ଼ ଲାଗିଲାନି! ସେମାନଙ୍କ ନିଷ୍ଠା ଓ ଦେଶଭକ୍ତି ପାଇଁ ସ୍ୱାଧୀନତା ମିଳିଲା ସତ, କିନ୍ତୁ ପ୍ରକୃତରେ କ'ଣ ସାମାଜିକ ଚିତ୍ର ବଦଳି ଗଲା ନା ରାଜନୀତିକ ସ୍ଥିରତା ଆସିଲା?

କହିବା ବାହୁଲ୍ୟ, ସମସ୍ୟା ନୂତନ ରୂପରେଖ ନେଇ ବୃଦ୍ଧି ପାଇଲା; ନୂଆ ନୂଆ ଆତଙ୍କ ଖେଳାଇ ଲୋକମାନଙ୍କୁ ଭୀରୁ, କାପୁରୁଷ ବନେଇ ଦେଲା। କାଦୁଅଫିଙ୍ଗା ନୀତିରେ ପରସ୍ପରକୁ ଦୋଷ ଲଦି ନିଜକୁ ସଫାସୁତୁରା କରିଦେଇ ଲୋକମାନଙ୍କ ଦାବିକୁ ଭୁଲିଯିବାକୁ ବସିଲେ। ସମାଜରେ ଆର୍ଥିକ ତାରତମ୍ୟ ବୃଦ୍ଧି ପାଇବା ସହିତ ମେଧାବୀମାନଙ୍କ ସଂଖ୍ୟାରେ ହ୍ରାସ ଘଟିଲା। ଅତ୍ୟାଧୁନିକତା ଓ ଅନ୍ଧ ସ୍ୱାର୍ଥପରତା ଦ୍ୱାହିରେ ଲୋକେ ଏତେ ପରିମାଣରେ ଅନ୍ଧ ବନିଗଲେ ଯେ ମଣିଷ ଭିତରର ବିଚାର ବିବେକ ଟିକକ ବି ଲୋପ ପାଇବାକୁ ବସିଲା! ଏବେ ଆମେ ଅତୀତର ରକ୍ତରଞ୍ଜିତ ଇତିହାସ ଭିତରୁ ସତ୍ୟକୁ ଅନ୍ୱେଷଣ କରି ଆତ୍ମସନ୍ତୋଷ ଲାଭ କରୁଛୁ ସିନା, ବର୍ତ୍ତମାନର ଭିତ୍ତିଭୂମି ଉପରେ ଆମମାନଙ୍କ ମାନବିକତା ମରି ସାରିଛି! ନା ସତ୍ୟକୁ ସତ୍ୟ କହିବାର ସାହସ ଅଛି, ନା ମିଥ୍ୟାକୁ ବିରୋଧ କରିବାର ସାମର୍ଥ୍ୟ। ଅନେକ ଜଳକାଙ୍କ ପରି ଚାହିଁଛନ୍ତି; ପାଟିରେ ପଟି ଭିଡ଼ି ଦିଆଯାଇଛି। କିଛି କହି ପାରିବେ, କିନ୍ତୁ ସେମାନଙ୍କ ଆଖିରେ ଅନ୍ଧପୁଟୁଳି। ମାୟାନ୍ଧ ମଣିଷମାନଙ୍କ ଷଡ଼ଯନ୍ତ୍ରରେ ପାଶବିକତା ବୃଦ୍ଧି ପାଇଛି। ଆଜିକାଲି ମଣିଷର ଶତ୍ରୁ ଆଉ କେହି ନୁହେଁ; ନିଜେ ମଣିଷ।

ଥରେ ପ୍ରକୃତ ସ୍ୱାଧୀନତାର ସଂଜ୍ଞା ନିର୍ଣ୍ଣୟ କରି ମହାତ୍ମା ଗାନ୍ଧୀ କହିଥିଲେ- କେବଳ ବ୍ରିଟିଶ୍ ଶାସନରୁ ମୁକ୍ତି ପାଇବା ସ୍ୱାଧୀନତା ନୁହେଁ, ବରଂ ସମାଜରେ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ହେଉଛି ସ୍ୱାଧୀନତା। ମହିଳାମାନଙ୍କ ସୁରକ୍ଷା ହେଉଛି ସମାଜର ନୈତିକତା ଓ ଆଇନ ଶୃଙ୍ଖଳାର ମାପକାଠି। ମହାତ୍ମା ଗାନ୍ଧୀଙ୍କ ଭାଷାରେ- ସେହି ଦିନ ଭାରତ ପ୍ରକୃତ ସ୍ୱାଧୀନତା ହାସଲ କରିବ, ଯେଉଁଦିନ ଜଣେ ମହିଳା ନିର୍ଭୟରେ ରାଜରାସ୍ତାରେ ଏକାକୀ ଯାଇ ପାରିବେ। ଯଦି ଏହା ହିଁ ସ୍ୱାଧୀନତା ଓ ମହିଳା ନିରାପତ୍ତାର ସଂଜ୍ଞା, ତେବେ ଆମ ନିଜକୁ ପ୍ରଶ୍ନଟିଏ- ସତରେ ଆମେ କ'ଣ ସ୍ୱାଧୀନ? ତେବେ କେତେ ସ୍ୱାଧୀନ? ଘରେ, ବାହାରେ କାମ କରୁଥିବା କର୍ମଜୀବୀ ମହିଳାମାନେ କ'ଣ ସ୍ୱାଧୀନ ନିଜ ଜୀବନ ବଞ୍ଚିବାକୁ?

ଆଜି ବି ମହିଳା ସଶକ୍ତିକରଣର ନାରାବାଜି କରୁଥିବା ସମାଜ ମହିଳାମାନଙ୍କୁ କେବଳ ଉପଭୋଗର ସାମଗ୍ରୀ ମନେକରେ। ସନ୍ଧ୍ୟାବେଳେ ବି କୌଣସି ମହିଳା ପଦାକୁ ଗୋଡ଼ କାଢ଼ିଲେ ଘର ଲୋକଙ୍କ ମନରେ ଛନକା ପଶେ। ଏହା ହିଁ ଆମର ବର୍ତ୍ତମାନ ସ୍ୱାଧୀନତାର ପରିଭାଷା! ଏଭଳି ସ୍ଥିତିରେ କାହାର କର୍ତ୍ତବ୍ୟ କ'ଣ, ଜଣେ ସାଧାରଣ ମଣିଷ କିମ୍ବା ପଦସ୍ଥ ଅଫିସର ଭାବେ? ସାଧାରଣ ମଣିଷଟେ ଆତ୍ମସଂଯମତା ଅବଲମ୍ବନ କରି ଅନ୍ୟ ମହିଳାଙ୍କୁ ନିଜ ମାଆ ଭଉଣୀ ହିସାବରେ ଗ୍ରହଣ କରିପାରେ, କିନ୍ତୁ ରାଜରାସ୍ତାରେ ସେମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଦେଖି ସେମାନଙ୍କୁ ସାହାରା ଯାଚି ଦେଇପାରେ କି? ବୋଧେ ଅଧିକାଂଶଙ୍କ ଉତ୍ତର ହେବ- ନା। କାରଣ ହେଉଛି ଆମ ସାମାଜିକ ଓ ଆଇନ ବ୍ୟବସ୍ଥା।

ନିକଟରେ ଗୋଟେ ଭିଡିଓ ଭାଇରାଲ୍ ହେଉଥିଲା- ବାଇକ୍ ପଛରେ ବସିଥିବା ଝିଅଟିକୁ ବାଇକ୍ ଚାଳକ କିପରି ପଛପଟୁ ପିଟାପିଟି କରି ଗାଡ଼ି ଚଲାଉ ଥିଲା। ସେ ସମୟରେ ରାଗବଶତଃ ଗାଡ଼ିଚାଳକ ଦ୍ୱାରା ଦୁର୍ଘଟଣା ଘଟି ପାରିଥାନ୍ତା। ହୁଏତ ତା' ଯୋଗୁଁ ଅନ୍ୟ ଜଣେ ନିରୀହର ଜୀବନ ଯାଇଥାନ୍ତା! ଏଇଟା ବ୍ୟକ୍ତିଗତ କଥା ନୁହେଁ, ଲୋକଙ୍କ ସାମ୍ନାରେ ଘଟୁଥିବା ଘଟଣା- ପବ୍ଲିକ୍। ଅବଶ୍ୟ ପରେ ଏହାକୁ ଖଣ୍ଡନ କରି ପୀଡ଼ିତା ଝିଅଟି କହିଛି ଯେ ଏଇଟା ସାଧାରଣ କଥା! କୌଣସି ଚାପରେ ପଡ଼ି ହେଉ ବା ନିଜର ଭୁଲ୍ ଥାଉ, କାରଣ ଯାହା ଥାଉ ନା କାହିଁକି, ରାଜରାସ୍ତାରେ ଝିଅଟି ପ୍ରତି ହୋଇଥିବା ଅତ୍ୟାଚାର ସଂପର୍କରେ କେହି କହିଲେ ଯଦି ଝିଅଟି ପକ୍ଷରୁ ତିରସ୍କାର ମିଳେ, ତେବେ କେହି କହିବେ କାହିଁକି? ଆଉ ଏକ ପ୍ରଶ୍ନ ହେଉଛି- ଅନ୍ୟ ଜଣେ ପିଠିରେ ପଡ଼ିଲେ, ତାକୁ ଯଦି ଆଇନଗତ ନୀତି ନିୟମର ଧାରାରେ ସମୟ ଅପଚୟ କରିବାକୁ ହେବ, ତେବେ ସେ ଏଥିପାଇଁ ସମୟ ଦେବ କାହିଁକି? କାରଣ ଆମ କାନୁନ୍ ବ୍ୟବସ୍ଥା ଏତେ ସରଳ ନୁହେଁ। ନାନା ପେଞ୍ଚ ରହିଛି ଏଥିରେ। ଅନେକ



ସମୟରେ ହାତୀଟେ ଖସିଯାଇ ପାରେ, କିନ୍ତୁ ପିମ୍ପୁଡ଼ିଟେ ପାଇଁ ବାଟ ନଥାଏ। ଏସବୁ ଦ୍ୱନ୍ଦ୍ୱ ଭିତରେ ଛନ୍ଦାଛନ୍ଦି ହୋଇ ସମସ୍ୟା ଗୁରୁତର ହୁଏ ସିନା ତା'ର ମୂଳୋତ୍ପାଟନ ହୋଇ ପାରେନା।

ଏଇ ନିକଟରେ ଉଦାହରଣ ପାଲଟି ଥିବା ଜଣେ ସାହସିନୀଙ୍କ କଥା ନକହିଲେ ଆଲେଖ୍ୟ ସଂପୂର୍ଣ୍ଣ ହେବନି। ହାଇଦ୍ରାବାଦର ମଲକାଜଗିରିର ପୁଲିସ କମିଶନର୍ ବି ସୁମତି ମହିଳା ସୁରକ୍ଷାକୁ ନେଇ ଆପଣେଇଥିବା ସାହସିକ ପଦକ୍ଷେପ ପାଇଁ ବେଶ୍ ଚର୍ଚ୍ଚାରେ ଅଛନ୍ତି। ସେ ତେଲେଙ୍ଗାନା କ୍ୟାଡରର ୨୦୦୬ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ, ଯିଏ ଚଳିତ ୨୦୨୬ ମସିହା ମେ' ୧ ତାରିଖରେ ମଲକାଜଗିରି ପୁଲିସ କମିଶନରେଟ୍‌ର ପ୍ରଥମ ମହିଳା କମିଶନର ଭାବରେ କାର୍ଯ୍ୟଭାର ସମ୍ଭାଳି ଥିଲେ। ମହିଳାମାନେ ରାତିରେ କେତେ ସୁରକ୍ଷିତ, ଜାଣିବା ଉଦ୍ଦେଶ୍ୟରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ।

ଚଳିତ ମେ' ୬ ତାରିଖ ମଧ୍ୟରାତ୍ରରେ ଅର୍ଥାତ୍ ରାତି ୧୨.୩୦ରୁ ପ୍ରାତଃ ୩.୩୦ ପର୍ଯ୍ୟନ୍ତ ଦିଲସୁଖ ନଗର ଅଞ୍ଚଳର ରାଜରାସ୍ତାରେ ଜଣେ ସାଧାରଣ ମହିଳା ଭାବେ ବସ୍ ଷ୍ଟପ୍‌ରେ ଛିଡ଼ା ହୋଇଥିଲେ। ମାତ୍ର ୩ ଘଣ୍ଟା ଭିତରେ ପ୍ରାୟ ୪୦ ଜଣ ଦିଗଭ୍ରଷ୍ଟ ଲୋକ ତାଙ୍କୁ ରାସ୍ତାରେ ଏକାକିନୀ ଦେଖି ଅଶ୍ଳୀଳ ଟିପ୍ପଣୀ ଦେଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଅଣ୍ଡରକଭର୍ ଅଭିଯାନ ହୋଇଥିବାରୁ ସେ ଆଗୁଆ ପଦକ୍ଷେପ ନେଇ ଅଦୂରରୁ ସାଧା ପୋଷାକରେ ଥିବା କିଛି ପୁଲିସ୍ କର୍ମୀଙ୍କୁ ସଜାଗ ରଖିଥିଲେ। ଘଟଣା ପରେ ଏମାନଙ୍କୁ ଗିରଫ କରା ଯାଇଥିଲା। କିନ୍ତୁ କେବଳ କାଉନସେଲିଂ କରିବା ସହିତ ଆଗକୁ ଯେପରି ସେମାନଙ୍କ ଦ୍ୱାରା ଏସବୁର ପୁନରାବୃତ୍ତି ନହୁଏ, ସେଥି ପ୍ରତି ସଜାଗ ରହିବାକୁ ଚେତାବନୀ ଦିଆଯାଇ ଛଡ଼ା ଯାଇଥିଲା। ଜଣେ ପଦସ୍ଥ ଅଫିସର ଭାବେ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହି କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିବାକୁ କେତେଜଣ ଆଗ୍ରହୀ ହୁଅନ୍ତି? ତା' ବି ଜଣେ ମହିଳା ପଦାଧିକାରିଣୀ ଭାବେ! ଏଭଳି ଲୋକଙ୍କ ଖବର କେତେ ଭାଇରାଲ୍ ହୁଏ? ଲୋକେ କେତେ ଦିନ ଏମାନଙ୍କୁ ମନେ ରଖନ୍ତି? ଉତ୍ତର ହେବ- ବୋଧେ ଖୁବ୍ କମ୍ ସମୟ ପାଇଁ। କାରଣ ଲୋକମାନେ ସମାଜର ଅଶାନ୍ତି ବୃଦ୍ଧିକାରକଙ୍କୁ ଅଧିକ ମନେ ରଖନ୍ତି, ସେମାନଙ୍କ ଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି।

ତାଙ୍କ ଅତୀତକୁ ଦେଖିଲେ ଜଣାଯାଏ ଯେ ଏତିକିରେ ତାଙ୍କ କର୍ତ୍ତବ୍ୟନିଷ୍ଠା ସୀମିତ ନୁହେଁ। ଆଗରୁ ସ୍ପେଶିଆଲ୍ ଇଣ୍ଟେଲିଜେନ୍ସ ବ୍ରାଞ୍ଚ୍ ଏସ୍‌ଆଇବିରେ କାମ କରି ସେ ୫୯୧ ଜଣ ମାଓବାଦୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରି ପାରିଥିଲେ, ଯାହା କମ୍ ବଡ଼ ଉପଲବ୍ଧି ନୁହେଁ। ତା' ସହିତ ସି ଟିମ୍ସ ଏବଂ ୱିମେନ୍ ପ୍ରୋଟେକ୍ସନ୍ ସେଲ୍ ଡବ୍ଲ୍ୟୁପିସିର ଡିଆଇଜି ପଦବୀରେ ରହି ମହିଳା ଓ ଛୋଟ ପିଲାମାନଙ୍କ ଅଧିକାର ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ଏହା ହିଁ ହେଉଛି ପଦର ସଦ୍‌ବ୍ୟବହାର। ଏଭଳି ନିଷ୍ଠାପର କ୍ଷମତାଧାରୀମାନେ ଯଦି ନିଜ କର୍ତ୍ତବ୍ୟ ଠିକ୍ ଭାବେ ପାଳନ କରନ୍ତି, ତେବେ ହୁଏତ ସମସ୍ୟାଗୁଡ଼ିକର ସଂଖ୍ୟା ହ୍ରାସ ପାଆନ୍ତା। ଲୋକମାନେ ଆଶ୍ୱସ୍ତ ହୁଅନ୍ତେ। ପ୍ରଶାସନ ପ୍ରତି ସମସ୍ତଙ୍କ ମନୋଭାବ ବଦଳି ଯାଆନ୍ତା। ଅବିଶ୍ୱାସ ବଦଳରେ ଭରସା ଓ ବିଶ୍ୱାସ ସୃଷ୍ଟି ହୁଅନ୍ତା। ଉଚ୍ଚ ପଦାଧିକାରୀ ବି ସୁମତିଙ୍କ ପରି ଯଦି ଅନ୍ୟ ଅଧିକାରୀମାନେ ଅର୍ଦ୍ଧରାତ୍ରରେ ଏଭଳି ପରୀକ୍ଷାମୂଳକ ଅଣ୍ଡରକଭର୍ ଅଭିଯାନ ଦ୍ୱାରା ଲୋକମାନଙ୍କୁ ସତର୍କ ଓ ସଚେତନ କରାଇ ପାରନ୍ତେ, ତେବେ ଅଭଦ୍ର, ନିଶାଖୋର୍ ଓ ଦୁରାଚାରୀମାନଙ୍କ ମନରେ ଭୟ ସଞ୍ଚାର ହୁଅନ୍ତା। କେବଳ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରରେ ରୋକ୍ ଲଗାଇବାକୁ ନୁହେଁ, ବରଂ ଅସାଧୁ ରାତ୍ରିଚରମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଆମ ଦେଶର ଅନ୍ୟାନ୍ୟ ସ୍ଥାନମାନଙ୍କରେ, ଯଥା ମେଟ୍ରୋ ସିଟିଗୁଡ଼ିକରେ ଏଭଳି ପଦକ୍ଷେପ ନେବା ଖୁବ୍ ଜରୁରୀ। କ୍ଷମତା ଓ ପଦ ପଦବୀ ଲୋକମାନଙ୍କ ସୁବିଧା ପାଇଁ ତିଆରି କରା ହୋଇଛି। କେବଳ ବ୍ୟକ୍ତିଗତ ଦରମା ପ୍ରାପ୍ତି ଯାଏଁ ଏହା ସୀମିତ ନରହୁ।

ମୋ: ୯୪୩୭୩୧୭୦୨୬

## ଅଜ୍ଞ ଅଭିଜ୍ଞ



ବିଜୟ ଦାସ

ନ-ଜ୍ଞାନ, ଜ୍ଞାନ ରହିତ, ଭୁଲ୍ ଜ୍ଞାନ ଓ ଅଳ୍ପ ଜ୍ଞାନ ଇତ୍ୟାଦି ଭୂଷଣରେ ଅଜ୍ଞର ନାମକରଣ। ଏହା ଏକ ଜନ୍ମଜାତକ ଅବଧାରିତ ବା ପୈତୃକ, ମାତୃକ ଗୁଣ ନୁହେଁ। ବୟସର କ୍ରମବର୍ଦ୍ଧିଷ୍ଣୁ ପ୍ରକ୍ରିୟା ସହିତ ଜଡ଼ିତ। ବିଶେଷ ତଥ୍ୟ ଆହରଣ ନ କରିବା ଓ ବିନା ତଥ୍ୟରେ ବିକିରଣ କରୁଥିବା କାର୍ଯ୍ୟକୁ ଅଜ୍ଞତା ବୋଲି କହି ପାରିବା। ପ୍ରଥମତଃ, ନିଜସ୍ୱ ବୃଦ୍ଧି ବିକଶିତ ହେବା ପୂର୍ବରୁ ଯେ କୌଣସି ପ୍ରସଙ୍ଗରେ ହସ୍ତକ୍ଷେପ କରିବା, ଟିପ୍ପଣୀ ଦେବା ଇତ୍ୟାଦି ଅନୁଚିତ। କାରଣ, ଏଥିରେ କପୋଳକଳ୍ପିତ, ଯୁକ୍ତିବିହୀନ ମନ୍ତବ୍ୟ ହିଁ ଥାଏ। ସଂସାରର ରୀତିନୀତି, ନିୟମ କାନୁନ, ବିଧିବିଧାନ ଓ ପରମ୍ପରା ସହିତ ପରିଚିତ ହେବା ନିତାନ୍ତ ଦରକାର। ବାଳୁତ ଅଜ୍ଞାନ, ପଶୁ ଅଜ୍ଞାନ ଇତ୍ୟାଦି କଥନ ନ-ଜ୍ଞାନର ଉପାଖ୍ୟାନ। କିନ୍ତୁ ବୟସ୍କ ଓ ବୟୋଜ୍ୟେଷ୍ଠଙ୍କର ଅଜ୍ଞତା ଅଲଗା। ଜ୍ଞାନ ଥାଇ ମଧ୍ୟ ଅଜ୍ଞତାକୁ ଆବୋରି ନେବା କେବଳ ପଶୁତୁଲ୍ୟ କରେନାହିଁ, ବରଂ ମାନବକୁ ଅସୁର କରିଦିଏ।

ମୂର୍ଚ୍ଛା ଯିବା, ବେହୋସ ହୋଇଯିବାକୁ ଜ୍ଞାନ ହରେଇଲା ବୋଲି ଆମେ କହିଥାଉ। ପୁଣି ପାଗଳର ପ୍ରଳାପ ମଧ୍ୟ ଅଜ୍ଞତାଯୁକ୍ତ। ଏଠାରେ ପାଗଳର ଜ୍ଞାନ ଉପଯୋଗ ସେ କରିପାରେ ନାହିଁ। ଏହାର ଅର୍ଥ, ମସ୍ତିଷ୍କର ଜ୍ଞାନ ଭଣ୍ଡାରରୁ କ୍ଷରଣ ନହେବା ଓ ଉପଯୁକ୍ତ ସମୟରେ, ପରିସ୍ଥିତିରେ ପ୍ରୟୋଗ ହୋଇ ନ ପାରିବା। ସାଧାରଣ ମଣିଷ ବେଳେବେଳେ ବିଧି ବ୍ୟବସ୍ଥାରେ ଅଜ୍ଞ ହୋଇଥିବାରୁ ଅପ୍ରାସଙ୍ଗିକ ଓ ଅନୈତିକ କାର୍ଯ୍ୟ କରି ବସେ। ଯେପରିକି, ୨୦୧୬ ମସିହାରେ ଦାନ ମାଝି ନିଜର ସ୍ତ୍ରୀର ଶବକୁ କାନ୍ଧେଇ କାନ୍ଧେଇ ବୋହି ନେବା ଓ ୨୦୨୬ରେ କେଉଁଝର ଜିଲ୍ଲାର ଜିତୁ ମୁଣ୍ଡାଙ୍କର ନିଜ ଭଉଣୀର ଶବକୁ ମଶାଣିରୁ ଖୋଳି ମୃତ୍ୟୁର ପ୍ରମାଣ ଦେବା ପାଇଁ ବ୍ୟାଙ୍କ ବାରଣ୍ଡାରେ ଥୋଇବା ନିଶ୍ଚେ ଅଜ୍ଞତାର ପରିଚୟ। ଏଠାରେ ଜଟିଳ ନିୟମ କାନୁନ୍‌କୁ ଜ୍ଞାନକୁ ନ ନେବା, କାହାକୁ ନ ପଚାରିବା, କେହି ନ ବୁଝେଇବା ଇତ୍ୟାଦି କାରଣ ହୋଇପାରେ। ମାତ୍ର ଏହା ଅଜ୍ଞତାର ଚରମ ସୀମା ନୁହେଁ କି?

ଏଠାରେ ସମାଜର ବିଧି ବ୍ୟବସ୍ଥା ଅଜ୍ଞ ନା ଏହାକୁ କାର୍ଯ୍ୟକାରୀ କରୁଥିବା ମଣିଷମାନେ ଅଜ୍ଞ! ଏମିତିକି ଦେଖଣାହାରୀମାନେ ମଧ୍ୟ ଅଜ୍ଞ ନୁହନ୍ତି କି? କେହି ତ ସାହାଯ୍ୟର ହାତ ବଢ଼େଇ ଥାଆନ୍ତେ! କେହି ତ ବୁଝେଇ ପାରି ଥାଆନ୍ତେ! ଭିଡିଓ କଲା ବେଳେ କେହି ବ୍ୟକ୍ତି କ'ଣ ଏ ଘଟଣାକୁ ରୋକିପାରି ନଥାନ୍ତେ!

ଅତି ଚତୁରମାନଙ୍କୁ ଆମେ ଅଜ୍ଞ ଶ୍ରେଣୀରେ ନେବୁ। କାରଣ, ଅତିଚାଲାକ ହୋଇ ସ୍ଥିତି ବିଗିଡ଼ିବାକୁ ଦେଉଥିବା ବ୍ୟକ୍ତି ଠିକ୍ କୁଆ ପରି। ସେ ନିଶ୍ଚେ ବିଷ୍ଠା ଭୋଜନକୁ ଯୋଗ୍ୟ। ଯେଉଁମାନେ ମାଙ୍କଡ଼ ନଚେଇ ନିଜ ବାହାଦୂରୀ ମାରନ୍ତି ଓ ମାଙ୍କଡ଼ଙ୍କୁ ଅଜ୍ଞ ଭାବନ୍ତି, ସେମାନେ ଜାଣନ୍ତି ନାହିଁ ଯେ ମାଙ୍କଡ଼ର ବି ଦାନ୍ତ ଅଛି। ରାଜନୈତିକ ପୃଷ୍ଠଭୂମିରେ ସାଧାରଣ ଜନତାଙ୍କୁ ଅଜ୍ଞ ଭାବି ବିଜ୍ଞ ବୋଲାଉ ଥିବା ବ୍ୟକ୍ତିମାନେ ସତରେ ବଡ଼ ଅଜ୍ଞ। ଅହଙ୍କାର ଯେ ବିଜ୍ଞତାକୁ ଜାଳି ଦିଏ, ସେକଥା ବି ଜାଣି ନଥାନ୍ତି। ତାହା ହେଲେ ସେମାନେ କ'ଣ ବିଜ୍ଞତାର ମୁଣ୍ଡିଆଳ! ନିର୍ବାଚନ ପରେ ପରେ ଚିତ୍‌ପଟାଙ୍ଗ୍ ମାରିଲା ପରେ ଜଣାପଡ଼େ କେତେ ବଡ଼ ମୂର୍ଖ ସେ ଅହଙ୍କାରୀ। 'Do not underestimate the power of a common man' ଏକ ଏପରି ବାର୍ତ୍ତା, ଯାହା ସାଧାରଣ ମଣିଷକୁ ବିଜ୍ଞ ବୋଲି ବିଜ୍ଞପିତ କରିଥାଏ ଏବଂ ଉଚ୍ଚ ପଦାଧିକାରୀଙ୍କୁ ଅଜ୍ଞ ବୋଲି ପରିଚୟ କରାଏ।

ମୁଁ ଜଣେ ବିଶିଷ୍ଟ ସାହିତ୍ୟିକ ଏକ ଆସ୍ଫାଳନ। ସାହିତ୍ୟର ଧାରା ବହୁଧା ବିଭାଜିତ। ବହୁଜନ ହିତାୟ ବହୁଳ ଭାବରେ ଓ ବହୁ ଭାବରେ ହେଉଛି ସାହିତ୍ୟ। ଏମିତି ବି ସ-ହିତ ବା ହିତ ସହିତ ମନର ମଇଳାକୁ ମାଜୁଥିବା ଓ ଜୀବନକୁ ସଜାଉ ଥିବା ତଥା ଅଜ୍ଞତାକୁ ଦୂର କରୁଥିବାରୁ ଏହା ଏକ ବିବିଧବର୍ଣ୍ଣ। କେହି ବି ଅଜ୍ଞ ନୁହେଁ କି ବିଜ୍ଞ ନୁହେଁ ଏହାର ପ୍ରତ୍ୟେକ ବିଭାଗରେ। ଭାବର ପରିପ୍ରକାଶ ପାଇଁ ଭାଷାର ବ୍ୟବହାର ଓ ଏହା ଯେତେ ମାର୍ଜିତ ହେବ, ଅଜ୍ଞତା ସେତେ ଦୂର ହେବ। ବାକି ରହିଲା, ହେଟନଜର କରିବା। ଏଡ଼ାଇ ଯିବା ବା ବେଖାତିର କରିବା ହେଉଛି ମୂର୍ଖର ଅହଂବାଦ। ସବ୍‌ଜାନ୍ତା ବୋଲାଉ ଥିବା ମଣିଷ ଏକ ମୂର୍ଖ ନିଶ୍ଚୟ। ପୁଣି ଏଥିରେ ମୂଷିକମାନେ ଅଛନ୍ତି ଓ ମାର୍ଜାରମାନେ ବି ଅଛନ୍ତି। ଅତି ଚାଲାକପଣିଆରେ ପର ଦରବକୁ କାଟିକୁଟି ନଷ୍ଟ କରୁଥିବା ମୂଷାମାନଙ୍କ ପରି କିଛି ଅସାହିତ୍ୟିକ ସାହିତ୍ୟକୁ କାଟି ଖିନ୍‌ଭିନ୍ କରୁ ଥାଆନ୍ତି, କିନ୍ତୁ ଯନ୍ତାରେ ପଡ଼ି ଶେଷରେ ଛଟପଟ ହୁଅନ୍ତି। ସେହିପରି ବିରାଡ଼ିର ଆଖି ବୁଜି ବୁଜି କ୍ଷୀର ପିଇବାର ପ୍ରକ୍ରିୟା ପରି ପର କୃତୀକୁ ନିଜର କରିବାର ଅପଚେଷ୍ଟା କରନ୍ତି। ଏ କ୍ଷେତ୍ରରେ ଉଭୟ ମୂଷିକ ଓ ମାର୍ଜାର ଉଭୟ ଅଜ୍ଞାନ। ତାଙ୍କର ଜ୍ଞାନ ସେତେବେଳେ ଆସେ, ଯେତେବେଳେ ପାହାର ବସେ।




ଯେତେବେଳେ ଅନ୍ଧବିଶ୍ୱାସ ଓ ଅପସଂସ୍କାର ଏ ସଂସାରରେ ସଂସ୍କୃତି ଉପରେ କଳାଛାଇ ପରି ଆଚ୍ଛାଦିତ ହୋଇ ଯାଉଛି, ତା'ର ନିରାକରଣର ଏକମାତ୍ର ଉପାୟ ହେଉଛି ସଚେତନତା ସୃଷ୍ଟି କରିବା ଓ ଦଣ୍ଡ ବିଧାନ କରିବା। ଶିକ୍ଷାର ଆବଶ୍ୟକତା ଅନିବାର୍ଯ୍ୟ। ଅଶିକ୍ଷା ଅନ୍ଧକାର ସଦୃଶ। ଏହା କୌଣସି ଡିଗ୍ରୀସଂଯୁକ୍ତ ଶିକ୍ଷା ନୁହେଁ, ବରଂ ଏକ ସାମାଜିକ ଓ ସାଂସ୍କୃତିକ ଶିକ୍ଷା। ଶିକ୍ଷାର ଅର୍ଥ, ଯାହା ବ୍ୟବହାରକୁ ମାର୍ଜିତ କରାଏ। ସୁକାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଏ। ଯଦି ବହି ଶିକ୍ଷାରେ ଉଚ୍ଚ ପଦ ପାଇଲା ପରେ ଦୁର୍ନୀତିରେ ଜଣେ ଲିପ୍ତ ରହିଲା, ତା'ହେଲେ ସେ ଶିକ୍ଷା ଶିକ୍ଷା ପଦବାଚ୍ୟ ନୁହେଁ। ତାହା ଅଜ୍ଞତାରୁ ଅନ୍ଧତ୍ୱକୁ ଯାତ୍ରା। ଅଜ୍ଞତା ନିଶ୍ଚେ ଆସ୍ତେ ଆସ୍ତେ ଅମାବାସ୍ୟାର ଉପାଖ୍ୟାନ। ଏଣୁ ସାଧୁଜନେ, ସାଧନାର ଜ୍ଞାନ ବଣ୍ଟନ କରି ଓ ଅଜ୍ଞାନତା ଦୂର କରି ସମାଜକୁ ଏକ ସର୍ବକାଳୀନ ଚନ୍ଦ୍ରମାରେ ପରିଣତ କର।

ଅଭିଜ୍ଞତା ଏକ ଦୀର୍ଘ ସମୟର ଜ୍ଞାନ ଆହରଣ। କୌଣସି ବିଷୟରେ ଅଭିଜ୍ଞ ହେବା ଏତେ ସହଜ ନୁହେଁ କି ଏତେ କଠିନ ବି ନୁହେଁ। ସହଜ ଏଇଥିପାଇଁ ନୁହେଁ, କାରଣ ଏଥିପାଇଁ ନିଷ୍ଠା ଓ ଆଗ୍ରହ ଏକାନ୍ତ ଜରୁରୀ। ଆଉ କଠିନ ଏଇଥିପାଇଁ ନୁହେଁ, ସାଧନାମନସ୍କ ମଣିଷକୁ ସୁମାର୍ଗ ସହଜରେ ଦେଖାଯାଏ। ବାକି କଥା ରହିଲା କେତେ ଅଭିଜ୍ଞତା? ଏହା ଏକ ନିରନ୍ତର ପ୍ରକ୍ରିୟା। ସମୟ ଯେତେ ଯେତେ ଅତିବାହିତ ହେଉଥିବ, ମଣିଷ ସେତେ ସେତେ ଅଭିଜ୍ଞ ହେଉଥିବ। ଜଣେ ପାକଳ ମଣିଷ ଭିତରେ ଭୁଲ୍-ଠିକ୍, ଭଲ-ମନ୍ଦ କିମ୍ବା କରଣୀୟ ଓ ଅକରଣୀୟ ସବୁ କିଛିର ଜ୍ଞାନ ଥାଏ। ଜୀବନର ଚଲାବାଟ କେତେବେଳେ ମସୃଣ ତ କେତେବେଳେ କଙ୍କରିତ। କେଉଁ ସମସ୍ୟାକୁ କି ସମାଧାନର ଉପାୟ, ତାହା ଜଣା ଥାଏ।

ଅଳ୍ପବିଦ୍ୟା ଭୟଙ୍କରୀ ପରି ଆଜିର ନୂତନ ପିଢ଼ି ଯେପରି ହାବଭାବ ପ୍ରକାଶ କରୁଛନ୍ତି, ତାହା ଅଗ୍ରହଣୀୟ। ହୁଏତ ମେଧା ଥାଇପାରେ, କିନ୍ତୁ ଅଭିଜ୍ଞ ନହେଲେ ତା'ର ବିକାଶ ହୋଇପାରେ ନାହିଁ। Practice makes a man perfecte ଉକ୍ତି ଏଠାରେ ପ୍ରଯୁଜ୍ୟ। ଅଭିଜ୍ଞତା ଅଗ୍ନି ସଦୃଶ। ଯେଉଁ ଅଗ୍ନିରେ ମେଧା ରୂପକ ସ୍ୱର୍ଣ୍ଣ ପଡ଼ିଲେ ତାହା ଆହୁରି ଚିକ୍ ଚିକ୍ କରେ। ଆବେ ଅନେକ ସମୟରେ ତର୍ଜମା ନକରି, ଭଲ ମନ୍ଦ ନ ବିଚାରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଗଭର ହୋଇ ଥାଆନ୍ତି। ଏହା ସୁଫଳ ପରିବର୍ତ୍ତେ ବିପଦକୁ ଡାକି ଆଣେ। ସମସ୍ତ ପ୍ରସ୍ତୁତି ପରେ ମଧ୍ୟ ସାମାନ୍ୟ ତ୍ରୁଟି ପାଇଁ ରକେଟ୍ ମଧ୍ୟ ଅଧା ବାଟରେ ବାଟ ହୁଡ଼ି ଜଳିଯାଏ ବା ଭୂପତିତ ହୁଏ।

କୌଣସି ନିର୍ଦ୍ଦିଷ୍ଟ ଏକ ଜ୍ଞାନରେ ଅଭିଜ୍ଞ ହେବା ଭଲ। ଅନେକ ଦିଗକୁ ଲକ୍ଷ୍ୟ କଲେ ସବୁ ଦିଗରେ ଲକ୍ଷ୍ୟଭ୍ରଷ୍ଟ ହେବା ନିଶ୍ଚିତ। ଗରମ ଜାଉକୁ ଆସ୍ତେ ଆସ୍ତେ ଖାଇଲା ପରି ନିର୍ଦ୍ଦିଷ୍ଟ କାର୍ଯ୍ୟର ମୂଳରୁ ଚୂଳ ଭିତରେ ଥିବା ପ୍ରତ୍ୟେକ ପର୍ଯ୍ୟାୟକୁ ଧୀରେ ଧୀରେ କରଗତ କଲେ ସମ୍ପୂର୍ଣ୍ଣତା ଆସିବ ସଫଳତା ସହିତ। ଅଭିଜ୍ଞ ବ୍ୟକ୍ତି ଜଣେ ଗୁରୁ। ସେ ପିତାମାତା ହୁଅନ୍ତୁ କି ଗୁରୁ ଗୁରୁଜନ ହୁଅନ୍ତୁ। ବହି ଜ୍ଞାନ ଥାଇପାରେ, ହେଲେ ବୈଷୟିକ ଜ୍ଞାନ ବା ବ୍ୟବହାରିକ ଜ୍ଞାନର ମଧ୍ୟ ପ୍ରୟୋଜନ ରହିଛି। ଅନେକ ସମୟରେ ହାମ୍‌ବଡ଼ା ମଣିଷମାନେ ଅନ୍ୟର ଅଭିଜ୍ଞତାକୁ ନଜର ଅନ୍ଦାଜ କରନ୍ତି। ସର୍ବଦା ନିଜର ନିଷ୍ପତ୍ତି ଠିକ୍ ବୋଲି କହି ଅନ୍ୟ ଉପରେ ନିଜର ବିଚାରଧାରାକୁ ଲଦି ଦିଅନ୍ତି। ଏହାଦ୍ୱାରା ନା ନିଜର ଭୁଲ୍ ପରିମାର୍ଜିତ ହୁଏ, ନା ସମାଜର କିଛି ଲାଭ ହୁଏ। ସେହି ମଣିଷ ଅଭିଜ୍ଞ ହୋଇପାରେ, ଯିଏ ପାଟିଠାରୁ କାନର ବେଶୀ ବ୍ୟବହାର କରେ। କାରଣ କହିବାଠାରୁ ଶୁଣିବାର ଅଭ୍ୟାସ ବେଶୀ ଉପଯୋଗୀ। ଜଣେ ହୁଏତ କହୁ କହୁ କିଛି ଭୁଲ୍ ତଥ୍ୟ ବି ଦେଇପାରେ, କିନ୍ତୁ ଶୁଣିବା ଲୋକ ଯଦି ଅଭିଜ୍ଞ, ତେବେ ସେ ସେହି ଭୁଲ୍ ତଥ୍ୟକୁ ଏଡ଼େଇ ଯାଇ କିଛି ଠିକ୍ ତଥ୍ୟକୁ ଗ୍ରହଣ କରିବ। ଅନଭିଜ୍ଞତା ଏକ ଅସହାୟତା ନୁହେଁ କି କମି ବା ଖୁଣ ନୁହେଁ, ବରଂ ଏହା ଏକ ଖାଲି ପାତ୍ର, ଯେଉଁଥିରେ ଅଭିଜ୍ଞତାର ଜଳ ଭର୍ତ୍ତି କରିହେବ।

ଏ ପୃଥିବୀରେ କୌଣସି ମଣିଷ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। ଅତଏବ, ବିଜ୍ଞତା ଏକ ଆପେକ୍ଷିକ ଶବ୍ଦ। ଯେଉଁ ପିଲାଟି ଶ୍ରେଣୀରେ ପ୍ରଥମ ହେଉଛି, ସିଏ ଅନ୍ୟ ପିଲାମାନଙ୍କଠାରୁ ବେଶୀ ଅଭିଜ୍ଞ ପାଠରେ। ପୁଣି ଉଚ୍ଚଶିକ୍ଷା ବେଳେ ତା'ଠାରୁ ଅଧିକ ମେଧାବୀ ପିଲାଙ୍କ ପାଖରେ ସେ ଅନଭିଜ୍ଞ। ଜାଣିବାରେ, ଶିକ୍ଷା ଗ୍ରହଣ କରିବାରେ କୌଣସି ସମୟ ସୀମା ନଥାଏ। ଏହା ଏକ ନିରନ୍ତର ପ୍ରକ୍ରିୟା। ବଦଳୁ ଥିବା ସମୟରେ ହୁଏତ କୌଣସି କାର୍ଯ୍ୟଶୈଳୀ, ବିଚାରଧାରା ବଦଳି ବଦଳି ଯାଉଥାଏ। ନୂଆ ନୂଆ କୌଶଳ, ବୁଦ୍ଧିମତ୍ତା ଆସିପାରେ। ଏପରିକି ପୂର୍ବ ଶିକ୍ଷା ଗୌଣ ହୋଇଯାଏ। କିନ୍ତୁ ସେହି ପୁରୁଣା ଅଭିଜ୍ଞତାର ପୃଷ୍ଠଭୂମିରେ ତ ନୂତନ ଜ୍ଞାନକୌଶଳ ପର୍ଯ୍ୟବସିତ ନା।

କଡ଼ାଗଣ୍ଡା, କାହାଣ ପରି ଗଣିତର ଗଣନା ହୁଏତ ଆଜି ଗୌଣ ହୋଇ ଯାଇଛି। ସେର, ମାଣ, ପଉଟି ପରି ଶବ୍ଦ ମଧ୍ୟ ଲୋପ ପାଇ ପାଇ ଯାଉଛି। ତଥାପି ସେ ସବୁର ଅଭିଜ୍ଞତା ହାସଲ କରିଥିବା ବ୍ୟକ୍ତି ପାଇଁ ନୂତନ ଜ୍ଞାନକୌଶଳ ସହଜ ହୋଇଯାଏ। ବେଳେବେଳେ କମ୍ପ୍ୟୁଟରର ଅସହାୟତାରେ ଏହି ପୁରୁଣା ଶିକ୍ଷା ସହାୟତାର ହାତ ବଢ଼ାଏ। କୂଟ କପଟର ଅଭିଜ୍ଞତା, ନିଶା ଦ୍ରବ୍ୟ ସେବନର ଅଭିଜ୍ଞତା ଓ ଅସାମାଜିକ ବୃତ୍ତି, ଯଥା ଚୌର୍ଯ୍ୟ ବୃତ୍ତିରେ ଅଭିଜ୍ଞତା ଏକ ଖଳ ମଣିଷର ପ୍ରକୃତି ହୋଇଯାଏ। ଏଣୁ ଏହାକୁ ସମାଜ ବର୍ଜନ କରେ। ହଁ, ଏହାର କୁପରିଣାମର ଅଭିଜ୍ଞତା ନିଶ୍ଚେ ପ୍ରାରମ୍ଭିକ ସମୟରୁ ହିଁ ସଚେତନ କରାଇ ଥାଏ ଓ ସୁଧାର ହେବାକୁ ପ୍ରେରିତ କରେ। କେତେକ ସହଜାତ ପ୍ରବୃତ୍ତିରେ ଅଭିଜ୍ଞତାର ଆବଶ୍ୟକତା ନଥିଲେ ମଧ୍ୟ ଅଭିଜ୍ଞ ନହେଲେ ନ ଚଳେ। ଏଥକୁ ନିଜେ ନିଜର ଗୁରୁ ହେବାକୁ ପଡ଼େ। କାମନାର ଅବଦମନ, ଯୌନମନସ୍କତାରୁ କ୍ଷାନ୍ତ ହେବା ନିଶ୍ଚେ ନିଜର ପ୍ରଜ୍ଞା, ବୁଦ୍ଧିମତ୍ତା ଦ୍ୱାରା ହିଁ ସମ୍ଭବ। କାରଣ, 'ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ।'

ଯେତେ ଯେତେ ପ୍ରଶ୍ନ ମନ ଭିତରେ ଉଙ୍କି ମାରୁଥିବ, ଯେତେ ଯେତେ ଅନିସନ୍ଧିତ୍ସୁ ହେଉଥିବ ମନ, ସେତେ ସେତେ ଅଭିଜ୍ଞତା ସାଉଁଟିବାର କ୍ଷଣ ଆସୁଥିବ। କେବଳ ଚୁପଚାପ୍ ବସିଗଲେ କେହି ଅଭିଜ୍ଞ ହୋଇପାରେ ନାହିଁ। ଅଭିଜ୍ଞ ହେଲେ ସତର୍କତାର ମାର୍ଗ ଦେଖାଯାଏ। ବିପଦ କି ସମସ୍ୟାରୁ ମୁକ୍ତି ମିଳେ। ଏଣୁ ଯେତେ ସହଳ ଅଭିଜ୍ଞତା ହାସଲ କରି ପାରିବା, ସେତେ ବେଶୀ ବେଶୀ ସୁନ୍ଦର କରି ପାରିବା ଜୀବନ ଓ ଜୀବନଚର୍ଯ୍ୟା।

ପୋଖରୀପୁଟ, ଭୁବନେଶ୍ୱର
ମୋ: ୯୩୪୮୯୩୭୫୨

## ଆର୍ଲେକରଙ୍କ ଆଶ୍ଚର୍ଯ୍ୟଜନକ ବ୍ୟବହାର

ପ୍ରଥମେ ଚେନ୍ନାଇରେ ଯାହା ଘଟିବା ଉଚିତ: ତାମିଲନାଡୁ ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର ତାମିଲଗା ଭେଟ୍ରି କାଡାଗାମ୍ (ଟିଭିକେ) ଦଳର ନେତା ସି ଯୋଶେଫ୍ ବିଜୟ, ଯାହାଙ୍କ ଦଳ ତାମିଲନାଡୁ ବିଧାନସଭା ନିର୍ବାଚନରେ ଏକକ-ବୃହତ୍ ସଂଖ୍ୟା ଗରିଷ୍ଠ ଦଳ ଭାବରେ ବିଜୟୀ ହୋଇଛି, ତାଙ୍କୁ ସପ୍ତାହେ କି ଦୁଇ ସପ୍ତାହ ଭିତରେ ଗୃହରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବା ପାଇଁ ମହଲତ ଦେଇ ରାଜ୍ୟରେ ସରକାର ଗଠନ କରିବାକୁ ଆମନ୍ତ୍ରଣ କରିବା କଥା। ଏ ବାବଦରେ ଯଥେଷ୍ଟ ପୂର୍ବ ନଜିର ଏବଂ ପ୍ରତିଷ୍ଠିତ ନ୍ୟାୟିକ ସିଦ୍ଧାନ୍ତ ରହିଛି, ଯାହା ସୂଚାଇ ଥାଏ ଯେ ଏହି କାମ କିପରି ହେବା ଉଚିତ। କିନ୍ତୁ ଏଠି ରାଜ୍ୟପାଳ କରିଛନ୍ତି କ'ଣ- ସେ ଗୁରୁତ୍ୱାରୋପ କରିଛନ୍ତି ଯେ ପ୍ରଥମେ ଶ୍ରୀଯୁକ୍ତ ବିଜୟ ତାଙ୍କର ସଂଖ୍ୟା ଗରିଷ୍ଠତା ପ୍ରମାଣ କଲେ ତାଙ୍କୁ ସରକାର ଗଠନ କରିବାକୁ ଅନୁମତି ଦିଆଯିବ। କହିବା ବାହୁଲ୍ୟ, ଏହା କେବଳ ଏକ ଜନପ୍ରିୟ ରାଜନେତାଙ୍କ ପଥରେ ପ୍ରତିବନ୍ଧକ ସୃଷ୍ଟି କରିବା ଭଳି କାର୍ଯ୍ୟ। ରାଜ୍ୟପାଳ ସମ୍ବିଧାନ ଏବଂ ଗଣତାନ୍ତ୍ରିକ ପଦ୍ଧତି ଅନୁସାରେ କାମ କରିବା ଉଚିତ, ଯାହା ନୂଆ ଆଇନ ବା ତତ୍ତ୍ୱ ଆବିଷ୍କାର କରିବା ପରିବର୍ତ୍ତେ ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ରାଜ୍ୟପାଳମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବିଧି ବ୍ୟବସ୍ଥା ଅନୁଯାୟୀ ହେବା ସର୍ବାଦୌ ଉଚିତ। ତାମିଲନାଡୁର ୨୩୪ ଆସନବିଶିଷ୍ଟ ବିଧାନସଭାରେ ଶ୍ରୀଯୁକ୍ତ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ୧୦୮ ଆସନରେ ବିଜୟ ଲାଭ କରିଛି ଏବଂ ସରକାର ଗଠନ କରିବା ନିମନ୍ତେ ଆବଶ୍ୟକ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତାଠାରୁ ୧୦ଟି ଆସନ କମ୍ ରହିଛି। କଂଗ୍ରେସ ଦଳର ନିର୍ବାଚିତ ହୋଇଥିବା ପାଞ୍ଚ ଜଣ ସଦସ୍ୟ ଟିଭିକେକୁ ସମର୍ଥନ ଦେବାକୁ ସ୍ଥିର କରି ସାରିଛନ୍ତି, ଯେଉଁମାନଙ୍କ ସଂଖ୍ୟା ମିଶିଲେ ଟିଭିକେ ନିକଟରେ ମୋଟ ସଦସ୍ୟ ସଂଖ୍ୟା ହେବ ୧୧୩। ଆଉ ମାତ୍ର ପାଞ୍ଚ ଜଣ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ହେବ ସରକାର ଗଠନ ପାଇଁ। ଟିଭିକେ ବ୍ୟବସ୍ଥାପିକା ଦଳର ନେତା ଭାବରେ ଶ୍ରୀଯୁକ୍ତ ବିଜୟ ସରକାର ଗଠନ କରିବା ନିମନ୍ତେ ଦାବି କରି ସାରିଛନ୍ତି। ରାଜ୍ୟପାଳ କିନ୍ତୁ ଯୁକ୍ତି ଦର୍ଶାଉଛନ୍ତି ଯେ ଟିଭିକେ 'ସରକାର ଗଠନ କରିବା ପାଇଁ ରାଜ୍ୟର ବିଧାନସଭାରେ ଅତ୍ୟାବଶ୍ୟକ ସଂଖ୍ୟା ଗରିଷ୍ଠତା ପ୍ରତିପାଦିତ କରିପାରି ନାହାନ୍ତି।'

ଭାରତୀୟ ସମ୍ବିଧାନର ଧାରା ୧୬୪(୧) ଉଲ୍ଲେଖ କରିଛି କି ରାଜ୍ୟପାଳଙ୍କ ଦ୍ୱାରା ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ ନିଯୁକ୍ତ ହେବେ ଏବଂ ଅନ୍ୟ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତ ହେବେ, ଏବଂ ମନ୍ତ୍ରୀମାନେ ରାଜ୍ୟପାଳଙ୍କ ସହମତି ଅନୁସାରେ ସେମାନଙ୍କର କାର୍ଯ୍ୟ ନିର୍ବାହ କରିବେ। ଧାରା ୧୬୪(୨) ବାଧ୍ୟତାମୂଳକ କରିଛି ଯେ 'ମନ୍ତ୍ରୀମାନେ ରାଜ୍ୟ ବିଧାନସଭା ପ୍ରତି ସାମୂହିକ ଭାବରେ ଉତ୍ତରଦାୟୀ ରହିବେ।' ଅନେକଗୁଡ଼ିଏ ରାୟରେ ସାମ୍ବିଧାନିକ କୋର୍ଟଗୁଡ଼ିକ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ତଥା ବ୍ୟାଖ୍ୟା କରିଛନ୍ତି ଯେ ରାଜ୍ୟପାଳଙ୍କ 'ସହମତି' ବ୍ୟକ୍ତିନିଷ୍ଠ ନୁହେଁ ଏବଂ ଏହା ବିଧାନସଭାର ଆସ୍ଥା ଓ ବିଶ୍ୱାସକୁ ବୁଝାଇ ଥାଏ, ଯାହା ପ୍ରତି ମନ୍ତ୍ରୀମାନେ ସାମୂହିକ ଭାବରେ ଦାୟୀ। ଦେଶରେ ଅନେକ ସଂଖ୍ୟକ ଉଦାହରଣ ରହିଛି, ଯେଉଁଠି ରାଜ୍ୟ ହେଉ ବା କେନ୍ଦ୍ରରେ କୌଣସି ଦଳ ବା ମେଣ୍ଟ ମୋଟ ସଂଖ୍ୟାର ଅଧାରୁ ଅଧିକ ଆସନ ହାସଲ କରି ନଥିଲେ ସୁଦ୍ଧା ସରକାର ଗଠନ କରି ପାରିଥିଲେ। ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନେ ଦୃଷ୍ଟାନ୍ତମାନ ପ୍ରତିଷ୍ଠା କରିଛନ୍ତି ଯେ ଯେତେବେଳେ କୌଣସି ବିବାଦାସ୍ପଦ ଦାବି ନାହିଁ, ଗୃହରେ ଏକକ ବୃହତ୍ତମ ଦଳର ନେତାଙ୍କୁ ସରକାର ଗଠନ କରିବାକୁ ଆମନ୍ତ୍ରଣ କରାଯିବ ଏବଂ ଗୃହରେ ତାଙ୍କର ସଂଖ୍ୟା ଗରିଷ୍ଠତା ପ୍ରତିପାଦନ କରିବାକୁ କୁହାଯିବ। ଏଠାରେ ସନ୍ଦର୍ଭ 'ବହୁମତ' ପାଇଁ ଥିବା ବେଳେ, ପ୍ରଥାଟିଏ ଅନୁସୃତ ହୋଇ ଆସିଛି ଯେ ମନ୍ତ୍ରିମଣ୍ଡଳ ଉପରେ ଏହାଙ୍କର ଆସ୍ଥା ରହିଥିବା ନେଇ ଗୃହରେ ମନ୍ତ୍ରିମଣ୍ଡଳର ମୁଖ୍ୟଙ୍କ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବକୁ ପାରିତ କରାଯାଇଥାଏ। ଲୋକସଭାରେ ତାଙ୍କ ଦଳ ଏବଂ ମେଣ୍ଟ କେବେହେଲେ ବି ସଂଖ୍ୟାଗତ ବହୁଳତା ହାସଲ କରିପାରି ନଥିଲେ ସୁଦ୍ଧା ପିଭି ନରସିଂହ ରାଓ କେନ୍ଦ୍ରରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ତାଙ୍କର ସରକାର ଚଳାଇ ପାରିଥିଲେ।

ତାମିଲନାଡୁରେ ଲୋକମାନେ ସେମାନଙ୍କର ପସନ୍ଦର ସରକାର ପ୍ରତିଷ୍ଠା କରିବା କଥାକୁ ନିଜ ନିଜର ବହୁମୂଲ୍ୟ ମତ ଜରିଆରେ ଘୋଷଣା କରି ସାରିଛନ୍ତି, ଯେତେବେଳେ ଏହାର ପୂର୍ବ ସରକାରଙ୍କ କାର୍ଯ୍ୟକାଳ ଶେଷ ହୋଇଗଲା। ଡିଏମ୍‌କେର ଅଧ୍ୟକ୍ଷ ଏମ୍‌କେ ଷ୍ଟାଲିନ୍, ଯିଏକି ଦଳର ନେତା, ଯେଉଁ ଦଳ ନିକଟରେ ଗୃହରେ ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ସଦସ୍ୟ ରହିଛନ୍ତି, ସେ ମୁକ୍ତ କଣ୍ଠରେ କହି ସାରିଛନ୍ତି ଯେ ଟିଭିକେ ନେତାଙ୍କୁ ସରକାର ଗଠନ କରିବା ନିମନ୍ତେ ଆମନ୍ତ୍ରଣ କରାଯିବା ଉଚିତ। ରାଜ୍ୟପାଳ କିନ୍ତୁ ଏଯାବତ୍ କୌଣସି ବିବରଣୀ ପ୍ରଦାନ କରି ନାହାନ୍ତି ଯେ କାହିଁକି ଏକ ଟିଭିକେ ମନ୍ତ୍ରିମଣ୍ଡଳ, ଯଦି ଗଠିତ ହୁଏ, ତା'ହେଲେ ତାହା ଏକ ସ୍ଥିର ମନ୍ତ୍ରିମଣ୍ଡଳ ହେବନାହିଁ ବୋଲି ସେ ଭାବୁଛନ୍ତି। ଅନେକ ସଂଖ୍ୟକ କୋର୍ଟ ଆଦେଶ, ଯାହା ମଧ୍ୟରେ ଏସ୍‌ଆର୍ ବୋମାଇଙ୍କ ମାମଲା ମଧ୍ୟ ଅନ୍ତର୍ଭୁକ୍ତ, ଗୁରୁତ୍ୱାରୋପ କରିଛନ୍ତି ଯେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗୃହରେ ତାଙ୍କ ପକ୍ଷରେ ରହିଥିବା ସଂଖ୍ୟା ଗରିଷ୍ଠତାକୁ ପ୍ରତିପାଦନ କରିବାକୁ ପଡ଼ିବ, ରାଜ୍ୟପାଳଙ୍କ ସମ୍ମୁଖରେ ନୁହେଁ। ଲୋକପ୍ରିୟ ଜନାଦେଶ, ସାମ୍ବିଧାନିକ ବିଧି ବ୍ୟବସ୍ଥା ଏବଂ ଗଣତାନ୍ତ୍ରିକ ପ୍ରଣାଳୀ ସହିତ ଖେଳ ଖେଳିବା ଜଣେ ରାଜ୍ୟପାଳଙ୍କ ପକ୍ଷେ ଶୋଭନୀୟ କି ସ୍ପୃହଣୀୟ ନୁହେଁ। ତେଣୁ ଆଦୌ ଆଉ ବିଳମ୍ବ ନ କରି ସେ ଶ୍ରୀଯୁକ୍ତ ବିଜୟଙ୍କୁ ସରକାର ଗଠନ କରିବାକୁ ଆମନ୍ତ୍ରଣ କରିବା ଉଚିତ।

## ଦୋଷ ସ୍ୱୀକାର

ଆମ ଭିତରେ ଅନେକ ସାଧୁ ପ୍ରକୃତିର ମଣିଷ ନିଜର ଦୋଷକୁ ସହଜରେ ସ୍ୱୀକାର କରି ନିଅନ୍ତି। ଆଉ କିଛି ଲୋକ ନିଜ ଭୁଲ୍‌କୁ ସ୍ୱୀକାର କରି ନଥାନ୍ତି। ଦୋଷକୁ ଘୋଡ଼ାଇବାକୁ କରିଥାନ୍ତି ଅନେକ ଯୋଜନା। ଭୁଲ୍‌କୁ ଠିକ୍ ସାବ୍ୟସ୍ତ କରିବାକୁ ଅନେକ ଯୁକ୍ତି ମଧ୍ୟ କରି ଥାଆନ୍ତି। ତେବେ ଦୋଷକୁ ସ୍ୱୀକାର କରିବା ଦ୍ୱାରା ଆଧ୍ୟାତ୍ମିକ ପଥରେ ଉତ୍ତରଣ ଘଟିଥାଏ। ଈଶ୍ୱର ପ୍ରିୟ ପାଲଟି ଯାଆନ୍ତି।

ମହାଭାରତ ରଣାଙ୍ଗନର ମଧ୍ୟଭାଗରେ ଛିଡ଼ା ହୋଇଥିଲା ରଥ। ସାରଥି ଭଗବାନ ଶ୍ରୀକୃଷ୍ଣ। ରଥୀ- ଦ୍ୱିତୀକୃଷ୍ଣ ଅର୍ଜୁନ। ପ୍ରଥମେ ନିଜକୁ ଜ୍ଞାନୀ ଭାବିଥିଲେ। କିନ୍ତୁ ଭଗବାନଙ୍କଠାରୁ ଅସଲ ଜ୍ଞାନ ପାଇଲା ପରେ ନିଜକୁ ଅଜ୍ଞାନ ବୋଲି ମାନିନେଲେ। ଯୁଦ୍ଧଭୂମିରେ ସମର୍ପିତ ହୋଇଗଲେ ଭଗବାନଙ୍କ ନିକଟରେ। ନିଜକୁ ଶିଷ୍ୟ ବୋଲି ଘୋଷଣା କରି ଗୁରୁ ରୂପରେ ବରଣ କଲେ ଶ୍ରୀକୃଷ୍ଣଙ୍କୁ ଏବଂ ପରେ କୃଷ୍ଣଙ୍କ ଆଦେଶ ଅକ୍ଷରେ ଅକ୍ଷରେ ପାଳନ କଲେ। ଯୁଦ୍ଧ କରିବାକୁ ଅମଙ୍ଗ ଥିବା ଅର୍ଜୁନ ପୁଣି ଗାଣ୍ଡିବ ଧନୁ ଧରିଲେ। ସାହସ, ଦକ୍ଷତା ଓ ବୀରତ୍ୱର ସହିତ ଯୁଦ୍ଧ କଲେ। ବିଜୟୀ ହେଲେ। ସମସ୍ତ କୃତିତ୍ୱ ଦେଲେ ଭଗବାନ କୃଷ୍ଣଙ୍କୁ।

ଅପର ପକ୍ଷରେ ଜାନୁ ଦେଶରେ ଭୀମଙ୍କର ଗଦା ଆଘାତ ପାଇ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ ମାନଗୋବିନ୍ଦ ଦୁର୍ଯ୍ୟୋଧନ। ଭଗବାନ କୃଷ୍ଣ ପହଞ୍ଚିଲେ ତାଙ୍କ ନିକଟରେ; ଏଇଥିପାଇଁ ଯେ କାଳେ ଲୋକ ସମାଜ ଭବିଷ୍ୟତରେ ଦାୟୀ କରିବ କୃଷ୍ଣଙ୍କୁ- ଭଗବାନ ହୋଇ ପାତରଅନ୍ତର କଲେ। ପାଣ୍ଡବଙ୍କ ସପକ୍ଷରେ କୌରବଙ୍କ ନିକଟକୁ ବିପଦରେ ସୁଦ୍ଧା ଗଲେନାହିଁ; ଅପର ପକ୍ଷରେ ଜଗତକୁ ଶିକ୍ଷା ଦେବା ପାଇଁ ଯେ ଛଳନାରେ ବଞ୍ଚିଲେ ମଣିଷର ଅବସ୍ଥା କ'ଣ ହୁଏ ବୋଲି। ଦୁର୍ଯ୍ୟୋଧନ କୃଷ୍ଣଙ୍କୁ କହିଲେ- 'କୃଷ୍ଣ, ଏ ଦୁନିଆରେ ମୁଁ ଧର୍ମ କ'ଣ ଜାଣେ। ଅଧର୍ମ କ'ଣ ବି ଜାଣେ। ପ୍ରବୃତ୍ତି ଓ ନିବୃତ୍ତିର ମାର୍ଗ ମଧ୍ୟ ଜାଣେ। ତଥାପି ମୁଁ ଭୁଲ୍ କରିଛି। ଏ ଭୁଲ୍ କରିବା ପଛର କାରଣ ହେଉଛ ତୁମେ। ଯେହେତୁ ତୁମେ ମୋ ହୃଦରେ ରହି ମନ୍ଦ କର୍ମ କରିବାର ପ୍ରେରଣା ଦେଇଛ।' ହସିଦେଲେ ଭଗବାନ। ଦୁର୍ଯ୍ୟୋଧନକୁ କହିଲେ- 'ମୋ ପ୍ରେରଣାରେ ଯେଉଁ କର୍ମ କରିଛ, ତା'ର ଫଳ ବି ମୋରି ପ୍ରେରଣାରେ ପାଅ।'

ଅର୍ଜୁନ ନିଜର ଦୋଷକୁ ସ୍ୱୀକାର କରି କୃଷ୍ଣଙ୍କୁ ଗୁରୁ ରୂପରେ ବରଣ କରିନେଲେ। କିନ୍ତୁ ଦୁର୍ଯ୍ୟୋଧନ ନିଜର ଦୋଷ ଓ ଦୁର୍ବଳତାକୁ କୃଷ୍ଣଙ୍କ ନାମରେ ବୋଲିଦେଲେ। ସମସ୍ତ ଦୋଷ କୃଷ୍ଣଙ୍କୁ ହିଁ ଦେଲେ। ଅର୍ଜୁନ ପ୍ରତିଟି କାର୍ଯ୍ୟ କଲାବେଳେ ବିବେକ ଅନୁସାରେ କରୁଥିଲେ। ଦୁର୍ଯ୍ୟୋଧନ ମନ ଅନୁସାରେ କାମ କରୁଥିଲେ। ଫଳରେ ନିଜ ଦୋଷକୁ ଦେଖି ପାରିଲେ। ଦୋଷକୁ କୃଷ୍ଣ ଦେଖାଇ ଦେଲେ ମଧ୍ୟ ସ୍ୱୀକାର ମଧ୍ୟ କଲେନାହିଁ। ଦୋଷକୁ ସ୍ୱୀକାର କଲେ ଭଗବାନ ଆପଣେଇ ନେଇ ଥାଆନ୍ତି।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ପୋଖରୀରେ ଫସିଗଲେ ୪ ହାତୀ



**ଅନୁଗୋଳ,୮।୫/ଏନ୍ଏନ୍ଏସ୍:** ଅନୁଗୋଳ ବନଖଣ୍ଡର ବନ୍ତଲା ବନାଞ୍ଚଳ କଞ୍ଚା କନ୍ତକୁଳ ନିକଟସ୍ଥ ଏକ ପୋଖରୀକୁ ପାଣି ପିଇବାକୁ ଆସି ୪ ହାତୀ ଫସି ଯାଇଥିଲେ। ସେଥିମଧ୍ୟରୁ ଏକ ଛୁଆ ହାତୀ ଥିଲା। ପୋଖରୀ ହୁଡ଼ା ଉଚ୍ଚା ଥିବାରୁ ହାତୀମାନେ ବାହାରି ପାରି ନଥିଲେ। ଆଜି ଖବର ପାଇ ବନବିଭାଗ ଜେସିବି ସାହାଯ୍ୟରେ ତିନି ଘଣ୍ଟା କାଳ ପୋଖରୀ ହୁଡ଼ାକୁ ଖୋଳିବା ପରେ ହାତୀମାନଙ୍କୁ ଉଦ୍ଧାର କରିଥିଲେ। ହାତୀମାନେ ସୁରକ୍ଷିତ ଭାବେ ଜଙ୍ଗଲକୁ ପଳାଇ ଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଧର୍ମଶାଳା,୮।୫/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ପାଟପୁର ପଞ୍ଚାୟତ ବଡବାରିସାହିସ୍ଥିତ ଜାଗାବଳିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଶତପଥୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚକ୍ରଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯାଜପୁର ଜିଲ୍ଲା ଓଷ୍ଟା ସଂପାଦକ ପବିତ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲ୍ଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଧର୍ମଶାଳା ବ୍ଲକ ଓଷ୍ଟା ସଭାପତି ସୁଜାତା ମହାପାତ୍ର ଓ ବ୍ଲକ ଓଷ୍ଟା ସଂପାଦକ ସଞ୍ଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଶିକ୍ଷକ ରମେଶ ଚନ୍ଦ୍ର ଜେନା ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ରବି ନାରାୟଣ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଦେବବ୍ରତ ପଣ୍ଡା, ପ୍ରଶାନ୍ତ କୁମାର ରାଉତ, ପ୍ରଫୁଲ୍ଲ କୁମାର ଭଦ୍ର, ରାମଚନ୍ଦ୍ର ରାଉତ, ରବିନାରାୟଣ ବିଶ୍ୱାଳ, ନିରଞ୍ଜନ ରାମ, ଅଜୟ କୁମାର ମହାପାତ୍ର, ସୁଭାଷ ପଣ୍ଡା ଓ ନିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରମାନଙ୍କ ଦ୍ୱାରା ସଂଗୀତ ପରିବେଷଣ ହୋଇଥିଲା। ଶିକ୍ଷକ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପରେ ଏକ ଶୋଭାଯାତ୍ରାରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଶ୍ରୀ ଶତପଥୀଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା।

# ପରଜଙ୍ଗ ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ



**ପରଜଙ୍ଗ,୮।୫/ଏନ୍ଏନ୍ଏସ୍:** ଓଡ଼ିଶା ପୁଲିସ ଓ ୟୁନିସେଫ୍ ପକ୍ଷରୁ ପରଜଙ୍ଗ ଥାନାରେ 'ଜୁଭେଣ୍ଟିକା' ଡିଜିଟାଲ୍ ଶିଶୁ ଅଧିକାର ଏବଂ ଶିଶୁ ସୁରକ୍ଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶିଶୁ କଲ୍ୟାଣ ପୁଲିସ ଅଧିକାରିଣୀ ସୁଶ୍ରୀ ଅନାମିକା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଅଙ୍ଗନା ବାଡ଼ିକର୍ମୀ କିଶୋରୀ ଛାତ୍ରୀ,ବରିଷ୍ଠ ନାଗରିକ, ଅଭିଭାବକ, ଛାତ୍ର ଏବଂ ଶିଶୁ ଅଧିକାର ବିଶେଷଜ୍ଞମାନଙ୍କୁ ବିଶେଷ କରି ଆମନ୍ତ୍ରଣ କରି ଏକତ୍ରିତ ଭାବେ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଜୁଭେଣ୍ଟିକା କାର୍ଯ୍ୟକ୍ରମ ଦ୍ୱାରା ଡିଜିଟାଲ୍ ଦୁନିଆରେ କିଶୋର ଛାତ୍ରଛାତ୍ରୀମାନେ ଇଣ୍ଟରନେଟ୍‌ରେ ଠକାମୀର ଶିକାର ନ ହୋଇ ଜାଗ୍ରତ ହେବେ ଏବଂ ସମସ୍ୟା ସମ୍ମୁଖୀନ ହେଉଥିବା ଓ ଏହାର କଡ଼ା ମୁକାବିଲା କରିବା ପାଇଁ ଭିଡିଓ ମାଧ୍ୟମରେ ଦେଖାଇବା ସହ ଥାନା ଅଧିକାରୀ ବିସ୍ତୃତ ଭାବେ ବୁଝାଇ ଆଲୋଚନା କରିଥିଲେ। ଡିଜିଟାଲ୍ ଦୁନିଆ ସହିତ ଶିଶୁମାନଙ୍କର ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷା ସମ୍ମିଳନୀରେ ସମ୍ପୂର୍ଣ୍ଣ ଭାବେ ଗୁରୁତ୍ୱାରୋପ କରାଯାଇଥିଲା। ପରଜଙ୍ଗ ଥାନା ଅଧିକାରୀ ଢେଙ୍କାନାଳ ଜିଲ୍ଲା ନିରୀକ୍ଷକ ଅଭିନବ ସୋନକରଙ୍କ ଶିଶୁ ସୁରକ୍ଷା ଓ ସଚେତନତା ପାଇଁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଥାନା ଅଧିକାରୀ ଓ ଶିଶୁ କଲ୍ୟାଣ ଅଧିକାରିଣୀ କିଶୋରୀମାନଙ୍କୁ ଧନ୍ୟବାଦ୍ ଦେବା ସହ ସାହାସୀ ହୋଇ ଏହାର ମୁକାବିଲା କରିବା ପାଇଁ ଦୋହୋରାଇ କହିଥିଲେ। କାର୍ଯ୍ୟକ୍ରମରେ ଏଏସ୍‌ଆଇ ଜଳନ୍ଧର ବାରିକ, ଯୁଗଳ କିଶୋର ପ୍ରଧାନ, ଜୋଶେଫ୍ ପଟ୍ଟନାୟକ, କଳ୍ପନା ପଟ୍ଟନାୟକ ଓ ସମସ୍ତ ପୁଲିସ କର୍ମୀ ସହଯୋଗ କରିବା ସହ ଉପସ୍ଥିତ ରହିଥିଲେ।

# ବୃଦ୍ଧି ପାଉଛି ଚୋରି, ପୁଲିସ ନିରବଦ୍ରଷ୍ଟା

**ତାଳଚେର,୮।୫/ଏନ୍ଏନ୍ଏସ୍:** ତାଳଚେର ସହରରେ ଏବେ ଚୋରି କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ମଧ୍ୟ ପୁଲିସ୍ ନିରବତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ କେବଳ ତାଳଚେର ପୁଲିସ୍ ମଦ୍ୟପୀ ଗାଡ଼ିଚାଳକଙ୍କୁ ଅନ୍ଧାରିଆ ସ୍ଥାନଗୁଡ଼ିକରେ ଲୁଚିଛପି ରହି ସତେ ଯେପରି ଡକାୟତକୁ ଧରିବା ଭଳି ବାଇକ୍ ଚାଳକ ଉପରେ ଆତର୍କିତ ଚଢ଼ାଉ କରି ଭୟଭିତ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଏଥିରେ ପୁଲିସ୍ ରାଜ୍ୟ ସରକାରଙ୍କୁ ପୋଷୁଥିବା ବେଳେ ନିଜେ ବେଶ ହାତ ଚିକ୍କଣ କରି ନିଜର କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରୁଥିବାକୁ ଦର୍ଶାଇ ବାହା ବାହା ନେଉଥିଲାଭଳି ଅବସ୍ଥା ସୃଷ୍ଟି କରିଛି। ଏପରିକି, ବାଇକ ଚାଳକମାନଙ୍କୁ ଯେଉଁ ଷ୍ଟିଡ୍ ଦ୍ୱାରା ଫୁଙ୍କା ଯାଉଛି ତାହା ସରକାରୀଙ୍କ ଦ୍ୱାରା ପ୍ରଦତ୍ତ ନା କୌଣସି ଲସି ଦୋକାନୀ ଷ୍ଟିଡ୍ (ପାଇପ୍) ନୁହେଁ ତ ? ପ୍ରକାଶ, ହାଟତୋଟା ସ୍ଥିତ ତାମ୍ରିତ ମାର୍କେଟରେ ଥିବା ଏକ ଗହଣା ଦୋକାନରୁ ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ଆଜ୍‌ବେଷ୍ଟ ଭାଙ୍ଗି ଟଙ୍କା ଓ କିଛି ସୁନା ଅଳଙ୍କାର ଲୁଟିନେବା, ପୁନଶ୍ଚ ସେହି ନିକଟସ୍ଥ ଆଇଟିଆଇ ଛକ ଏକ ଓମ୍‌ଫେଡ୍ ପାର୍ଲର ଦୋକାନର ଆଜ୍‌ବେଷ୍ଟ ଭାଙ୍ଗି ସେଥିରେ ଥିବା ନଗଦ ୨୦ହଜାର ଟଙ୍କା, ବିଭିନ୍ନ ଓମ୍‌ଫେଡ ସାମଗ୍ରୀ ଚୋରିକରି ନେଇଥିବା ଘଟଣା ଦୋକାନୀମାନଙ୍କର ନିଦ ହଜାଇ ଦେଇଛି। ଏନେଇ ଦୋକାନୀ ମାଲିକ ଗୋଲେଖ ସେଠୀ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ତାଳଚେର ଅଞ୍ଚଳରେ ଭିନ୍ନ ଭିନ୍ନ ସମୟରେ ଏବେ ଚୋରି ରାହାଯାନି, ଶନିବାର ହାଟରୁ ବାଇକ ଚୋରି ଇତ୍ୟାଦି, ମଦ୍ୟପ ଯୁବକଙ୍କ ଦାଦାଗିରି ବୃଦ୍ଧି ପାଉଥିଲେ ମଧ୍ୟ ପୁଲିସ୍‌ର ନିରବଦ୍ରଷ୍ଟା ଓ ରାତ୍ରିକାଳୀନ ପାଟ୍ରୋଲିଂ ହେଉନଥିବାରୁ ସେମାନଙ୍କୁ ଆହୁରି ପ୍ରୋତ୍ସାହିତ କରୁଛି ବୋଲି ଚର୍ଚ୍ଚା ଜୋରଧରିଛି। ତାଳଚେର ଟାଉନ ପୁଲିସ ଅଞ୍ଚଳଟି କେବଳ ଏବେ ଅପରାଧିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନିଛାଟିଆ ଅଞ୍ଚଳରେ ଡ୍ରଗ୍ସ ସେବନ, ମଦ, ଗଞ୍ଜା ପ୍ରଭୃତି ସେବନ କରି ଶିକ୍ଷିତ ଯୁବକ ପଥଭ୍ରଷ୍ଟ ହୋଇ ବିଭିନ୍ନ ଅସାମାଜିକ କାମ ବୃଦ୍ଧି ପାଉଥିବା ସହିତ ଏପରିକି ଦେବାଳୟ ସ୍ଥାନଗୁଡ଼ିକୁ ଏହି କାରଣରୁ ଭକ୍ତମାନେ ଯିବାକୁ ଭୟଭିତ ହେଉଛନ୍ତି। ଏପରି ସ୍ଥଳେ କିପରି ଭାବେ ଅନୁଗୋଳ ଜିଲ୍ଲା ଏସ୍‌ପି ସମ୍ଭବତଃ ଘଣ୍ଟ ଘୋଡ଼ାଉଥିବା ଘଟଣା ବିଭିନ୍ନ ମହଲରେ ଆଲୋଚନା ହେଉଛି।

ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା

# ଖୁବ୍‌ଶୀଘ୍ର ଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ



**ଯାଜପୁର,୮।୫/ଏନ୍ଏନ୍ଏସ୍:** ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଗତ ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଉପରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ଜଳାଭାବ ଥିବା ଅଞ୍ଚଳରେ କିଭଳି ଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ, ସେ ସମ୍ପର୍କରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ମେଗା ପାନୀୟଜଳ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇ ନପାରିବାରୁ ମିନି ପାଇପ୍ ୱାଟର ସପ୍ଲାଏ ମାଧ୍ୟମରେ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇଦେବାକୁ ବିଧାୟକ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଇବା ଏକ ସ୍ଥାୟୀ ସମାଧାନର ପନ୍ଥା ନୁହେଁ। ଆଗକୁ ବର୍ଷା ଋତୁ ଆସିବା ପୂର୍ବରୁ ଡାଇରିଆ ବ୍ୟାପିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ମିନି ପାଇପ ୱାଟର ସପ୍ଲାଏ ମାଧ୍ୟମରେ ଶୁଦ୍ଧ ପାନୀୟଜଳ ଯୋଗାଣର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଯୋଜନା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କ ମାଧ୍ୟମରେ ପଠାଇବାକୁ ବିଧାୟକ କହିଥିଲେ। ଏହି ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଜଳାଭାବ ଥିବା ଅଞ୍ଚଳରେ ଲୋକମାନଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇବା ଆମର ଦାୟିତ୍ୱ।ଏହି ଅଞ୍ଚଳରେ କେତେ ମିନି ପାଇପ୍ ୱାଟର ସପ୍ଲାଏ ସମ୍ଭବପର ହୋଇପାରିବ ସେ ସମ୍ପର୍କରେ ତୁରନ୍ତ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚିକିତ୍ସାଳୟ, ହାଇସ୍କୁଲ ପାଇଁ ମଧ୍ୟ ମିନି ପାଇପ୍ ୱାଟର ସପ୍ଲାଏର ଆବଶ୍ୟକତା ରହିଛି। ଏତଦ୍‌ବ୍ୟତୀତ ଧର୍ମଶାଳା ଅଞ୍ଚଳରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ସରକାରୀ ଜମି ଚିହ୍ନଟ କରି ରିପୋର୍ଟ ଦେବାକୁ ବିଧାୟକ ରାଜସ୍ୱ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସବ-ସେଣ୍ଟର୍ ଗୁଡ଼ିକର କାର୍ଯ୍ୟ ତୁରନ୍ତ ସମାପ୍ତ କରି ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜଳସେଚନ, ଡ୍ରେନେଜ୍, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ପର୍ଯ୍ୟଟନ, ହସ୍ତଶିଳ୍ପ ବିଭାଗର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ଜଳସେଚନ, ଉପନିର୍ଦ୍ଦେଶକ, ପ୍ଲାନିଂ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟାଉନଥାନା ପକ୍ଷରୁ 'ଜୁଭେଣ୍ଟିକା' ସଚେତନତା ଶିବିର



**କେନ୍ଦ୍ରାପଡା,୮।୫/ଏନ୍ଏନ୍ଏସ୍:** ଜାତିସଂଘ ଓ ଓଡ଼ିଶା ପୁଲିସ ଆନୁକୂଲ୍ୟରେ ଓଡିଶାର ସମସ୍ତ ଥାନାରେ 'ଜୁଭେଣ୍ଟିକା' ସଚେତନତା କାର୍ଯ୍ୟକ୍ରମ କେନ୍ଦ୍ରାପଡା ଟାଉନଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡା ଟାଉନ ଓ ଆଖପାଖ ଅଞ୍ଚଳର କିଶୋରୀମାନଙ୍କୁ ଏକ ଭିଡିଓଗ୍ରାଫି ମାଧ୍ୟମରେ ୟୁନିସେଫ୍ ଦ୍ୱାରା ପ୍ରସ୍ତୁତ ସଚେତନାତା ବାର୍ତ୍ତା ଦେଇଥିଲେ। ଏହାପରେ ଆରକ୍ଷୀ ଅଧିକ୍ଷକ ଶ୍ରୀ କାଟାରିଆ କିଶୋରୀମାନଙ୍କୁ 'ଜୁଭେଣ୍ଟିକା' ସମ୍ପର୍କୀୟ ସଚେତନ କରାଇ କହିଥିଲେ ଯେ ମହିଳା ଓ କିଶୋରୀମାନଙ୍କ ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ସାଇବର୍, ଅନ୍‌ଲାଇନ୍, ସାମାଜିକ ଠକେଇ ଉପରେ ସଚେତନ କରାଇଥିଲେ। ଥାନା ମାନଙ୍କରେ ପୁଲିସମାନଙ୍କୁ ଭୟ ନ କରି ବିନା ବାଧାରେ ଅଭିଯୋଗ କରିପାରିବେ ବୋଲି କହିଥିଲେ। କୌଣସି ଅସୁବିଧାର ସମ୍ମୁଖିନ ହେଲେ ବିନା ଭୟରେ ଥାନାକୁ ଆସି ପୁଲିସ ସହାୟତା ନେଇ ପାରିବେ। ବିଶେଷ କରି କିଶୋର ଅବସ୍ଥାରେ ହେଉଥିବା ଅପରାଧ ଉପରେ ଏହା ସଚେତନା ସୃଷ୍ଟି କରିଥିଲେ। ପ୍ରତ୍ୟେକ ଥାନାରେ ଜଣେ ଜଣେ ଶିଶୁ ମଙ୍ଗଳ ପୁଲିସ ଅଧିକାରୀ(ସିଡବ୍ଲ୍ୟୁପିଓ) ନିଯୁକ୍ତ ହୋଇଛନ୍ତି। ଟାଉନଥାନାରେ ଇନିସ୍ପେକ୍ଟର ନିଲମ ସୋରେଙ୍ଗ ଶିଶୁ ମଙ୍ଗଳ ପୁଲିସ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟର ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଇନ୍ସପେକ୍ଟର ବିଶ୍ୱଭୂଷଣ ସାହାଣୀ ଏବଂ ଟାଉନ ଥାନାର ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଅତିରିକ୍ତ କମିଶନରଙ୍କ ବ୍ୟବହାରକୁ ନିନ୍ଦା

**କେନ୍ଦ୍ରାପଡ଼ା,୮।୫/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଓ ଚକବନ୍ଦୀ ଅତିରିକ୍ତ କମିଶନରଙ୍କ ବ୍ୟବହାରକୁ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ନିନ୍ଦା କରିଛି। ଏହି ଦୁଇ ପ୍ରଶାସନିକ ଅଧିକାରୀ ନ୍ୟାୟିକ ବ୍ୟବସ୍ଥାକୁ ସଠିକ ଭାବେ ପାଳନ କରୁନାହାଁନ୍ତି। ଏଥିସହ ପେଶାଦାର ସମ୍ମାନ ପ୍ରଦାନ କରିବା ମଧ୍ୟ ଜାଣି ନାହାଁନ୍ତି। ଉପଜିଲ୍ଲାପାଳଙ୍କ କୋର୍ଟ ଓ ଚକବନ୍ଦୀ

## ପ୍ରମୁଖ ଶାସନ ସଚିବଙ୍କୁ ଅଭିଯୋଗ



ଅତିରିକ୍ତ କମିଶନରଙ୍କ କୋର୍ଟରେ ଯେତେବେଳେ କୌଣସି ମାମଲା ରହୁଛି ଆଇନ୍‌ଜୀବୀମାନଙ୍କୁ ଯଥେଷ୍ଟ ସମ୍ମାନ ଦିଆଯାଉନାହିଁ। ଏହାସହ ମକଦ୍ଦମା ପରିଚାଳନା ଠିକ ଭାବେ କରୁନାହାଁନ୍ତି କି ମକଦ୍ଦମାକୁ ସଠିକ ସମୟସୀମା ମଧ୍ୟରେ ଶେଷ କରୁନାହାଁନ୍ତି। ଯାହା ଦ୍ୱାରା ଉଭୟଙ୍କ କୋର୍ଟରେ ବହୁ ମାଲିମକଦ୍ଦମା ଦୀର୍ଘ ବର୍ଷ ଧରି ପଡିରହୁଛି। ଏହାଦ୍ୱାରା ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ପରିସ୍ଥିତିର ସୀମା ଅତିକ୍ରମ କରିବାରୁ ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଡକାଯାଇଥିଲା। ଏଥିରେ ଉପଜିଲ୍ଲାପାଳ ଓ ଚକବନ୍ଦୀ ଅତିରିକ୍ତ କମିଶନରଙ୍କ ବ୍ୟବହାରକୁ ନିନ୍ଦା କରାଯାଇଥିଲା। ଉଭୟ ଅଧିକାରୀଙ୍କ ବ୍ୟବହାର ଦ୍ୱାରା ଆଇନ୍‌ଜୀବୀମାନେ କ୍ଷୁବ୍ଧ ହୋଇଛନ୍ତି। ଏହି ଦୁଇ ପ୍ରଶାସନିକ ଅଧିକାରୀଙ୍କ ବ୍ୟବହାର ପ୍ରାକୃତିକ ନ୍ୟାୟିକ ବ୍ୟବସ୍ଥା(ପ୍ରିନ୍ସିପୁଲ୍ସ ଅଫ୍ ନାଚୁରାଲ ଜଷ୍ଟିସ୍)କୁ ରକ୍ଷା କରୁନାହିଁ। ଯାହା ଆଇନ୍‌ଜୀବୀମାନଙ୍କୁ ମାନସିକ ଆଘାତ ଦେଉଛି। ତେଣୁ ଏହାର ପ୍ରତିକାର କରାଯିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ଦାବି କରିଛି। ଏ ନେଇ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଜରିଆରେ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ପଠାଯାଇଛି। ଏହି ଅଭିଯୋଗପତ୍ର ପ୍ରଦାନ ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ରବି ନାରାୟଣ ମହାନ୍ତି ଉପସଭାପତି ନୃସିଂହ ରାଉତ, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତି, ଅକ୍ଷୟ ମହାନ୍ତି, ଭୀମସେନ ଭୂୟାଁ, ଗଗନ ବିହାରୀ ଜେନା, ସରୋଜରାଜ ସିଂ, ପ୍ରଭାତ ଅଧିକାରୀ ରମଣୀ ରଞ୍ଜନ ରାଉତରାୟ, ସେକ ଅଜିମୁଦ୍ଦିନ, ଜ୍ଞାନରଞ୍ଜନ ବାରିକ, ସନ୍ତୋଷ କୁମାର ମହାନ୍ତି, ବିଭୂ ପ୍ରସାଦ ସିଂହ,ରେଣୁବାଳା ସାମଲ,ସୁବାସ ଦାଶ,ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ମତାମତ ନେବା ପାଇଁ ଉପଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍‌କଲ ରିସିଭ ନକରିବାରୁ ଯୋଗାଯୋଗ ସମ୍ଭବ ହୋଇ ନଥିଲା। ଏ ସଂକ୍ରାନ୍ତରେ ମତାମତ ନେବା ପାଇଁ ଚକବନ୍ଦୀ ଅତିରିକ୍ତ କମିଶନର ସୁଭାଶିଷ ମାନସିଂହଙ୍କ ସହ ଯୋଗାଯୋଗ କରାଯିବାରେ ସେ କହିଲେ ମୋର କେନ୍ଦ୍ରାପଡ଼ାର ସମସ୍ତ ଆଇନ୍‌ଜୀବୀଙ୍କ ସହ ଉତ୍ତମ ସମ୍ପର୍କ ରହିଛି। କେଉଁ ପରିସ୍ଥିତିରେ ଅଭିଯୋଗ ହେଲା ତାହା ତାଙ୍କ ଜ୍ଞାତସାର ବାହାରେ ବୋଲି ସେ କହିଛନ୍ତି।

# ମହିଳାଙ୍କ ବେକରୁ ଚେନ୍ ଛିଣ୍ଡାଇ ନେଲେ ଦୁର୍ବୃତ୍ତ

**ପରଜଙ୍ଗ,୮।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଗଡ଼ ପରଜଙ୍ଗ ବଜାର ଛକରେ ଆଜି ସନ୍ଧ୍ୟାରେ ମହିଳାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇଗଲେ ଦୁର୍ବୃତ୍ତ। ସୂଚନା ଅନୁଯାୟୀ, ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ମହିଳା ଦୋକାନକୁ ଜିନିଷ କ୍ରୟ ପାଇଁ ସ୍କୁଟିରୁ ଓହ୍ଲାଇବା ବେଳେ ଡିହଦୋଳ ଦିଗରୁ ହେଲମେଟ୍ ପିନ୍ଧା ଦୁଇ ଦୁର୍ବୃତ୍ତ ମୋଟର ସାଇକେଲ୍‌ରେ ଆସି ମହିଳାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ଦ୍ରୁତ ବେଗରେ ହାତୀ ଲୁଚାଣି ଦିଗକୁ ପଳାଇଗଲେ। ଖବରପାଇ ପରଜଙ୍ଗ ପୁଲିସ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଥିବା ସୂଚନା ମିଳିଛି। ବେସ କିଛିଦିନ ହେବ ପରଜଙ୍ଗ ଅଞ୍ଚଳରେ ଚୋରି,ରାହାଜାନୀ କମି ଯାଇଥିଲା ହେଲେ ପୁଣି ଏଇ କିଛି ଦିନହେବ ଦୁର୍ବୃତ୍ତମାନେ ସକ୍ରିୟ ହୋଇ ଚୋରି ରାହାଜାନି ବଢ଼ିବାକୁ ଲାଗିଲାଣି। ପରଜଙ୍ଗ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଦୁର୍ବୃତ୍ତ।

# ଠକେଇ ଅଭିଯୋଗରେ ଯବାନ ଗିରଫ

**ଅନୁଗୋଳ,୮।୫/ଏନ୍ଏନ୍ଏସ୍:** ଚାକିରି କରିଦେବା ନାଁ ରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଜଣେ ଯବାନ ଗିରଫ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗାଁର ସୁନୀଲ କୁମାର ଗଡତିଆ ନାମକ ଜଣେ ବ୍ୟକ୍ତି ଠକେଇର ଶିକାର ହେବା ପରେ ଛେଣ୍ଡିପଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଉ ସେହି ଗାଁର ସଞ୍ଜିବ କୁମାର ସାହୁ ନାମକ ଜଣେ ଯୁବକ ଯେ କି ଭାରତୀୟ ସେନାରେ ହାବିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ସୁନୀଲଙ୍କ ପୁଅକୁ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ଯବାନ ସଞ୍ଜିବ। ଆଉ ସୁନୀଲଙ୍କ ଠାରୁ ସଞ୍ଜିବ ୮ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ। ତେବେ ବର୍ଷ ପରେ ବର୍ଷ ବିତି ଯାଇଥିଲେ ମଧ୍ୟ ସଞ୍ଜିବ ନା ଚାକିରି ଦେଲେ ନାଁ ଟଙ୍କା ଫେରସ୍ତ କଲେ। ତେବେ ଏହା ଭିତରେ ସଞ୍ଜିବ ପାତ୍ରପଡା ଗାଁର ପାଦକ ସାହୁଙ୍କ ଠାରୁ ୧୩ ଲକ୍ଷ ଟଙ୍କା,ଟାଙ୍ଗୁଡ଼ିଆ ଗାଁର ଶିବ ପ୍ରଧାନଙ୍କ ଠାରୁ ୭ ଲକ୍ଷ ୨୦ ହଜାର,ମାଛକୁଟା ଗାଁର ଝରଣା ମାଝୀଙ୍କ ଠାରୁ ୫ ଲକ୍ଷ ଟଙ୍କା,ଛେଣ୍ଡିପଦା ଗାଁର ଜଳିବାଳା ପ୍ରଧାନଙ୍କ ଠାରୁ ୧୪ ଲକ୍ଷ ୫୦ ହଜାର ଟଙ୍କା ଏଭଳି ଠକି ନେଇଥିବା ଜାଣିବାକୁ ପାଇଥିଲେ। ଠକାମୀର ଶିକାର ହୋଇଥିବା ଜାଣି ସମସ୍ତେ ମିଶି ଛେଣ୍ଡିପଦା ଥାନାରେ ସଞ୍ଜିବଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଛେଣ୍ଡିପଦା ପୁଲିସ ଆଜି ସଞ୍ଜିବଙ୍କୁ ତାଳଚେରରୁ ଗିରଫ କରିଛି। ତେବେ ତଦନ୍ତ ବେଳେ ଆହୁରି ଅନେକ ଲୋକଙ୍କଠାରୁ ସଞ୍ଜିବ ଲକ୍ଷାଧିକ ଟଙ୍କା ଠକି ନେଇଥିବା ପୁଲିସ ସୂଚନାପାଇଛି।

# ବିଶ୍ୱ ରେଡ୍‌କ୍ରସ୍ ଦିବସ

**ଅନୁଗୋଳ,୮।୫/ଏନ୍ଏନ୍ଏସ୍:** ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ମିନି କନଫରେନ୍ସ ହଲ୍‌ଠାରେ ଜିଲ୍ଲା ରେଡ୍‌କ୍ରସ୍ ଶାଖା ଆନୁକୂଲ୍ୟରେ 'ବିଶ୍ୱ ରେଡ୍‌କ୍ରସ୍ ଦିବସ-୨୦୨୬' ପାଳିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା 'ମାନବିକତା ପାଇଁ ଏକତା'। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ମାନବିକତା ଓ ସେବା ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମାନବିକ କଲ୍ୟାଣ ତଥା ସ୍ୱେଚ୍ଛାକୃତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ସାଇବର୍ ସଚେତନତା କାର୍ଯ୍ୟକ୍ରମ

**ଧର୍ମଶାଳା,୮।୫/ଏନ୍ଏନ୍ଏସ୍:** ଧର୍ମଶାଳା ଥାନା ପରିସରରେ ଆଜି ପୁଲିସ ପକ୍ଷରୁ ଏକ ସାଇବର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପୁଲିସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଉପସ୍ଥିତ ରହି ସାଇବର୍ ସଚେତନତା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଓଡ଼ିଶା ପୁଲିସ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଭିଡିଓ କନଫରେନସିଂ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସାମ୍ବାଦିକ, କଲେଜ୍ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀମାନେ ଯୋଗ ଦେଇଥିଲେ।

# ବିଧାୟକଙ୍କ ଦ୍ୱାରା ମାରାଥନ୍ ଭିତ୍ତିପ୍ରସ୍ତର ସ୍ଥାପନ



**ଧର୍ମଶାଳା,୮।୫/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଆଜି ବିଧାୟକଙ୍କ ଦ୍ୱାରା ମାରାଥନ ଭିତ୍ତିପ୍ରସ୍ତର କରାଯାଇଛି। ଜାରକା ନିକଟସ୍ଥ ଭାଲୁଖାଇ ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ମଣ୍ଡପ ଓ ପାର୍କ ଏବଂ ଭାଲୁଖାଇ ଠାରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଏକ ଭବ୍ୟ ମନ୍ଦିର ଓ ଭକ୍ତ ନିବାସ ନିର୍ମାଣ ସହିତ ଜାରକା କୁମାରୀ ଗ୍ରାମରେ ଲକ୍ଷ୍ମୀ ପୂଜା ମଣ୍ଡପ ପରିସରରେ ନୂତନ ଭାବେ ଲକ୍ଷ୍ମୀ ମନ୍ଦିର, ତାରିଣୀ ମନ୍ଦିର ଓ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଆଜି ଭିତ୍ତିପ୍ରସ୍ତର କରାଯାଇଛି। ପ୍ରକାଶ, ଭାଲୁଖାଇ ଠାରେ ଏକ ଜଗନ୍ନାଥ ମନ୍ଦିର ରହିଥିବା ବେଳେ ଏହାର ଉନ୍ନତିକରଣ ପାଇଁ କମିଟି ପକ୍ଷରୁ ସଦାସର୍ବଦା ଚେଷ୍ଟା ଜାରିରହିଛି। ଇତିମଧ୍ୟରେ ମନ୍ଦିର କମିଟିର ନିଷ୍ପତ୍ତିକ୍ରମେ ଓ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମକ୍ରମେ ଜଗନ୍ନାଥ ମନ୍ଦିର ପରିସରରେ ଜଗନ୍ନାଥଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ କରିବା ଲାଗି ଉଦ୍ୟମ କରାଯାଇଥିଲା। ଆଜି ଶୁଭ ମୁହୂର୍ତ୍ତରେ ସେଠାରେ ଜଗନ୍ନାଥଙ୍କ ଏକ ଭବ୍ୟ ମନ୍ଦିର ଓ ଭକ୍ତ ନିବାସର ଭିତ୍ତିପ୍ରସ୍ତର କରାଯାଇଛି। ବିଧାୟକ ଶ୍ରୀ ସାହୁ, ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ସମାଜସେବୀ ମିନତୀ ସାହୁ, ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଯୋଗଦେଇ ଭିତ୍ତିପ୍ରସ୍ତର ଦେଇଥିଲେ। ଏହି ମୁହୂର୍ତ୍ତରେ ପୁରି ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇଥିବା ବେଳେ ବାଡଗ୍ରାହୀ ତଥା ନୀଳମାଧବଙ୍କ ମୁଖ୍ୟ ପୂଜକ ଓ ତାଙ୍କ ପତ୍ନୀ ଆଜ୍ଞାମାଳ ନେଇ ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। କମିଟି ସଦସ୍ୟମାନେ ବାଡଗ୍ରାହୀଙ୍କୁ ମନ୍ଦିର ପରିସରକୁ ପାଛୋଟି ନେଇଥିଲେ। ଜଗନ୍ନାଥ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ସମ୍ପାଦକ ମନୋଜ କୁମାର ରଣା, ପୂର୍ବତନ କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ନୂତନ ଭାବେ କୋଷାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ଭରତ ଚନ୍ଦ୍ର ସେଠୀ, ସୁନିଲ କୁମର ରାଉତ, ଚିତରଞ୍ଜନ ଦାସ, ସବ୍ୟସାଚୀ ବେହେରା ପ୍ରମୁଖ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ପରେ ବିଧାୟକ ଶ୍ରୀ ସାହୁଙ୍କ ସହିତ ଉପସ୍ଥିତ ସମସ୍ତ ଅତିଥିମାନେ ଗୋକର୍ଣ୍ଣେଶ୍ୱର ମନ୍ଦିରକୁ ଯାଇ ସେଠାରେ ମନ୍ଦିରର ଉନ୍ନତିକରଣ ପାଇଁ ମଣ୍ଡପ ଓ ପାର୍କର ଶୁଭ ଭିତ୍ତିପ୍ରସ୍ତର ଦେଇଥିଲେ। ପରେ ଅତିଥିମାନେ ଜାରକା କୁମାରୀ ଗ୍ରାମସ୍ଥିତ ଲକ୍ଷ୍ମୀ ମଣ୍ଡପକୁ ଯାଇ ସେଠାରେ ମା ଲକ୍ଷ୍ମୀ, ମା ତାରିଣୀଙ୍କ ମନ୍ଦିର ପଇଁ ଭିତ୍ତିପ୍ରସ୍ତର ଦେବା ସହ ସେଠାରେ ଏକ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ଦେଇଥିଲେ। ସମସ୍ତ ସ୍ଥାନରେ ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ତୀର୍ଥରାଜ ପଣ୍ଡା,ଦେବଦତ ପଣ୍ଡା, ପ୍ରଦୀପ୍ତ ପରିଡା, ଚନ୍ଦ୍ରମଣି ପଣ୍ଡିତ, ଶରତ କୁମାର ନାୟକ, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା ପ୍ରମୁଖ ବିଧାୟକଙ୍କ ହଜାର ହଜାର ସଂଖ୍ୟାରେ ସମର୍ଥକ ଉପସ୍ଥିତ ରହିଥିଲେ।

ବିଶ୍ୱ ରେଡକ୍ରସ୍ ଦିବସ

## 'ମାନବିକତା ହିଁ ଏକତାର ମନ୍ତ୍ର'



**କେନ୍ଦୁଝର,୮।୫/ଏନ୍‌ଏନ୍‌ଏସ୍:** କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଆଇଡିପି ଗୃହଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ସଭାକୁ କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିଜ ଅଭିଭାଷଣ ରଖି ସେ କହିଥିଲେ ଯେ ମାନବିକତା ହେଉଛି ଏକତାର ମନ୍ତ୍ର ଏବଂ ନିଃସ୍ୱାର୍ଥପର କାର୍ଯ୍ୟ ହିଁ ପ୍ରକୃତ ସେବା। ସମାଜ ପ୍ରତି ସେବା, ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ନିରନ୍ତର ରହିଲେ ହିଁ ଆମେ ଏକ ଶୃଙ୍ଖଳିତ ମାନବବାଦୀ ସମାଜ ଗଠନ କରିପାରିବା। ରେଡକ୍ରସ୍‌ର ପ୍ରତିଷ୍ଠାତା ସାର୍ ହେନେରୀ ଡୁନଷ୍ଟଙ୍କ ଜନ୍ମ ଦିବସ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ରେଡକ୍ରସ୍ ସଂସ୍ଥାର ବିଶ୍ୱବ୍ୟାପୀ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ରକ୍ତଦାନ ଭଳି ମହତ କାର୍ଯ୍ୟରେ ସାମିଲ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ସଭାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଭୁ ପ୍ରସାଦ ଦାସ, ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସମାଜସେବୀ ଧରିତ୍ରୀ ରାଉତ, ଜିଲ୍ଲା ଆପାତକାଳୀନ ଅଧିକାରୀ ଅଭିଳାଷ ପୁରୋହିତ ଓ ଜିଲ୍ଲା ରେଡକ୍ରସ୍ ଯୁଗ୍ମ ସମ୍ପାଦକ ଏ. ଆର୍. ଖାନ୍ ଉପସ୍ଥିତ ରହି ନିଜ ନିଜର ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୁବ ରେଡକ୍ରସ୍ ସଂଯୋଜକ ଡକ୍ଟର ମମତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଯୁବ ରେଡକ୍ରସ୍ କାଉନସିଲର ଶୁକଦେବ ତିରିଆ ଧନ୍ୟବାଦ୍ ଦେଇଥିଲେ।

## ରୋଲରକୁ ଧକ୍କା ଦେଲା ଓମନି, ୭ ଆହତ

**ସୋର,୮।୫/ଏନ୍‌ଏନ୍‌ଏସ୍:** ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟସ୍ଥ ଷ୍ଟାର୍ ହୋଟେଲ ସମ୍ମୁଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ରୋଲରକୁ ଏକ ଓମନି ଗାଡ଼ି ଧକ୍କା ଦେବା ଫଳରେ ଗାଡ଼ିରେ ଥିବା ୭ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରେ ୨ ଜଣ ଶିଶୁ ଏବଂ ୫ ଜଣ ବୟସ୍କ ବ୍ୟକ୍ତି ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଓମନି ଗାଡ଼ିଟି ପଶ୍ଚିମବଙ୍ଗରୁ ଭଦ୍ରକ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଓମନି ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୁଲିସ ଗାଡ଼ିଟିକୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

ଡିଆର୍‌କେ କପ୍-୨୦୨୬ ଖେଳାଳି ନିଲାମୀ ପ୍ରକ୍ରିୟା ଶେଷ

## ୨୫ରୁ କ୍ରିକେଟ୍ ମହାକୁମ୍ଭ




**ବାରିପଦା,୮।୫/ଏନ୍‌ଏନ୍‌ଏସ୍:** ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୨ୟ ବାର୍ଷିକ ଦିବାରାତ୍ର ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକ୍ରିୟାରେ ଲାଲବଜାର ୱରିୟର୍ସର ଆଇକନ ଖେଳାଳି ଆଦିତ୍ୟ ବସା ଦିବ୍ୟ ରଞ୍ଜନ ଦାସଙ୍କୁ ୧୨,୪୦୦ ଟଙ୍କା ଏବଂ ଯଶୋବନ୍ତ ମାଝୀଙ୍କୁ ୧୦,୦୦୦ ଟଙ୍କାରେ କ୍ରୟ କରିଥିବା ବେଳେ ପରି ଚାଲେଞ୍ଜର୍ସର ଆଇକନ ଖେଳାଳି ଅଭିଜ୍ଞାନ ମହାନ୍ତି ରୋହନ ସାହୁଙ୍କୁ ୮,୯୦୦ ଟଙ୍କାରେ କ୍ରୟ କରିଛନ୍ତି। ସେହିପରି ଜଗଦ୍ଧାତ୍ରୀ ସୁପର କିଙ୍ଗସର ଆଇକନ ଖେଳାଳି ମନୁ ରାମ ଶୁଭମ ନାୟକଙ୍କୁ ୧୦,୩୦୦ ଟଙ୍କାରେ, ରାଫେଲ ରୋକେଟର ଆଇକନ ଖେଳାଳି ମାରି ଲୋକନାଥ ସୁକୁମାର ପତିଙ୍କୁ ୮,୨୦୦ ଟଙ୍କାରେ ଏବଂ ମା' ଅମ୍ବିକା ୱରିୟର୍ସର ଆଇକନ ଖେଳାଳି ଦିବ୍ୟେଶ ମହାନ୍ତି ଅଭିଜିତ ପ୍ରସାଦ ଘଣାଙ୍କୁ ୯,୯୦୦ ଟଙ୍କାରେ ନିଜ ଦଳରେ ସାମିଲ କରିଛନ୍ତି। ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ କ୍ରିକେଟ ଖେଳାଳି ସୁନୀଲ କୁମାର ଜେନା, ଲଲାଟେନ୍ଦୁ ବେହେରା, ସୋମନାଥ ସିଂହ, ଡିଆରକେ କ୍ଲବର ପ୍ରତିଷ୍ଠାତା ନିରୋଜ କୁମାର ସାହୁ ଏବଂ କ୍ରୀଡ଼ା ସଂଗଠକ ଅମର କୁମାର ସେଠୀଙ୍କ ଉପସ୍ଥିତିରେ ଏହି ନିଲାମୀ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଅମିତାଭ ଦାସ, ମାନସ ଧଳ, ସତ୍ୟନାରାୟଣ ଜୀଉ, ସୁମିତ ମିଶ୍ର, କରୁଣାମୟୀ ପୃଷ୍ଟି, ସମ୍ବିତ ମହାରଣା, ଅମିତ ପରିଡ଼ା, ଚନ୍ଦ୍ରଭାନୁ ସେଠୀ ଓ ପଙ୍କଜ ମହାକୁଡ଼ ଏହି କାର୍ଯ୍ୟକ୍ରମକୁ ସଚାରୁରୂପେ ପରିଚାଳନା କରିଥିଲେ। ମୁଖ୍ୟ ଆୟୋଜକ ଅମିତାଭ ଦାସଙ୍କ ସୂଚନା ଅନୁସାରେ, ମୋଟ ୫ଟି ଦଳକୁ ନେଇ ଚଳିତ ମାସ ୨୫ ତାରିଖରୁ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଏହି ମେଗା ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ।

ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

# ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ତୁରନ୍ତ ଶେଷ କରିବାକୁ ବିଧାୟକଙ୍କ ନିର୍ଦ୍ଦେଶ



**ଭଦ୍ରକ,୮।୫/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲାର ଉନ୍ନୟନମୂଳକ ଓ ଯୋଜନାଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଭଦ୍ରକ ବିଧାନସଭା ଉନ୍ନୟନ କମିଟି ବୈଠକ ଏବଂ ଜିଲ୍ଲା ଯୋଜନା ସମିତି ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସଭା ଭଦ୍ରକର ନୂତନ ପ୍ରଦକ୍ଷଣ ଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ, ଭଦ୍ରକ ତଥା ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସଭାରେ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମାକି ହବିବ୍, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରହ୍ଲାଦ ରଣା, ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ,ଭଦ୍ରକର ଅର୍ଥନୀତି ବିଶେଷଜ୍ଞ ଡଃ ଭଗବାନ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ମଳୟ ଜେନା ଏବଂ ଅତିରିକ୍ତ ଏସ୍‌ପି ବିଶ୍ୱପତି ପଣ୍ଡା, ଭଦ୍ରକ ଉପସ୍ଥିତ ଥିଲେ। ସଭାରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି, ସାଧାରଣ ଲୋକଙ୍କ ସୁବିଧା ସହ ପ୍ରଶାସନିକ ସମନ୍ୱୟ ଉପରେ ବିସ୍ତୃତ ସମୀକ୍ଷା ଓ ଆଲୋଚନା କରାଯାଇଥିଲା। ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଲୋକମୁଖୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଧାୟକ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ସିଡିଏମ୍‌ଓ, ଏନ୍‌ଏଚ୍‌ଏଆଇ ବିଭାଗ, ଆର୍ ଆଣ୍ଡ ବି ବିଭାଗ, ଆର୍‌ଡି ବିଭାଗ, ପୁଲିସ ବିଭାଗ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନଙ୍କୁ ନେଇ ଜିଲ୍ଲାର ବିକାଶମୂଳକ ଯୋଜନା ଓ ବାକି ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ବିଶେଷକରି ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟଗୁଡ଼ିକୁ ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିବା ସହ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଭଦ୍ରକର ଅଧିକାରୀ ଭୋଳାନାଥ ରାଉଳ, ହରିହର ଗୁଇନ ଓ ଶୁଭ୍ରାଙ୍ଗିନୀ ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ।

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘରେ ମିଶ୍ରଣ ପର୍ବ

## ସୋର ଡିଭିଜନ୍‌ର ୫୦୦ରୁ ଅଧିକ କର୍ମଚାରୀ ସାମିଲ୍

**ସୋର,୮।୫/ଏନ୍‌ଏନ୍‌ଏସ୍:** ସୋର ଡିଭିଜନ ସ୍ଥିତ ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଉପସଭାପତି ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିପି ଉତ୍ତର ଓଡ଼ିଶାର ସୋର ଡିଭିଜନରେ କାର୍ଯ୍ୟରତ ୫୦୦ରୁ ଅଧିକ ବିଦ୍ୟୁତ କର୍ମଚାରୀ ମହାସଂଘରେ ଯୋଗ ଦେଇଛନ୍ତି। ଶିଶିର ବିନ୍ଦୁ ଦାସଙ୍କ ନେତୃତ୍ୱ ଏବଂ ଜୋନାଲ ସେକ୍ରେଟାରୀ ହରିଶ ଚନ୍ଦ୍ର ଦାଶ ଓ ସହ ସାଧାରଣ ସମ୍ପାଦକ ଜ୍ୟୋତି କୃଷ୍ଣ ବେହେରାଙ୍କ ମାର୍ଗଦର୍ଶନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାସଂଘର ସାଂଗଠନିକ ଶକ୍ତି ବୃଦ୍ଧି ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ମହାସଂଘର ଉପ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକଙ୍କ ପ୍ରସ୍ତାବ ଓ ଯୁଗ୍ମ ସମ୍ପାଦକ ନିଗମାନନ୍ଦ ରାଉତଙ୍କ ସହମତି କ୍ରମେ ପ୍ରଦୀପ କୁମାର ବେହେରାଙ୍କୁ ସହ ଯୁଗ୍ମ ସମ୍ପାଦକ, ପ୍ରଦୀପ କୁମାର ଦାସଙ୍କୁ ସହ ସମ୍ପାଦକ ଏବଂ ଶିଶିର ବିନ୍ଦୁ ଦାସଙ୍କୁ ବାଲେଶ୍ୱର ସର୍କଲ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିପରି ଦେବାଶିଷ ଦେବଗୋସ୍ୱମୀଙ୍କୁ ସୋର ଡିଭିଜନ ସମ୍ପାଦକ, ମନୋଜ କୁମାର ସିଂହଙ୍କୁ ସୋର ଡିଭିଜନ ଅର୍ଗାନାଇଜର, ଭାରତ କୁମାର ନାୟକଙ୍କୁ ସହ ଡିଭିଜନ ସମ୍ପାଦକ, ବ୍ରଜ କିଶୋର ଦଳେଇଙ୍କୁ ମାର୍କୋଣା ସବ୍‌ଡିଭିଜନ ସେକ୍ରେଟାରୀ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ସୋର ସବ୍ ଡିଭିଜନ ସେକ୍ରେଟାରୀ, ଅନିଲ କୁମାର ମହାନ୍ତିଙ୍କୁ ଖଇରା ସବ୍‌ଡିଭିଜନ ସେକ୍ରେଟାରୀ ଓ ପ୍ରହ୍ଲାଦ ଦାସଙ୍କୁ ବିଏ ସେଲ୍ ସୋର ଡିଭିଜନ ସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି।

## ଗଞ୍ଜେଇ ଜବତ, ୮ ଗିରଫ



**ଯୋଡ଼ା,୮।୫/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ବଡ଼ବିଲ ଅଞ୍ଚଳରେ ଗଞ୍ଜେଇ କାରବାର ବିରୋଧରେ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଗୁରୁବାର ଗଞ୍ଜେଇ ମାଫିଆମାନଙ୍କ ମଧ୍ୟରେ ସୌଦା ଚାଲିଥିବା ବେଳେ ବଡ଼ବିଲ ପୁଲିସ ଅତର୍କିତ ଚଢ଼ଉ କରି ୩୩.୧୯୦ କେଜି ଗଞ୍ଜେଇ ଜବତ ସହ ୮ ଜଣଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ମୁତାବକ, କାଞ୍ଜିପାଣି ଅଞ୍ଚଳରୁ କିଛି ମାଫିଆ ଆସି ବଡ଼ବିଲ ଅଞ୍ଚଳର ବ୍ୟବସାୟୀଙ୍କ ସହ ଭୁଶୁଙ୍ଗା ସ୍ଥିତ ଓଏମ୍‌ସି କଲୋନି ନିକଟରେ ଗଞ୍ଜେଇ କାରବାର କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଅଶୋକ ନାଏକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢ଼ଉ କରିଥିଲେ। ଏହି ଚଢ଼ଉ ସମୟରେ ପୁଲିସ ୩୩ କେଜି ୧୯୦ ଗ୍ରାମ ଗଞ୍ଜେଇ ସହ ଏକ ଅଟୋ ରିକ୍ସା (ଓଡି ୦୯ୟାଇ ୫୮୬୨), ଗୋଟିଏ ମୋବାଇଲ ଫୋନ ଏବଂ ନଗଦ ୨୦୦୦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଞ୍ଜିପାଣି ଅଞ୍ଚଳର ବିଜୁ ବେହେରା (୨୫), ଘନାଶ୍ୟାମ ସାନଙ୍ଗୀ (୩୫), ସୁଶୀଲ ପାରିହୋଲ (୨୨), ଝୁମ୍ପୁରା ଏବଂ କେନ୍ଦୁଝରର ସଦାମ ହୁସେନ (୩୬), ଅର୍ଜୁନ କେଶରୀ (୫୫) ଏବଂ ବଡ଼ବିଲ ଅଞ୍ଚଳର ଜଟାଧାରୀ ପାତ୍ର (୩୫), ଏମ୍‌ଡି ମୁନତାଜୀର ଆଲାମ (୩୩) ଏବଂ ଏମ୍‌ଡି ସାରବାର ଆଲାମ ଓରଫ ଟିଟୁ (୩୦)। ସମସ୍ତ ଅଭିଯୁକ୍ତଙ୍କୁ ଏନ୍‌ଡିପିଏସ୍ ଆଇନର ବିଭିନ୍ନ ଧାରାରେ ଗିରଫ କରାଯାଇ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ନିଶା କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯିବା ସହ ଏଭଳି ବେଆଇନ କାରବାର ସମ୍ପର୍କରେ ସୂଚନା ଦେବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି।

## ଆଜି ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ

**ବାଲେଶ୍ୱର,୮।୫/ଏନ୍‌ଏନ୍‌ଏସ୍:** ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଜି ନିଜର ସେବାଯୋଗାଣ ଅଞ୍ଚଳରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଆୟୋଜନ କରାଯାଉଛି। ଟିପିଏନଓଡିଏଲ୍‌ର କ୍ଷେତ୍ରାଧିକାର ଅନ୍ତର୍ଗତ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ବାରିପଦା ସର୍କଲର ବିଭିନ୍ନ ଡିଭିଜନ ଓ ସବ-ଡିଭିଜନ କାର୍ଯ୍ୟାଳୟ ସମେତ ନିର୍ଦ୍ଧାରିତ କୋର୍ଟ ପରିସରରେ ଏହି ଲୋକ ଅଦାଲତ ପରିଚାଳିତ ହେଉଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ର ନିୟମ ଅନୁଯାୟୀ ଆୟୋଜିତ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାମାନଙ୍କୁ ବିଚାରଧୀନ ଏନ୍‌ଫୋର୍ସମେଣ୍ଟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସହଜ, ସ୍ୱଚ୍ଛ ଏବଂ ସମୟଭିତ୍ତିକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି ସମାଧାନ ଶିବିର ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି, ଯେଉଁଠାରେ ଉପଭୋକ୍ତାମାନେ ବିବାଦର ସମାଧାନ ପାଇଁ ସହାୟତା ପାଇପାରିବେ। ଉପଭୋକ୍ତାମାନଙ୍କୁ ଦସ୍ତାବିଜ, ଯୋଗ୍ୟତା ମାପଦଣ୍ଡ ଏବଂ ସମାଧାନ ପ୍ରକ୍ରିୟାରେ ସାହାଯ୍ୟ କରିବା ପାଇଁ ସମସ୍ତ ନିର୍ଦ୍ଧାରିତ ସ୍ଥାନରେ ଏନଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଆଇନଗତ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଜାତୀୟ ଲୋକ ଅଦାଲତ ବହୁ ଦିନରୁ ଅଟକି ରହିଥିବା ବିଦ୍ୟୁତ ସମ୍ବନ୍ଧୀୟ ବିବାଦଗୁଡ଼ିକୁ କମ୍ କରିବାରେ ସହାୟକ ହେବ। ଏହା ଉପଭୋକ୍ତାମାନଙ୍କ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ସହିତ ଏକ ସ୍ୱଚ୍ଛ ବିଦ୍ୟୁତ ପରିଚାଳନା ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଭାଗିଦାରୀକୁ ଉତ୍ସାହିତ କରିବ। ଟିପିଏନଓଡିଏଲ୍ ପକ୍ଷରୁ ବିଚାରଧୀନ ଏନଫୋର୍ସମେଣ୍ଟ ମାମଲା ଥିବା ଉପଭୋକ୍ତାମାନଙ୍କୁ ଏହି ସୁଯୋଗର ଉପଯୋଗ କରି ଆପୋଷ ବୁଝାମଣା ଜରିଆରେ ବିବାଦର ସମାଧାନ କରି ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ଜଟିଳତାରୁ ବଞ୍ଚିବା ପାଇଁ ଅନୁରୋଧ କରାଯାଇଛି।

ଧୂଷୁରୀ ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ

## କିଶୋରୀଙ୍କ ସୁରକ୍ଷା ଓ ସଚେତନତା ଶିବିର

**ଧାମନଗର,୮।୫/ଏନ୍‌ଏନ୍‌ଏସ୍:** ଧାମନଗର ବ୍ଲକ ଧୂଷୁରୀ ଥାନା ପରିସରରେ ଓଡ଼ିଶା ପୁଲିସ ଓ ୟୁନିସେଫ୍‌ର ମିଳିତ ସହଯୋଗରେ 'ଜୁଭେଣ୍ଟିକା' ନାମକ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କିଶୋରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସେମାନଙ୍କୁ ସୁରକ୍ଷା ଓ ଆଇନ ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟରେ ଏହି ସିଡବ୍ଲ୍ୟୁପିଓ ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମହିଳା ଓ ଶିଶୁଙ୍କ ବିରୋଧରେ ଘଟୁଥିବା ବିଭିନ୍ନ ଅପରାଧ, ଶିଶୁ ସୁରକ୍ଷା ଆଇନ, ନିର୍ଯାତନା ପ୍ରତିରୋଧ ଏବଂ ସାଇବର ଅପରାଧରୁ କିପରି ସୁରକ୍ଷିତ ରହିବେ ସେ ନେଇ ଉପସ୍ଥିତ କିଶୋରୀମାନଙ୍କୁ ବିସ୍ତୃତ ଭାବେ ଶିକ୍ଷା ଦିଆଯାଇଥିଲା। ବିଶେଷ କରି ଥାନାକୁ ଭୟ ନକରି କିପରି ନିଜର ସତ୍ୟ ଅଭିଯୋଗ ନେଇ ପୁଲିସର ସହାୟତା ଲୋଡ଼ିବେ, ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ଏସଆଇ ସୁଜାତା ସାହୁ, ଏସଆଇ ବାସୁଦେବ ଓରାମ, ଏସ୍‌ଆଇ ତ୍ରିନାଥ ଭୋଇ ଏବଂ ଏଏସଆଇ ବୈଷ୍ଣବ କୁମାର ତ୍ରିପାଠୀଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏଥିସହ ଅଙ୍ଗନବାଡ଼ି କର୍ମୀ ସବୁଜିମା ତ୍ରିପାଠୀ, ମାନସୀ ମଞ୍ଜରୀ ମିଶ୍ର, ପ୍ରମିଳା ବେହେରା, ଶାନ୍ତିଲତା ଦୁବାଇ ଓ ଲୋପାମୁଦ୍ରା ଓଝା ପ୍ରମୁଖ ଯୋଗ ଦେଇଥିଲେ। ଅଞ୍ଚଳର ବହୁ ସଂଖ୍ୟାରେ କିଶୋରୀ ଏହି ଶିବିରରେ ସାମିଲ ହୋଇଥିଲେ। ଶେଷରେ କିଶୋରୀମାନେ ଧୂଷୁରୀ ଥାନା ପରିସର ପରିଦର୍ଶନ କରି ପୁଲିସର କାର୍ଯ୍ୟଶୈଳୀ ଓ ବ୍ୟବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ। ସଚେତନତା ମାଧ୍ୟମରେ ଏକ ସୁରକ୍ଷିତ ଓ ସୁସ୍ଥ ସମାଜ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ସନ୍ଦେଶ ଥିଲା।

ବୃଦ୍ଧାଙ୍କ ଶବକୁ ମିଳିଲାନି ଜ୍ଞାତି କୁଟୁମ୍ବଙ୍କ ଚାରିକାନ୍ଧ

# ଶବ ସତ୍କାର କଲା ପ୍ରଦେଶ ସେବା ସଂଗଠନ

**ତିହିଡ଼ି,୮।୫/ଏନ୍‌ଏନ୍‌ଏସ୍:** ନିଜ ବୃଦ୍ଧା ମା'ର ଶବ ସଂସ୍କାର ପାଇଁ ସାଇ ଭାଇଠୁଁ ଆରମ୍ଭ କରି ଜ୍ଞାତି କୁଟୁମ୍ବ ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ଅସହାୟ ରୋଗୀଣା ପୁଅ ମାନସ। ହେଲେ ତାଙ୍କୁ କେହି ବି ସହଯୋଗ କରିନଥିଲେ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ତିହିଡ଼ି ବ୍ଲକ ଅଧୀନ ପୀରହାଟ ଦୌଲତପୁର ଅଞ୍ଚଳରେ। ପୀରହାଟ ବଜାରରେ ଚନ୍ଦବାଲି ବ୍ଲକ ଅନ୍ତର୍ଗତ ଘଟପୁର ଅନୁଗ୍ରହପୁର ଗାଁର ସ୍ୱର୍ଗତ ରାମ ଚନ୍ଦ୍ର ରାଉତଙ୍କ ରୋଗିଣା ପୁତ୍ର ମାନସ ରଞ୍ଜନ ରାଉତ ନିଜର ୭୨ବର୍ଷୀୟ ବୃଦ୍ଧା ମା' ବୋଇତ ରାଉତଙ୍କୁ ଧରି ଏକ ପରିତ୍ୟକ୍ତ ଘରେ ରହୁଥିଲେ। ମାନସ ନିଜେ ରୋଗ୍‌ଣ ଥିବାବେଳେ ତାଙ୍କର ଦୁଇଟି ପିଲାଙ୍କୁ ଅନାଥ ଆଶ୍ରମରେ ଛାଡ଼ିଦେଇ ବୃଦ୍ଧା ମା'ଙ୍କ ପାଖରେ ରହୁଥିଲେ। ଗତକାଲି ବୃଦ୍ଧା ମା'ଙ୍କର ଦେହ ଖରାପ ହେବାରୁ ତାଙ୍କୁ ନିକଟସ୍ଥ



ଡାକ୍ତରଖାନାକୁ ନେଇଥିଲେ। ହେଲେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ବଡ଼ ଡାକ୍ତରଖାନା ନେବାକୁ କୁହାଯାଇଥିଲା। ଅସହାୟ ମାନସ ଅସମର୍ଥ ହୋଇ ମା'ଙ୍କୁ ଧରି ନିଜ ଗାଁ ଘଟପୁରକୁ ଯିବାକୁ ପଡ଼ୋଶୀ ତଥା ସାହି ଭାଇଙ୍କ ସହ ଯୋଗାଯୋଗ କରିଥିଲେ। ହେଲେ ସେମାନେ ଗାଁକୁ ଆସିଲେ କୌଣସି ସହଯୋଗ କରିବୁ ନାହିଁ ବୋଲି କହିଥିଲେ। ଶେଷରେ ବାଧ ହୋଇ ମା'ଙ୍କୁ ଧରି ସେହି ପରିତ୍ୟକ୍ତ ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ ମା'ଙ୍କ ଦେହାନ୍ତ ହୋଇଥିଲା। ମାନସ ସକାଳେ ଏ ସଂକ୍ରାନ୍ତରେ ଦୌଲତପୁର ସରପଞ୍ଚଙ୍କୁ ଅବଗତ କରିବା ସହ ଶବ ସଂସ୍କାର ପାଇଁ ପ୍ରଦେଶ ସେବା ସଂଗଠନ ନିକଟରେ ଗୁହାରି ଜଣାଇଥିଲେ। ସଂଗଠନର କର୍ମକର୍ତ୍ତା ସ୍ଥାନୀୟ ପୀରହାଟ ଥାନା ଓ ଦଉଲତପୁର ସରପଞ୍ଚ ପ୍ରଭାତ ମିଶ୍ରଙ୍କୁ ଅବଗତ କରିବା ପରେ ଶବ ସଂସ୍କାର ପାଇଁ ବ୍ୟବସ୍ଥା ହୋଇଥିଲା। ସଂଗଠନର ସଭାପତି ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉପଦେଷ୍ଟା ଧ୍ରୁବ ଚରଣ ପାଣିଗ୍ରାହୀ, ଆର୍ତ୍ତ ବଲ୍ଲଭ ବାରିକ, ନରେନ୍ଦ୍ର ଜେନା, ସତ୍ୟାନନ୍ଦ ଜେନା, ପୀରହାଟ ଅଞ୍ଚଳରେ ମଶାଣି ମଣିଷ ଭାବେ ପରିଚିତ ଈଶ୍ୱର ବେହେରା, ଲୋକନାଥ ସାହୁ, ଶଶୀ କାନ୍ତ ମହାରଣା ଓ ସୂର୍ଯ୍ୟ ମଣି ନାୟକ ପ୍ରମୁଖ ଉପସ୍ଥିତ ରହି ଶବ ସଂସ୍କାର କରିଥିଲେ। ପୁଅ ମାନସ ରାଉତ ମୁଖାଗ୍ନି ଦେଇଥିଲେ।

## ୩୧ ୟୁନିଟ୍ ରକ୍ତ ସଂଗ୍ରହ

**ବାରିପଦା,୮।୫/ଏନ୍‌ଏନ୍‌ଏସ୍:** ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ଏସୋସିଏସନ୍‌ଙ୍କ ମିଳିତ ସହଯୋଗରେ ଆନ୍ତର୍ଜାତୀୟ ନର୍ସିଂ ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରକ୍ତଭଣ୍ଡାର ପରିସରରେ ଆୟୋଜିତ ଏହି ଶିବିରକୁ ମେଡିକାଲ କଲେଜର ଅଧୀକ୍ଷକ ଡା. ବ୍ରଜକିଶୋର ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନୁର୍ଜୟ ମହାନ୍ତ ଏବଂ ଡା. ବିଜୟ ଦାସ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ରକ୍ତଦାନର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠୀ, ଗୌରବ ମୋଦି, ନର୍ସିଂ ଅଧୀକ୍ଷକ କଳ୍ପନା ବେହେରା, ମାଳତୀମଣି ଦେଈ ଏବଂ ଉଷା ମଣି ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୪ ଜଣ ମହିଳାଙ୍କ ସମେତ ମୋଟ ୩୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାର କେନ୍ଦ୍ର ଅଧିକାରୀ ଡା. ନିଳେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ଶକୁନ୍ତଳା ମହାନ୍ତ, ପ୍ରଭାସିନୀ ବେହେରା, କରୁଣାକର ଜେନା ଓ ପାର୍ଥସାରଥୀ ମହାନ୍ତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ବିବାହିତ ଯୁବକ ନିଖୋଜ

**ମାହାଙ୍ଗା,୮।୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଉମର ପଂଚାୟତ ଓସ୍ତପୁର ଗ୍ରାମର ବିବାହିତ ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଗତ ୨୫ ତାରିଖ ଭୋରରୁ ଓସ୍ତପୁର ଗ୍ରାମର ବିପିନ କୁମାର ମହାରଣା(୪୫) ଘରୁ ଏକ ସାଇକେଲ ଯୋଗେ କେଉଁ ଆଡେ ପଳାଇ ଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନଥିଲେ । ଯାହାକୁ ନେଇ ବିପିନଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଦାସ ଗତ ୨୯ ତାରିଖରେ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

ନିତିଦିନ NITIDIN

## ପ୍ରଥମ ପୃଷ୍ଠାରୁ

### ଶୁଭେନ୍ଦୁ ବଙ୍ଗର ...

ପଦରେ ରହିଆସିଥିବା ୭୧ ବର୍ଷୀୟା ମମତା ବାନାର୍ଜୀଙ୍କୁ ଭବାନୀପୁର ଆସନରୁ ପରାସ୍ତ କରିଛନ୍ତି । ଏଥିସହିତ ସେ ନନ୍ଦୀଗ୍ରାମରୁ ମଧ୍ୟ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ବିଜେପି ଏହି ବିଧାନସଭା ନିର୍ବାଚନରେ ୨୦୭ଟି ଆସନ ଜିତିଛି । ଏକଦା ମମତାଙ୍କ ଡାହାଣ ହାତ ବିବେଚିତ ହେଉଥିବା ଶୁଭେନ୍ଦୁ ଅଧିକାରୀ ଆଜି ବିଜେପି ପ୍ରାର୍ଥୀ ଭାବେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହେବା ପରେ ପରେ ଶୁଭେନ୍ଦୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ବେଙ୍ଗଲରୁ ଏବେ ଭୟ ଦୂର ହେବ ଏବଂ ଶାନ୍ତି ଆସିବ । ବେଙ୍ଗଲରେ ହେବାକୁ ଥିବା ପରିବର୍ତ୍ତନକୁ ସମଗ୍ର ଦେଶ ଦେଖିବ ।

ଶୁଭେନ୍ଦୁ ଅଧିକାରୀ ରାଜ୍ୟର ଏକ ପ୍ରଭାବଶାଳୀ ରାଜନୈତିକ ପରିବାରରୁ ଆସିଛନ୍ତି । ତାଙ୍କ ପିତା ଶିଶିର ଅଧିକାରୀ ଜଣେ ପୂର୍ବତନ ସାଂସଦ ଏବଂ ତାଙ୍କ ଭାଇ ଦିବ୍ୟେନ୍ଦୁ ଅଧିକାରୀ ମଧ୍ୟ ୨୦୨୪ରେ ବିଜେପିରେ ଯୋଗ ଦେଇଥିଲେ । ୧୯୯୫ରେ କଂଗ୍ରେସରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଶୁଭେନ୍ଦୁ ୧୯୯୮ରେ ଟିଏମ୍‌ସିରେ ଯୋଗ ଦେଇଥିଲେ । ୨୦୦୬ରେ ସେ ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ସିଙ୍ଗୁର ତଥା ନନ୍ଦୀଗ୍ରାମ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । କିନ୍ତୁ ଦଳୀୟ ନେତୃତ୍ୱ ଏବଂ ଅଭିଷେକ ବାନାର୍ଜୀଙ୍କ ସହ ମତଭେଦ ଯୋଗୁଁ ସେ ୨୦୨୦ରେ ଟିଏମ୍‌ସି ଛାଡ଼ି ବିଜେପିରେ ସାମିଲ ହୋଇଥିଲେ, ଯାହା ବେଙ୍ଗାଲ ରାଜନୀତିର ଚିତ୍ର ବଦଳାଇ ଦେଇଥିଲା । ତେବେ ୨୦୨୬ରେ ବିଜେପିର ବିଶାଳ ବିଜୟ ଶୁଭେନ୍ଦୁଙ୍କ ପରିଶ୍ରମର ଫଳ ଥିଲା । ସୁତରାଂ ବିଜେପି ଏବେ ତାଙ୍କୁ ତାଙ୍କ ପରିଶ୍ରମର ଫଳ ସ୍ୱରୂପ ମୁଖ୍ୟମନ୍ତ୍ରୀ ପଦ ପାଇଁ ମନୋନୀତ କରିଛି, ଯାହାକି ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି । ଅନ୍ୟପକ୍ଷେ ଶୁଭେନ୍ଦୁଙ୍କ ବିଜୟ ଅର୍ଥାତ୍ ମମତା ବାନାର୍ଜୀଙ୍କ ପରାଜୟ ତାଙ୍କ ରାଜନୈତିକ କ୍ୟାରିୟର ପାଇଁ ଏକ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି ।

ଗତ ସୋମବାର (୪ ମଇ, ୨୦୨୬) ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରଠାରୁ ସାରା ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖାଦେଇଛି । ବୁଧବାର ଦିନ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମଧ୍ୟମଗ୍ରାମ ଅଞ୍ଚଳରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି । ଏଥିସହିତ ଅନ୍ୟ ୪ ଜଣଙ୍କର ମଧ୍ୟ ଏହି ନିର୍ବାଚନୀ ହିଂସାରେ ମୃତ୍ୟୁ ଘଟିଛି । ଫଳରେ ନୂଆ ସରକାର ଗଠନ ହେବା ପରେ ପରେ ରାଜ୍ୟରେ ଏସବୁ ହିଂସାକାଣ୍ଡ ଥମିବ ବୋଲି ଆଶା କରାଯାଉଛି ।

### ପୂରା ହୋଇଛି ...

ମଧ୍ୟରେ ନିଆରା ଅନୁଭୂତି ପରିଲକ୍ଷିତ ହୋଇଥାଏ । ଉଭୟ ରାଜ୍ୟର ଲୋକେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତି କରିଥାନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଆତ୍ମବିଭୋର ହୋଇଯାଆନ୍ତି । ମହାପ୍ରଭୁଙ୍କ ଆଶୀର୍ବାଦରୁ ଅସମ୍ଭବ କାମ ସମ୍ଭବ ହୋଇପାରିଛି । ସେହିପରି ମା' କାଳୀ ମଧ୍ୟ ଆମକୁ ଆଶୀର୍ବାଦ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### 'ତାରା'ର ସଫଳ ...

ସହ ଶତ୍ରୁପକ୍ଷର ଲକ୍ଷ୍ୟଭେଦ କରିବା ଅଧିକ ସହଜ ହୋଇପାରିବ । ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ଓ ଭାରତୀୟ ବାୟୁସେନାର ବୈଜ୍ଞାନିକ ତଥା ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହାକୁ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା କ୍ଷେତ୍ରରେ ଏକ ବଡ଼ ସଫଳତା ବୋଲି ସେ କହିଛନ୍ତି । ଡିଆରଡିଓ ଅଧ୍ୟକ୍ଷ ଡକ୍ଟର ସମୀର ଭି. କାମତ ମଧ୍ୟ ଏହି ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଦଳକୁ ପ୍ରଶଂସା କରିଛନ୍ତି । ସମ୍ପୂର୍ଣ୍ଣ ଭାବେ ଭାରତରେ ବିକଶିତ ହୋଇଥିବା ଏହି ପ୍ରଣାଳୀ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆହୁରି ସୁଦୃଢ଼ କରିବା ସହ ବିଶ୍ୱ ପ୍ରତିରକ୍ଷା ବଜାରରେ ଭାରତର ସ୍ଥିତିକୁ ମଜଭୁତ କରିବ ବୋଲି ଆଶା କରାଯାଉଛି ।

### ତଦନ୍ତ କଲେ ମହିଳା ...

ଟଣାଓଟରା କରାଯାଇ ଦୁର୍ବ୍ୟବହାର କରାଯାଇଥିବା ନେଇ ବୟାନ ରେକର୍ଡ ହୋଇଛି । ପୀଡ଼ିତାଙ୍କ ଠାରୁ ସାକ୍ଷ୍ୟ ଓ ପ୍ରମାଣ ଗ୍ରହଣ କରାଯାଇଥିବା ବେଳେ ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଘଟଣାସ୍ଥଳ ଓ ପୀଡିତାଙ୍କ ଘର ପରିଦର୍ଶନ ପରେ ମହିଳା କମିଶନ ଅଧ୍ୟକ୍ଷା ବାଲିଅନ୍ତା ଥାନାକୁ ଯାଇଥିଲେ । ସେଠାରେ ଜୋନ୍ ଏସିପି ଅଭିମନ୍ୟୁ ନାୟକ ଓ ଥାନାଧିକାରୀ ଅନିଲ କୁମାର ପରିଡ଼ାଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ଘଟଣାକୁ ନେଇ ପଞ୍ଜିକୃତ ହୋଇଥିବା ଦୁଇଟି ମାମଲା ସମ୍ପର୍କରେ ତଥ୍ୟ ଓ ଆଘାତ ସମ୍ପର୍କିତ ରିପୋର୍ଟ ମଧ୍ୟ ନେଇଥିଲେ । ଘଟଣାରେ ପ୍ରକୃତ ଦୋଷୀଙ୍କୁ ନିଶ୍ଚିତ ଭାବେ ଦଣ୍ଡ ଦିଆଯିବ ବୋଲି ଥାନାରୁ ଯିବାବେଳେ ଅଧ୍ୟକ୍ଷା କହିଥିଲେ । ଅନ୍ୟପକ୍ଷରେ ଆଜି ସକାଳେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସହ ସେ ଘଟଣା ବିଷୟରେ ଆଲୋଚନା କରିଥିବା ସହ ସ୍ଥାନୀୟ ଲୋକମାନଙ୍କ ସହ ମଧ୍ୟ କଥା ହୋଇଥିଲେ । କେଉଁ ପରିସ୍ଥିତିରେ ଏଭଳି ବିଭତ୍ସ ଘଟଣା ଘଟିଲା, ସେନେଇ ପୁଲିସ ମହାନିର୍ଦ୍ଦେଶକ ବିସ୍ତୃତ ଭାବେ ପଚାରି ବୁଝିଥିଲେ ।

### ପୁଣି ଜଣେ ଯୁବକଙ୍କୁ ...

ଜାଣିବାକୁ ପାଇଛି । ମୃତକ ହେଲେ ରାକେଶ ଦାସ (୪୩) । ରାକେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ସମ୍ପୃକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ତଦନ୍ତ କରୁଥିବାବେଳେ ସମ୍ପୃକ୍ତ ଅଭିଯୁକ୍ତ ବେଙ୍ଗବତୀ ଗ୍ରାମର ଜାକିର୍ ସାହକୁ ଗିରଫ କରିଛି । ଅନ୍ୟପକ୍ଷରେ ମୃତଦେହ ଶନିବାର ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

### ଓଡ଼ିଶା ଦେଶରେ ...

ସମୟରେ କାର୍ଯ୍ୟ ସମ୍ପାଦନ, ଗୁଣାତ୍ମକ ନିର୍ମାଣ ଏବଂ ସହରାଞ୍ଚଳର ଯୋଗ୍ୟ ଗରିବ ପରିବାରଙ୍କୁ ଶୀଘ୍ର ସୁବିଧା ପ୍ରଦାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି ।

### ଓଡ଼ିଶା ଭିଜିଲାନ୍ସ ...

ଓଡ଼ିଶା ଭିଜିଲାନ୍ସ ଦେଶରେ ତୃତୀୟ ସ୍ଥାନରେ ରହିଛି । ୨୦୨୪ରେ ରାଜ୍ୟରେ ୫୩ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ପ୍ରସଙ୍ଗରେ ଦେଶରେ ପ୍ରଥମ ସ୍ଥାନରେ ପଞ୍ଜାବ ଓ କେରଳ ରହିଛି । ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗପତ୍ର (ଚାର୍ଜସିଟ୍) ଦାଖଲ କରିବାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ର ପ୍ରଥମ ଓ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି । ମାମଲାର ଅଭିଯୋଗପତ୍ର ଦାଖଲ କରିବାରେ ଦେଶର ପ୍ରଥମ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ୫ମ ସ୍ଥାନରେ ରହିଛି ।

### ଅଙ୍ଗନବାଡ଼ି କେନ୍ଦ୍ରର ...

କାର୍ଯ୍ୟରେ ମହିଳାମାନଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ଉପରେ ସେ ଏହି ଚିଠିରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀମତୀ ପରିଡ଼ା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ବିକାଶ ଓ ନିର୍ମାଣ କାର୍ଯ୍ୟ ଯେପରି ସମୟାନୁବର୍ତ୍ତୀ ଏବଂ ଗୁଣାତ୍ମକ ଭାବେ ସମାପ୍ତ ହୁଏ, ସେଥିପାଇଁ ବିଧାୟକମାନେ ନିଜ ନିଜ ସ୍ତରରେ ତଦାରଖ କରିବା ଆବଶ୍ୟକ । ସୂଚନାଯୋଗ୍ୟଯେ, ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ୨୦୨୫-୨୬ ମଧ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ଭିତ୍ତିଭୂମି ସୁଦୃଢ଼ୀକରଣ ପଦକ୍ଷେପ ଅଧୀନରେ ସମୁଦାୟ ୩,୨୯୩ଟି ନୂତନ ଅଙ୍ଗନବାଡ଼ି ଗୃହ ଉଦ୍‌ଘାଟିତ ହୋଇ ହସ୍ତାନ୍ତର ହୋଇଥିବା ବେଳେ ଆଇସିଡିଏସ୍ ଯୋଜନା ଅଧୀନରେ ଓଡ଼ିଶାର ୧୨,୧୪୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ରୂପାନ୍ତରିତ କରାଯାଇଛି ।

### ଜିଏସ୍‌ଟି ଅଧିକାରୀଙ୍କୁ ...

ରୁଜୁ କରାଯାଇଥିଲା । ସିବିଆଇର ଟିମ୍ ଏହି ମାମଲାରେ ଯାଞ୍ଚ କରିବା ସହ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଅଭିଯୁକ୍ତଙ୍କୁ ଧରିଥିଲା । ଏହାପରେ ଶ୍ରୀ ନାୟକଙ୍କ କାର୍ଯ୍ୟାଳୟ ସମେତ ତାଙ୍କ ଘର ଓ ରେଲୱେ ଗେଷ୍ଟ ହାଉସ୍‌ରେ ସିବିଆଇ ଟିମ୍ ଚଢ଼ଉ କରିଥିଲା । ସିବିଆଇ ଟିମ୍ ତାଙ୍କୁ ଅଧିକ ପଚରାଉଚରା ପାଇଁ ଭୁବନେଶ୍ୱରକୁ ନେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଏହାସହିତ ସମ୍ପୃକ୍ତ ଅନ୍ୟାନ୍ୟ ଅଭିଯୁକ୍ତଙ୍କ ଭୂମିକା ନେଇ ତଦନ୍ତ ଜାରି ରହିଥିବା ସିବିଆଇ ପକ୍ଷରୁ କହାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ନାୟକଙ୍କୁ ଧରିବାପାଇଁ ସିବିଆଇ ପକ୍ଷରୁ ଏକ ୨୭ ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚିଥିଲା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଲାଞ୍ଚ ନେବାବେଳେ ତାଙ୍କୁ ଧରିଥିଲା ।

# ତିନିରଥର ୧୯ ଚକ ନିର୍ମାଣ ଶେଷ

**ପୁରୀ,୮।୫/ଏନ୍ଏନ୍ଏସ୍:** ଆଜି ରଥ ନିର୍ମାଣର ଅଷ୍ଟାଦଶତମ ଦିବସରେ ତିନିରଥର ନିର୍ମାଣକାରୀ ସେବକମାନେ ରଥଖଳା ଠାରେ ଉପସ୍ଥିତ ହୋଇ ଉପସ୍ଥାନ ଦେବାପରେ ମୁଖ୍ୟ ମହାରଣା ଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଆଜି ରଥ ନିର୍ମାଣରେ ତିନିରଥ ମହାରଣା ସେବକ ୭୭ଜଣ, ଭୋଇ ସେବକ ୭୨ଜଣ, କରତୀ ସେବକ ୪ଜଣ, ତିନି ରଥ କମାର ସେବକ ୧୭ଜଣ, ତୁମ୍ବ ବିନ୍ଧ କାରିଗର ୨ଜଣ, ରୂପକାର ସେବକ ୨୦ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୧୯୩ ଜଣ ଯୋଗଦେଇଥିଲେ । ଗତକାଲି ସୁଦ୍ଧା ତିନି ରଥର ମୋଟ ୧୮ଗୋଟି ଚକ ନିର୍ମାଣ ଶେଷ ହୋଇଥିଲା । ଆଜି ତିନିରଥର ଆଉ ଗୋଟିଏ ଚକ ନିର୍ମାଣ ଶେଷ ହୋଇ ଆଜି ସୁଦ୍ଧା ତିନି ରଥର ମୋଟ ୧୯ଗୋଟି ଚକ ନିର୍ମାଣ ଶେଷ ହୋଇଛି । ଏଥିସହ ଆଜି ପୂର୍ବାହ୍ନରେ ରଥ ଅମିନ ତିନିରଥର ମୁହାଣ୍ଟ ଏବଂ ଜୋକା ନିର୍ମାଣ ପାଇଁ (ଆଗ ଆଣି ଏବଂ ପଛ ଆଣି) ମୁହାଁଟ ପାଇଁ ୪ଟି ଲେଖାଏଁ ୨୦ଫୁଟିଆ ଧଉରା କାଠ ଏବଂ ଯୋକା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୫ଟି ଲେଖାଏଁ ୧୨ଫୁଟିଆ ଧଉରା କାଠ ଭୋଇସେବକଙ୍କ ମାଧ୍ୟମରେ ତିନି ରଥ ଚାଲିକୁ ଯୋଗାଇ ଦେବାପରେ, ତିନିରଥ ର ମହାରଣା ସେବକମାନେ ଉକ୍ତ ୫ଟି ଲେଖାଏଁ ଯୋକା ଏବଂ ୪ଟି ଲେଖାଏଁ ମୁହାଁଟ ନିର୍ମାଣ କାର୍ଯ୍ୟ ଜାରୀ ରଖିଛନ୍ତି । ଆଜି ଦୁଇଟି ଲେଖାଏଁ ତୁମ୍ବରେ ଅର ସଂଯୋଗ ପୂର୍ବକ ଯନ୍ତା ଗାଡ଼ ଠାରେ ତୁମ୍ବ ଅରରେ କଣ୍ଟାବାଡ଼ିଆ ବା ସିଙ୍ଗଡ଼ା ବାଡିଆ କାର୍ଯ୍ୟ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଶେଷ କରି ଅଖ ବିନ୍ଧ ପାଇଁ ରଥ ଚାଲିକୁ ଯୋଗାଇଛନ୍ତି । ଅନ୍ୟପଟେ ଦୋଳ ବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନିରଥର ବାକି ଚକ ନିର୍ମାଣ ପାଇଁ ଆବଶ୍ୟକ ଅରକଣ୍ଟା, ପଦାରି, ତୁମ୍ବ ବଳା, ପଦାରି ଚାବି ନିର୍ମାଣ ଜାରୀ ରଖିଛନ୍ତି ।



## କିଶୋରୀ କିଶୋରଙ୍କ ପାଇଁ ସାଇବର ସଚେତନତା

**ବୋଲଗଡ଼,୮।୫/ଏନ୍ଏନ୍ଏସ୍:** ଓଡ଼ିଶା ପୋଲିସ ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ ତଥା ରାଜ୍ୟ ପୋଲିସ ବିଭାଗର ମହିଳା ଓ ଶିଶୁ ବିରୁଦ୍ଧ ଅପରାଧ ଶାଖା ପକ୍ଷରୁ ରାଜ୍ୟର ପ୍ରାୟ ସମସ୍ତ ଥାନା ମାନଙ୍କରେ କିଶୋରୀ କିଶୋର ମାନଙ୍କ ପାଇଁ ଏକ ସଚେତନତା ତଥା 'ଜୁଭେନ୍ତିକା' ଶୀର୍ଷକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ରାଜ୍ୟ ସ୍ତରରେ ଡିଜିପି ଭି.ସି ମାଧ୍ୟମରେ ଉଦ୍ଘାଟନ କରିଥିବାବେଳେ ବୋଲଗଡ଼ ଥାନା ପରିସରରେ ସମନ୍ୱିତ ମାନବ ଚାଲାଣ ନିରୋଧ ବିଭାଗ ପୋଲିସ ନିରିକ୍ଷିକା ମମତା ପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଥାନା ଅଞ୍ଚଳର ଅନେକ କିଶୋରୀ କିଶୋର ଓ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ । ଥାନା ଅଧିକାରୀ ସୁକାନ୍ତ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରି ଡିଜିଟାଲ୍ ଯୁଗରେ ଇଣ୍ଟରନେଟ୍ ଓ ସୋସିଆଲ ମିଡିଆ ପରି ସାଇବର ଦୁନିଆରେ ସୁରକ୍ଷିତ ରହିବା ଓ ଏହା ନିହାତି ଜରୁରୀ ପାଇଁ କିଶୋରୀ କିଶୋରଙ୍କୁ ସଚେତନ କରିଥିଲେ । ୱେବ୍‌ସାଇଟରେ ଅନଲାଇନ୍ ଅଭିଯୋଗ ଅଥବା ୧୯୩୦ ନମ୍ବରକୁ କଲ କରି ଅଭିଯୋଗ କରିବାକୁ ଉପ-ନିରୀକ୍ଷକ ହାଡୁବନ୍ଧୁ ଦାଶ ସୂଚନା ଦେଇଥିଲେ । ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ସହକାରୀ ଉପ ନିରିକ୍ଷିକା ଯଶୋଦା ଦେଇ ଅସୁବିଧାରେ ପଡ଼ିଲେ ଭୟ ନକରି ଥାନାର ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ପୁରୀରେ ବିଶ୍ୱ ରେଡ୍‌କ୍ରସ୍ ଦିବସ

**ପୁରୀ,୮।୫/ଏନ୍ଏନ୍ଏସ୍:** ଆଜିର ଯୁବ ପିଢି ସେବାମୂଳକ କାର୍ଯ୍ୟରେ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଆଜି ଅପରାହ୍ନରେ ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ପୁରୀ ଜିଲ୍ଲା ରେଡକ୍ରସ ଶାଖା ମାନବସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ଓ ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଥିଲେ । ରେଡକ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅଧକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରେଡକ୍ରସ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ଯୋଗଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେନେରୁ ଡୁନାଣ୍ଟ ଓ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରେଡକ୍ରସ ପାଣ୍ଠି ସଂଗ୍ରହରେ ଅବଦାନ ରଖିଥିବା ପୁରୀ ଓ ସତ୍ୟବାଦୀ ତହସିଲଦାର ଓ ଡେପୁଟି କଲେକ୍ଟର ଜୁଡିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ସଦସ୍ୟ ଶ୍ୟାମପ୍ରକାଶ ସେନାପତି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସକାଳ ୭ ଘଟିକା ସମୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରେଡକ୍ରସ ପତାକାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଉତ୍ତୋଳନ କରିବା ସହ ରେଡକ୍ରସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ ଶତପଥୀ ଉପସ୍ଥିତିରେ ସମସ୍ତ ଅତିଥିଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ରେଡକ୍ରସ ସଦସ୍ୟମାନେ ଯୋଗଦେଇଥିଲେ । ରେଡକ୍ରସ କର୍ମଚାରୀ ଆଦିତ୍ୟ କୁମାର ବରାଳ, ବିଶ୍ୱଭୂଷଣ ଦାଶ, ଆଜୀବନ ସଦସ୍ୟ, ଜୁନିୟର ସଦସ୍ୟ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।



## ରାସ୍ତା ଅବସ୍ଥା ଶୋଚନୀୟ, ମରାମତିରେ ବିଳମ୍ବ



**ନୟାହାଟ,୮।୫/ଏନ୍ଏନ୍ଏସ୍:** ନୟାହାଟ ଧୂମାଳ ଗୋହୋରୀ ଠାରୁ ନରସିଂହ ପୁର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ପିଚୁ ରାସ୍ତାଟି ମାଟି ରାସ୍ତାରେ ପରିଣତ ହୋଇଥିବା ବେଳେ ସାମାନ୍ୟ ବର୍ଷା ହେଲେ ଖାଲରେ ପାଣି ଜମି ଯାତାୟାତରେ ଲୋକମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗ୍ରାମଉନ୍ନୟନ ବିଭାଗ ଅଧିନରେ ଥିବା ଏ ରାସ୍ତା ମରାମତି ପାଇଁ ବହୁ ବାର ଧୂମାଳ ପଞ୍ଚାୟତ ଗ୍ରାମବାସୀ ଦାବି କରିଆସୁଥିବା ବେଳେ ପ୍ରଶାସନ ଶୁଣୁ ନଥିବାରୁ ରାସ୍ତା ରୋକ କରାଯିବ ବୋଲି ଧୂମାଳ ପଞ୍ଚାୟତର ସରପଞ୍ଚ ମୋନାଲିସା ସିଂହ,ସମିତି ସଭ୍ୟା ଭାନୁମତୀ ମାଣିକ, ନାଏବ ସରପଞ୍ଚ ଅଶୋକ ସାହୁ, ସଭାପତି ଦିଲ୍ଲୀପ ରାୟ, ସମାଜ ସେବୀ ସମ୍ ସୁଲ୍ ଆରଫିନ୍, ସମାଜସେବୀ ଅଭିମନ୍ୟୁ ସିଂହ ପ୍ରମୁଖ ଦାବି କରିଛନ୍ତି । ଏହି ରାସ୍ତା ଉପରେ ଦେବୀ ନଦୀରୁ ବାଲି ଆଣି ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଦବି ନଷ୍ଟ ହେଉଛି । ପାରାଦୀପରୁ ପୁରୀ ଯାତ୍ରୀବାହୀ ବସ ଚଳାଚଳ ବିପଦଜନକ ଅବସ୍ଥାରେ ଚାଲିଛି । ସମାଜସେବୀ ଅଭିମନ୍ୟୁ ସିଂହ ରାସ୍ତା ମରାମତି ପାଇଁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଲା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ଗ୍ରାମବାସୀଙ୍କ ବିରୋଧ ପରେ ୩୦ ଫୁଟିଆ ରାସ୍ତା ପାଇଁ ପ୍ରତିଶ୍ରୁତି

**ଓଡ଼ଗାଁ,୮।୫/ଏନ୍ଏନ୍ଏସ୍:** ଓଡ଼ଗାଁ ଅତ୍ୟାଧୁନିକ ବସଷ୍ଟାଣ୍ଡ ପାଚେରି ନିର୍ମାଣକୁ କୁମ୍ଭିଆପଲ୍ଲୀ ଓ ମଠଖଜୁରିଆ ଗ୍ରାମବାସୀ ବିରୋଧ କରିବାପରେ ଆଜି ରାଜସ୍ୱ ବିଭାଗ କର୍ମଚାରୀମାନେ ପହଞ୍ଚି ମାପଚୁପ କରି ୩୦ ଫୁଟିଆ ରାସ୍ତା ଯିବାଆସିବା କରିବା ପାଇଁ ଛାଡ଼ିଛନ୍ତି । ଦୁଇ ଦୁଇ ଥର ପାଚେରି କାମବନ୍ଦ କରିବାପରେ ଆଜି ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଓ ୨ ଜଣ ରାଜସ୍ୱ ନିରୀକ୍ଷକ ପହଞ୍ଚି ରାସ୍ତା ମାପଚୁପ କରିଥିଲେ । ରାସ୍ତା ୩୦ ଫୁଟ ବାହାରିବା ପରେ ବସଷ୍ଟାଣ୍ଡ ସାମ୍ନାରେ ଥିବା ଏକ ଘର ସରକାରୀ ଜାଗାରେ ନିର୍ମାଣ ହୋଇଥିବା ଜାଣିବାକୁ ପାଇଥିଲେ । କିନ୍ତୁ ଘରମାଲିକ ଜାଗାର ପଟା, କବଲା ଆଣି ଦେଖାଇଥିଲେ ମଧ୍ୟ ଘର ସରକାରୀ ଜାଗାରେ ରହିଛି ତୁରନ୍ତ ଘର ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି ଏଥିରେ ଖିଲାପ ହୁଏ ତେବେ ବାଧ ହୋଇ ରାଜସ୍ୱ ବିଭାଗ ନୋଟିସ କରି ଘରଭାଙ୍ଗିବ ବୋଲି ଚେତାବନୀ ଦେଇଛନ୍ତି । ଦୁଇଗାଁ ପାଇଁ ୩୦ ଫୁଟିଆ ରାସ୍ତା ବାହାରିବାପରେ ସମସ୍ତ ସମସ୍ୟାର ଅନ୍ତ ଘଟିଥିବା ଜଣାପଡ଼ିଛି ।

## ରାଜପଥରେ ଦୁର୍ଘଟଣା, ଜଣେ ଗୁରୁତର

**ମୁଣ୍ଡମୁହାଣ,୮।୫/ଏନ୍ଏନ୍ଏସ୍:** ଗତକାଲି ଅପରାହ୍ନରେ ଇନଫୋଭ୍ୟାଲି ଥାନା ୧୬ନମ୍ବର ଜାତୀୟ ରାଜପଥ ଯାଁଳା ଓଭରବ୍ରିଜ ଉପରେ ଏକ ଟ୍ରକ ପଛରେ ଆଉ ଏକ ଟ୍ରକ ଧକ୍କା ଦେବା ଫଳରେ ଧକ୍କା ଦେଇଥିବା ଟ୍ରକ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଯାଇଛି । ଗୁରୁତର ଆହତ ହୋଇଥିବା ଚାଳକଙ୍କ ପରିଚୟ ଜଣାପଡିନାହିଁ । ମିଳିଥିବା ସୂଚନା ଅନୁସାରେ ଆଜି ଏକ ଟ୍ରକ ଯାଁଳା ଓଭରବ୍ରିଜ ଉପରେ ବ୍ରେକ ଡାଉନ ହୋଇଯିବାରୁ ରାସ୍ତା ମଝିରେ ଅଟକି ରହିଥିଲା । ଦ୍ରୁତଗତିରେ ଆସୁଥିବା ଟ୍ରକ୍ ଠିଆ ହୋଇଥିବା ଗାଡି ପଛରେ ଧକ୍କା ଦେଇଥିଲା । ଫଳରେ ଟ୍ରକ୍ ଚାଳକ ଜଣକ ଚାପି ହୋଇ ରହିଥିଲେ । ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଚାପି ହୋଇ ରହିଥିବା ଚାଳକଙ୍କୁ ଉଦ୍ଧାର କରିଥିଲେ ।

## ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଟାଙ୍ଗୀ,୮।୫/ଏନ୍ଏନ୍ଏସ୍:** ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଆସମ ରାଜ୍ୟର ନିର୍ବାଚନ ପ୍ରଚାରର ମଙ୍ଗଧରି ବିଜେପି ସରକାରକୁ ଐତିହାସିକ ବିଜୟ ଭେଟି ଦେଇଛନ୍ତି । ଯାହାକୁ ନେଇ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ଟେଟ୍ରୋହେଡନ କଲେଜ ଅଧ୍ୟକ୍ଷ ତ୍ରିଦେବ ବେହେରା ୮୦ଟି ବୋଲେରୋରେ ୮୦୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା କରି ସାଂସଦ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

## ଜୁଭେନ୍ତିକା ସଚେତନତା ଅଭିଯାନ

**ପୁରୀ,୮।୫/ଏନ୍ଏନ୍ଏସ୍:** ରାଜ୍ୟ ପୋଲିସ ପକ୍ଷରୁ ଚାଲୁଥିବା "ଜୁଭେଣ୍ଟିକା" ସଚେତନତା କାର୍ଯ୍ୟକ୍ରମ ଅନୁସାରେ ସମସ୍ତ ପୋଲିସ ଥାନାରେ ବିଭିନ୍ନ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଥାନା ଅଞ୍ଚଳର ପାଞ୍ଚଟି ଆଙ୍ଗନବାଡ଼ି କେନ୍ଦ୍ରର କିଶୋରୀ ଝିଅମାନଙ୍କୁ ଥାନାକୁ ଆମନ୍ତ୍ରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀମାନେ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କିଶୋରୀ ମାନଙ୍କୁ ସ୍ୱାସ୍ଥ୍ୟ, ଆତ୍ମବିଶ୍ୱାସ, ସାଇବର ସଚେତନତା ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ପରାମର୍ଶ ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ପୋଲିସ ପକ୍ଷରୁ କିଶୋରୀମାନଙ୍କ ସହ ମୁକ୍ତ ଆଲୋଚନା କରାଯାଇ ସେମାନଙ୍କୁ ଜଣାଇ ଦିଆଯାଇଥିଲା ଯେ କୌଣସି ପ୍ରକାର ସମସ୍ୟା, ଅସୁବିଧା କିମ୍ବା ସାଇବର ଅପରାଧର ଶିକାର ହେଲେ ସେମାନେ ନିର୍ଭୟରେ ପୋଲିସଙ୍କ ସହାୟତା ନେଇପାରିବେ । ବହୁ ସମୟରେ ଅଜ୍ଞତା ଓ ଭୟର କାରଣରୁ ଅନେକ ଝିଅ ସାଇବର ଅପରାଧର ଶିକାର ହୋଇ ଅଧିକ ସମସ୍ୟାରେ ପଡୁଥିବାରୁ ସେମାନଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମ ସମୟରେ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା ଏବଂ ସମସ୍ତଙ୍କୁ ସୁରକ୍ଷିତ ରହିବା ପାଇଁ ପ୍ରୟୋଜନୀୟ ପରାମର୍ଶ ଦିଆଯାଇଥିଲା ।

### ଆଜି ଶପଥ ନେଇପାରନ୍ତି ...

ଇସ୍ତଫା ଦେବାକୁ ପଡ଼ିବ । ସୁତରାଂ ଟିଭିକେ ପାଖରେ ୧୦୭ ବିଧାୟକଙ୍କ ସମର୍ଥନ ଥିବା ବେଳେ ଆହୁରି ୧୧ ବିଧାୟକଙ୍କ ଆବଶ୍ୟକତା ରହିଥିଲା । ଏହି ସମୟରେ କଂଗ୍ରେସ ମଧ୍ୟ ନିଜର ୫ ନିର୍ବାଚିତ ବିଧାୟକଙ୍କ ସମର୍ଥନ ଟିଭିକେ ପ୍ରତି ଦେବା ନେଇ ଘୋଷଣା କରିଥିଲା । ଫଳରେ ଟିଭିକେ ପାଖରେ ମୋଟ୍ ସମର୍ଥନ ୧୧୨କୁ ବୃଦ୍ଧି ପାଇଥିବା ବେଳେ ଆହୁରି ୬ ବିଧାୟକଙ୍କ ସମର୍ଥନ ଜରୁରି ଥିଲା । ଏହି ସମୟରେ ସିପିଆଇ, ସିପିଏମ୍ ଏବଂ ଭିସିକେ ଭଳି ଦଳ ମଧ୍ୟ ସେମାନଙ୍କ ସମର୍ଥନ ଦେବାକୁ ଆଗକୁ ଆସିଛନ୍ତି । ଏହି ଦଳଗୁଡ଼ିକର ସମର୍ଥନ ସହ ବିଜୟ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଯୋଗାଡ଼ କରିପାରିଛନ୍ତି । ବିଜୟ ଏହି ୩ ଦଳରୁ ଆବଶ୍ୟକ ୬ ବିଧାୟକଙ୍କ ସମର୍ଥନ ପାଇବା ପରେ ତୁରନ୍ତ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଛନ୍ତି ।

ଅନ୍ୟପକ୍ଷେ ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ମଧ୍ୟରେ ମେଣ୍ଟ ହେବା ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା ତାହାକୁ ଉଭୟ ଦଳ ଆନୁଷ୍ଠାନିକ ଭାବେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଡିଏମ୍‌କେ ମୁଖ୍ୟ ତଥା ବିଦାୟ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏହାରି ମଧ୍ୟରେ ରାଜ୍ୟପାଳଙ୍କୁ ଯଥାଶୀଘ୍ର ସରକାର ଗଠନ କରିବାକୁ ଅନୁରୋଧ କରିଛନ୍ତି ।

## ମା' ଭଗବତୀଙ୍କ ତିନିଦିନିଆ ଭଉଁରୀଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବାଣପୁର,୮।୫/ଏନ୍ଏନ୍ଏସ୍:** ମା' ଭଗବତୀଙ୍କ ଚାପ କ୍ରୀଡ଼ା ଆରମ୍ଭ, ମାଜଣା ପୁଷ୍କରିଣୀରେ ତିନି ଦିନ ଧରି ହେବ ପ୍ରସିଦ୍ଧ ଭଉଁରୀଯାତ୍ରା । ବାଣପୁର-ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଛି ମା' ଭଗବତୀଙ୍କ ପୀଠରେ ଚନ୍ଦନଯାତ୍ରା । ଗ୍ରୀଷ୍ମରପ୍ରଚଣ୍ଡ ରୌଦ୍ରତାପରୁ ଦେବାଦେବୀଙ୍କ ଶ୍ରୀଅଙ୍ଗକୁ ଶୀତଳ ପ୍ରଦାନ ନିମନ୍ତେ ପ୍ରତ୍ୟହ ଦି ପ୍ରହର ଶଙ୍କୁଡ଼ି ଧୂପ ପରେ ଦେବାଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ପାଟବସ୍ତ୍ର ଓଲାଗି କରାଯାଇ ସୂକ୍ଷ୍ମବସ୍ତ୍ର ପତନୀ ପିନ୍ଧାଯାଇ ଘୋରା ଚନ୍ଦନରେ ସୁବାଷିତ ଶ୍ରୀକର୍ପୁର, ଜାଇଫଳ, ଅଗୁରୁ, ଗୋଲାପ ଜଳ ମିଶ୍ରିତ ଲେପ ପ୍ରତିମାଙ୍କ ଦେହରେ ଲେପନ କରାଯାଇ ଶରୀରକୁ ଶୀତଳ ରଖାଯାଏ ଏବଂ ଅପରାହ୍ନ ପର୍ଯ୍ୟନ୍ତ ମଲ୍ଲୀ ଜୁଇ, ଜାଇ, ଚମ୍ପା, ଗୋଲାପ ପରି ସୁବାଷିତ ପୁଷ୍ପ ପରିବେଷ୍ଟିତ ଚନ୍ଦନ କୁଣ୍ଡ ଜଳରେ ପ୍ରତିମାଙ୍କୁ ରଖି ଶୀତଳ ମଣୋହୀ ଆଳତି ପରେ ସଂଧାରେ ରତ୍ନସିଂହାସନରେ ବିଜେ କରାଯାଇ ନିଶଙ୍କୁଡ଼ି ଧୂପ ଆଳତି ବଢ଼ିବା ପରେ ବଡ଼ସିଂହାର ଧୂପ ହୋଇ ପହଡ଼ ପଡ଼େ । ବୈଶାଖ ଶୁକ୍ଳ ତୃତୀୟାଠାରୁ ଆରମ୍ଭ ଚନ୍ଦନ ଯାତ୍ରାର ଶେଷ ତିନିଦିନ ଜ୍ୟେଷ୍ଠ କୃଷ୍ଣଷଷ୍ଠୀ, ସପ୍ତମୀ, ଅଷ୍ଟମୀ ଚଳନ୍ତି ପ୍ରତିମାଙ୍କୁ ସାଂଧ କାଳର ଶୀତଳ ପବନ ସ୍ପର୍ଶ ନିମନ୍ତେ ମାଜଣା ପୁଷ୍କରିଣୀରେ ଜଳକ୍ରୀଡା ଚାପଯାତ୍ରା ପାଇଁ ଚନ୍ଦନଚକଡ଼ା ଠାକୁ ବିଜେ କରାଯାଏ । ଚଳିତବର୍ଷ ମନ୍ଦିର ଦେବୋତ୍ତର କାର୍ଯ୍ୟାଳୟ ସହିତ ପାଟପୁର କୋଟପୁର ଓ ଗୋପାଳପୁର ଶାସନବାସୀଙ୍କ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ସହିତ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ରାମନାଟକ ଆୟୋଜନ କରାଯାଇଥିବା କଥା ମୁଖ୍ୟ ସଂଯୋଜକ ମହେଶ କୁମାର ଦାଶଙ୍କ ଠାରୁ ପ୍ରକାଶ ।

ପ୍ରାର୍ଥନା ହେଉଛି ଆତ୍ମାର ଲାଳସା। ଏହାକୁ ପ୍ରତିଦିନ ଆମ ଦୁର୍ବଳତାର ସ୍ୱୀକାରୋକ୍ତି ବୋଲି କୁହାଯାଇପାରେ। - ଗାନ୍ଧୀ ବାଣୀ



ନିତିଦିନ NITIDIN

## ବହି ପରା ଆମ ମିତ



ପ୍ରଫୁଲ୍ଲ କୁମାର ସାହୁ

ବହି ପରି ବନ୍ଧୁ ନାହିଁଟି ପିଲାଏ
ବହି ପରି ବନ୍ଧୁ ନାହିଁ
ଆଗକୁ ଯିବାକୁ ବାଟ ସେ ଦେଖାଏ
ନୂଆ ନୂଆ ଜ୍ଞାନ ଦେଇ।
ପାଠୁଆ ପିଲାଙ୍କ ସାଥୀ ଅଟେ ବହି
ଛାଇ ପରି ଥାଏ ରହି,
ସାଥୀ ହେଲେ ତା'ର ନ ଆସିବା ପାଠ
ସଭିଙ୍କୁ ଜଣାଏ ସେହି।
ମୂରୁଖ ଅଟଇ ଚକ୍ଷୁହୀନ ପରା
ଚକ୍ଷୁଷ୍ମାନ ଅଟେ ସିଏ,
ବହିଟି ପାଇଲେ ଭଲ ଭାବେ ତାକୁ
ପଢ଼ି ପାରୁଥାଏ ଯିଏ।
ପିଲାଟି ଦିନରୁ ଅକ୍ଷର ଚିହ୍ନାଏ
ଦେଖାଏ କେତେ ଯେ ଛବି,
ବହି ଦେଖି ପିଲା ଶିଖିଥାଏ ସବୁ
ଯାହା ଆଗରୁ ନଥାଏ ଭାବି।
ବହି ପଢ଼ା ଅଟେ ଭଲ ଅଭ୍ୟାସଟି
ରଖିବ ପିଲାଏ ମନେ,
ବଡ଼ ହେବା ପରେ ବହି ପଢ଼ା ପାଠ
କାମରେ ଆସିବ ଦିନେ।
**ଶକ୍ତି ବିହାର, ବାଲିପଡ଼ା, କଟକ- ୦୭**
**ମୋ: ୭୬୦୯୦୪୪୩୮୩**



## ଠେକୁଆ ଭାଇରେ ଠେକୁଆ ଭାଇ



ଦୀନବନ୍ଧୁ କର

ଠେକୁଆ ଭାଇ ଠେକୁଆ ଭାଇ
ରହ ଟିକିଏ ରହ !
କଉତୁକିଆ ତୁହିରେ ସତେ
ତୋ' ପରି କିଏ କହ !
ଘାସରେ ଭରା ଆମ ବଗିଚା
ରହରେ ଘର କରି,
ଖୁସି ମନରେ ଖାଇବୁ ତୁହି
ନଇତି ପେଟ ଭରି।
ତୋହରି ସାଥେ ଖେଳିବି ମୁହିଁ
ହୋଇବା ଦୁହେଁ ମିତ,
ଖୁସି ମନରେ ନାଚିନାଚିକା
ଗାଇବା ମିଠା ଗୀତ।
ଜନମ ଦିନ ପାଳିବି ତୋ'ର
ବାଣ୍ଟିବି କେତେ ମିଠା,
ଖାଇବା ଆମେ ମାଆ କରିବେ
ସରୁ ବକୁଳି ପିଠା।
ସଭିଙ୍କୁ ଆମେ ବୁଝାଇ ଦେବା
ମିଶି ଚଳିବା ଭାଇ
ମିଠା କଥାରେ ସରଗ ସୁଖ
କଳି କରିବା ନାହିଁ।
ତୋ' ପରି ସାଥୀ ଥିଲେ ମୋହର
କାହାକୁ ନାହିଁ ଡର
ଦୀନଦୁଃଖୀଙ୍କ ସେବା କରିବା
ଭୁଲି ଆପଣା ପର।
**ନୀଳା ଦେଇପୁର,**
**ଧର୍ମଶାଳା, ଯାଜପୁର**
**ମୋ: ୯୧୭୮୧୩୫୬୨୮**

## ଆମ ଗର୍ବ, ଆମ ଗୌରବ



**ଜୟନ୍ତ କୁମାର ଓଝା**
**ଜନ୍ମ ତାରିଖ: ୦୩ ଜୁନ୍ ୧୯୮୧**
**ଜନ୍ମସ୍ଥାନ: ଭଅଁରା, ଭୁରୁଙ୍ଗା, ଯାଜପୁର**
**ବର୍ତ୍ତମାନ ଠିକଣା: ଏସ୍.ଏସ୍.ପି.ଏଲ୍, ଡି.ଆର.ଡି.ଓ, ଲକ୍ଷ୍ନୌ ରୋଡ୍, ତିମାରପୁର, ଦିଲ୍ଲୀ-୧୧୦୦୫୪**
**ମୋ: ୯୫୪୦୨୩୬୬୪୬**

ରାଜ୍ୟର ଜଣେ ଆଗଧାଡ଼ିର ଶିଶୁ ସାହିତ୍ୟିକ। ବିଶେଷକରି କବିତା ରଚନା କ୍ଷେତ୍ରରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଛନ୍ତି। ବ୍ୟଙ୍ଗକବିତା ରଚନାରେ ମଧ୍ୟ ତାଙ୍କର ପାରଦର୍ଶିତା ରହିଛି। ତାଙ୍କ ରଚିତ କୁନ୍‌ମୁନ୍‌ର କବିତା ଏବଂ କଅଁଳ ମନର କଥା ପୁସ୍ତକ ବେଶ୍ ଲୋକପ୍ରିୟ। ଓଡ଼ିଶା ଶିଶୁସାହିତ୍ୟ ଲେଖକ ସମ୍ମେଳନ, ରାଜଧାନୀ ପୁସ୍ତକ ମେଳା, ପରଶମଣି ପୁରସ୍କାର, ଝୁମୁକା ସାରସ୍ୱତ ପୁରସ୍କାର ଆଦି ବହୁ ସମ୍ମାନରେ ସମ୍ମାନିତ। ବର୍ତ୍ତମାନ ବରିଷ୍ଠ ଟେକ୍‌ନିକାଲ ଅଫିସର ରୂପେ ଡି.ଆର.ଡି.ଓ ଅଧୀନସ୍ଥ ଏସ୍.ଏସ୍.ପି.ଏଲ୍.ରେ କାର୍ଯ୍ୟରତ।

**ଆମ ପ୍ରଶ୍ନ:** ଶିଶୁସାହିତ୍ୟରେ ଉପଧା ମିଳନ ଜରୁରୀ କି ?

**ଆପଣଙ୍କ ଉତ୍ତର:** ନିଶ୍ଚିତ ଭାବରେ ଜରୁରୀ। ବଡ଼ମାନଙ୍କ ପାଇଁ ଆପଣ ଯାହା ଲେଖିବେ ତାହା ଗ୍ରହଣୀୟ ଏବଂ ସବୁକିଛି ଲେଖିପାରିବେ ସେମିତି କିଛି କଟକଣା ନଥାଏ। କିନ୍ତୁ ପିଲାମାନଙ୍କ ପାଇଁ ଲେଖିଲା ବେଳେ ବହୁତ କିଛି ଦିଗକୁ ଧ୍ୟାନ ଦେବାକୁ ପଡ଼ିଥାଏ। ବହୁ କିଛି କଟକଣା ଥାଏ। ସେ ଦିଗଗୁଡ଼ିକ ହେଲା ଶବ୍ଦ ଚୟନ, ଉପଧା ମିଳନ, ଭାବ ପ୍ରକାଶରେ ସାବଲୀଳତା, ସରଳତା ଇତ୍ୟାଦି। ସେଥିପାଇଁ ଶିଶୁସାହିତ୍ୟ ଲେଖିବା କଷ୍ଟ। ଯଦି ଆମେ ଶିଶୁଟିର ଖାଦ୍ୟକୁ ଉଦାହରଣ ସ୍ୱରୂପ ନେବା ତେବେ ସେ ଖାଦ୍ୟ ନରମ, ତରଳ, ପୌଷ୍ଟିକ ଏବଂ ସ୍ୱାଦଯୁକ୍ତ ହେବା ଆବଶ୍ୟକ। ସ୍ୱାଦଯୁକ୍ତ ନ ହେଲେ ପିଲାଟି ଥୁ ଥୁ କରି କାଢ଼ି ଦେଇଥାଏ। ଯଦି ସ୍ୱାଦଯୁକ୍ତ ହୋଇଥାଏ ତେବେ ସେ ସହଜରେ ଅଧିକ ମଧ୍ୟ ଖାଇ ଦେଇଥାଏ। ସେହି ଭଳି ଶିଶୁ ସାହିତ୍ୟରେ ଉପଧା ମିଳନ ହେଉଛି 'ସ୍ୱାଦ'।

ବୈଜ୍ଞାନିକ ଦୃଷ୍ଟି କୋଣରୁ ଦେଖିଲେ, ଯଦି 'ଶବ୍ଦ' ସମାନ ଉଚ୍ଚାରଣ ହେଉଥାଏ ତାହା ହେଲେ ତାହାର ତରଙ୍ଗ ଗ୍ରାଫ ମଧ୍ୟ ପ୍ରାୟ ଏକା ଭଳି ହୋଇଥାଏ। ଯାହା ଫଳରେ ଆମର ମସ୍ତିଷ୍କକୁ ପରିଚିତ ପରିଚିତ ଲାଗେ। ସେ ଶବ୍ଦକୁ ମନେ ରଖିବା ସହଜ ହୁଏ। ଉପଧା ମିଳନ ହୋଇଥିବା କବିତାଗୁଡ଼ିକୁ ପିଲାମାନେ ବେଶୀ ମନେ ରଖିପାରନ୍ତି। ତାହା ମଧ୍ୟ ଶୁଣିବାକୁ ଭଲ ଲାଗେ। ତେଣୁ ପିଲାମାନେ ସ୍ୱର କରି ପଢ଼ିବାକୁ ଭଲ ପାଆନ୍ତି। ଏହି ପରିପ୍ରେକ୍ଷୀରେ ଉପଧା ମିଳନ ଶିଶୁସାହିତ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତାକୁ ଅଣଦେଖା କରି ହେବନି।

## ହେବୁରେ ଦିନେ ବଡ଼

ପଢ଼ିବା ପାଇଁ କୋଠରୀଟିଏ
ପପୁନି ପାଇଁ ଖାଲି
ଚଢ଼ିବା ପାଇଁ ସାଇକଲଟେ
କିଣା ହୋଇଛି କାଲି।
ଯାହା ଚାହିଁବ ତାହା ଖାଇବ
ଥୁଆ ତା' ପାଇଁ ଘରେ
ଫୋପାଡ଼ି ଦିଏ ଖେଳନା କେତେ
ଖେଳି ସାରିଲେ ଥରେ।
ପିନ୍ଧିବା ପାଇଁ ପୋଷାକ ତା'ର
ଭଳିକି ଭଳି ଥୁଆ
କରିଲେ ଅଳି ଆହୁରି ପୁଣି
କିଣା ହୁଅଇ ନୂଆ।
ତାଙ୍କର ଅଛି ମଟର ଗାଡ଼ି
ତାଙ୍କର ଅଛି ଟିଭି
ବିଜୁଳି ଟିକେ ଆମର ନାହିଁ
ଜଳଇ ସଞ୍ଜେ ଡିବି।
କହଇ ଲକି ମନ ଦୁଃଖରେ
ବୋଉ ମୁହଁକୁ ଚାହିଁ
ତାଙ୍କର ସବୁ ଅଛିଲୋ ବୋଉ
ଆମର କିଛି ନାହିଁ।
ଟିକିଏ ରହି କୋଳେଇ ନେଇ
ଆଉଁସି ଦେଇ ମଥା
କହିଲେ ବୋଉ ଶୁଣରେ ଧନ
କହୁଛି ଯେଉଁ କଥା।
ସଭିଏଁ କ'ଣ ଅଟନ୍ତି ଧନୀ
ଯାହାଙ୍କ ସାଙ୍ଗେ ଖେଳୁ
ଥିଲେ କି ଧନୀ ଶାସ୍ତ୍ରୀଜୀ ଆମ
କହିଲୁ ପିଲା ବେଳୁ ?
ପଇସାଟିଏ ନଥିଲା ପାଖେ
ପାରିହେବାକୁ ଘାଟ
ନଈ ପହଁରି ଯାଇଥିଲେ ସେ
ପଢ଼ିବା ପାଇଁ ପାଠ।
ପିଲାଟି ବେଳୁ ବାପା ନଥିଲେ
ଅଭାବ ଦୁଃଖ ସହି
ପାଠ ପଢ଼ାକୁ କରିଲେ ଆଗ
ମାମୁଙ୍କ ଘରେ ରହି।
ହୋଇଲେ ଦିନେ ପ୍ରଧାନମନ୍ତ୍ରୀ
ଆମ ଦେଶର ସିଏ
ତାଙ୍କଠୁ ବଳି ଅଭାବ ଦୁଃଖ
ସହିଛି କହ କିଏ ?
ଟାଣ କରି ତୋ ମନର ବଳ
ଧନରେ ପାଠ ପଢ଼
ପାଠର ମୂଲ ପାଇବୁ ତୁହି
ହେବୁରେ ଦିନେ ବଡ଼।

## ଅଂଶୁଘାତ ପାଇଁ ସଜାଗ



ରବୀନ୍ଦ୍ର କୁମାର ମହାପାତ୍ର

ମଧୁ ଋତୁ ଗଲା ଆସିଲା ଗ୍ରୀଷମ,
ବଣରେ ପଡ଼ିଲା ଭାଲେଣି,
ହନୁଅଜା ଗୀତ ଡିଙ୍ଗରା ପିଟୁଛି
ସଭାକୁ ଯିବାର କାରେଣୀ।
ବାଘ ମହାରଜା ବାଟେନି ଦେଇଛି
ଜଙ୍ଗଲ ହୋଇଛି ଫରଚା,
ବଣର ପରଜା ସଭାରେ କରିବେ
ଅଂଶୁଘାତ ପାଇଁ ଚରଚା।
ମଣିଷ ଜାତିଟା ଭାରି ସ୍ୱାର୍ଥପର
ଜଙ୍ଗଲକୁ ଦେଲା ଉଜାଡ଼ି
ପଶୁ ପକ୍ଷୀଙ୍କର ଅଂଶୁଘାତ କଷ୍ଟ
ବାଘରଜା ଦେବ ସଜାଡ଼ି।
ବିଲୁଆ ଠେକୁଆ ନେଉଳ ଗୁଣ୍ଡୁଚି
ହରିଣ କୁଟୁରା ହାତୀରେ,
ଆସିଛନ୍ତି ସର୍ବେ ଅଂଶୁଘାତ ସଭା
ଗୋଳମାଳ ପାଟି ଶୁଭେରେ।
ବଣି ଶୁଆ ଶାରୀ କୋଇଲି କୁଆକୁ
ବାଘ ମହାରଜା ଆଦେଶ,
ଫଳ ଖାଇ ମଞ୍ଜି ପକାଅ ବଣରେ
ଗଛ ଉଠି ହେବ ସରସ।
ସିଂହ ମହାବୀର ପଢ଼ି ବିବରଣୀ
ଶୁଣାଏ ସଭା ମଞ୍ଚରେ,
ଖରାରେ ଗାମୁଛା ପାଣି ବୋତଲଟି
ଛତା ଗୋଟିଥିବ ମୁଣ୍ଡରେ।
କଳା ଚଷମା ପିନ୍ଧି ବିଲୁଆ ନନା
କହେ ଅଂଶୁଘାତରୁ ରକ୍ଷା,
ଦହି ପଣା ପାଣି ଛକେ ରଖିବାକୁ
ଗୁଣ୍ଡୁଚି କରଇ ତ ବ୍ୟାଖ୍ୟା।
ବାଘମହାରଜା ଆଇନ କରିଲା
ଅଂଶୁଘାତେ ଭିଡ଼ିବ ପାଗ,
ଆମଠୁ ଶିଖିବ ମଣିଷ ଏଣିକି
ଅଂଶୁଘାତେ ହେବ ସଜାଗ।
**କଲ୍ୟାଣ ବିହାର, ସୁନ୍ଦର ପଦା**
**କୁହା, ଭୁବନେଶ୍ୱର-୦୨**
**ମୋ: ୮୮୯୫୬୭୫୮୮୬୦**



## ଖରା ଫୁଟିଲାଣି



ପ୍ରଫୁଲ୍ଲ ଚନ୍ଦ୍ର ବାରିକ

ଖରା ଦିନ ହେଇ ଆସିଲା
ଗଛରୁ ପତର ଖସିଲା
ବାଡ଼ି ବଗିଚାରେ ଫୁଲେଇ ମଲ୍ଲୀଟା
ମହ ମହ ହେଇ ବାସିଲା।
ପଳାଶ, ଶିମିଳି ଫୁଟିଲେ
ଅଶୋକ, ତରାଟ ଜୁଟିଲେ
ନାଲିଆ ରଙ୍ଗର କୃଷ୍ଣଚୂଡ଼ା ଗଭା
ଦେଖି ପଥଚାରୀ ଝୁଣ୍ଟିଲେ।
ଖରା ବଢ଼ିପାରେ ଆଗକୁ
ଜାଗିବା ଗରମ ପାଗକୁ
ସାବଧାନ ହେଇ ଚଳିବା ସଭିଏଁ
ଏଡ଼ାଇ ଉତ୍ତାପ ବାଗକୁ।
**ବେଦବ୍ୟାସ, ରାଉରକେଲା-୪**
**ମୋ: ୯୦୯୦୩୩୦୮୫୯**

### ଗପ



ଦେବେନ୍ଦ୍ର କର

## ଛୋଟ ଉଦ୍ୟମରୁ ବଡ଼ ପରିବର୍ତ୍ତନ

ଗଲା ତିନି ଦିନ ହେବ ଆହାନା ବାପାଙ୍କ ପାଖରେ ଅଳି କରିଛି ପୁସ୍ତକ ମେଳା ବୁଲି ଯିବା ପାଇଁ। ଗପ ବହିରେ ତା'ର ଭାରି ମନ। ନୂଆନୂଆ ଗପ ବହି ପଢ଼ିବା ଆଉ ସାଙ୍ଗସାଥୀଙ୍କୁ ଗପ କହିବା ତାର ଗୋଟେ ସଉକ। ସେଦିନ ଶନିବାର ସକାଳୁ ବାପା କହିଲେ ଆଜି ମୁଁ ବେଳାବେଳି ଅଫିସ୍‌ରୁ ଆସିଲେ ମେଳା ଦେଖିବାକୁ ଯିବା। ଏ କଥା ଶୁଣିଲା ପରେ ତା' ମନ ଆଉ କୋଉ ବା ଥୟ ଧରୁଛି। ଯଥା ସମୟରେ ବାପା ଆସି ଘରେ ପହଞ୍ଚିଲେ। ଆହାନା ସ୍କୁଲ୍ ଆଉ ଟ୍ୟୁସନ ପାଠ ବି ସାରି ଦେଇଥାଏ। ସଞ୍ଜ ନଇଁଲା ବେଳକୁ ଆହାନା ବାପାଙ୍କ ସହିତ ବାହାରି ପଡ଼ିଲା ମେଳାକୁ। ଧାଡ଼ିକି ଧାଡ଼ି ଲମ୍ବି ଥାଏ ବହିଷ୍ଟଲ୍। ରିହାତି ମୂଲ୍ୟରେ ବହି ମିଳୁଥିବାରୁ ଲୋକଙ୍କର ଗହଳି ଲାଗିଥାଏ ଷ୍ଟଲ୍ ମାନଙ୍କରେ, ଆଉ ଗୋଟେ ଜାଗାରେ କୁଇଜ୍ ପ୍ରତିଯୋଗିତା ଚାଲିଥାଏ। ଆହାନା କହିଲା ବାପା ମୁଁ ଚାରି ଖଣ୍ଡ ଗପବହି ନେବି ନେବି ଆଉ ଗୋଟେ ରଚନା ବହି ନେବି। ବାପା କହିଲେ ଚାଲ ଆଉ ଡେରି ନକରି ଆମେ ବହି କିଣିବା। ଆହାନା ତା ମନପସନ୍ଦ ବହି ବାଛିଲା। ବାପା ବି ଗୋଟେ ପୁରାଣ ବହି କିଣିଲେ।



ଷ୍ଟଲ ଶେଷ ମୁଣ୍ଡରେ କେତେ ଗୁଡ଼ିଏ ଖାଇବା ଷ୍ଟଲ ଲାଗିଥିଲା। ବାପା କହିଲେ ଆହାନା ତୁ ଏଠି କଣ ଖାଇବୁ ? ଆହାନା କହିଲା ନାହଁ ବାପା ମୁଁ କିଛି ଖାଇବି ନାହିଁ। ବୁଲିବାଲି ମତେ ଥକା ଲାଗିଲାଣି, ଚାଲ ଆମେ ଫେରିଯିବା। ଏଇ ସମୟରେ ଆହାନା ଦେଖିଲା ଗୋଟେ ଖାଇବା ଷ୍ଟଲ ଆଗରେ ପୁଳେ ଟିସୁ ପେପର୍ ଗଦା ହୋଇଥାଏ। ଖାଦ୍ୟ ଉଦେଶ୍ୟରେ ବୁଲା କୁକୁର ସେସବୁ ଖେଳେଉ ଥାଆନ୍ତି। ଆହାନା ସଙ୍ଗେ ସଙ୍ଗେ ଦୌଡ଼ି ଯାଇ ଷ୍ଟଲ ମାଲିକଙ୍କୁ କହିଲା ଅଙ୍କଲ ସମସ୍ତଙ୍କୁ ଟିସୁ ପେପର୍ ନଦେଇ ହାତ ଧୋଇବାକୁ ପାଣି ଦିଅନ୍ତୁ। ଟିସୁ ପେପର୍ ଅଧିକ ବ୍ୟବହାର କରି ଆମେ ପରୋକ୍ଷରେ ଗଛକଟାକୁ ପ୍ରୋତ୍ସାହନ ଦେଉଛେ। ଆମେ ଏହାର ବ୍ୟବହାର ଯେତେ କମ କରିବା ଉତ୍ପାଦନ କମ୍ ହେବ ଆଉ ଗଛ କଟା କମି ଯିବ। ପରିବେଶ ପାଇଁ ଗୋଟେ ଗଛର ମୂଲ୍ୟ ଖୁବ୍ ବେଶୀ। ଆମର ଏହା ଛୋଟ ପ୍ରୟାସ ହେଇଥାଇପାରେ, କିନ୍ତୁ ପ୍ରଭାବ ନିଶ୍ଚିତ ପଡ଼ିବ।

ଷ୍ଟଲ୍ ମାଲିକ କହିଲେ ଝିଅ ତୁମେ ଏକଦମ୍ ଠିକ୍ କହିଲ। ଆମେ ସେଥିପ୍ରତି ଆଦୌ ଧ୍ୟାନ ଦେଇନଥିଲୁ। ଗ୍ରାହକଙ୍କୁ ଏବେ ଠାରୁ ଆଉ ଟିସୁ ପେପର ଦିଆଯିବ ନାହିଁ। ବାପା ହସହସ ମୁହଁରେ କହିଲେ ସତରେ ମା ଛୋଟ ପ୍ରୟାସରୁ ବଡ଼ ପରିବର୍ତ୍ତନ ସମ୍ଭବ। ସେଠାରେ ଉପସ୍ଥିତ ଆଉ କିଛି ଲୋକ ତାଳିମାରି ଆହାନାର ବହୁତ୍ ପ୍ରଶଂସା କଲେ। କେହି କହୁଥିଲେ ଗୁଡ଼ ଗାର୍ଲ ତ କେହି କହିଥିଲେ ସାବାସ୍ ବେଟା।
**ମଙ୍ଗଳାବାଗ, କଟକ-୧**
**ଫୋନ-୯୯୩୭୯୬୩୯୧୦**

## ରେକର୍ଡ଼ ବସଷ୍ଟାଣ୍ଡ



ଭାରତର ସବୁଠୁ ଉଚ୍ଚରେ ଥିବା ବସଷ୍ଟାଣ୍ଡ ରହିଛି ଲଦାଖର ଲେହ'ରେ। ସମୁଦ୍ର ପତନଠାରୁ ଏହାର ଉଚ୍ଚତା ପ୍ରାୟ ୩୫୦୦ ମିଟର (୧୧,୫୦୦ ଫୁଟ)। ଏଠାରୁ ନୁବ୍ରା ଉପତ୍ୟକା ଓ ପାନ୍‌ଗଙ୍ଗ ହ୍ରଦ ଆଦି ଅଞ୍ଚଳକୁ ବସ ଚଳାଚଳ କରିଥାଏ। ଏହା ଛଡ଼ା ହିମାଚଳ ପ୍ରଦେଶର ମନାଲି ଓ କିଲଙ୍ଗ୍ ବସଷ୍ଟାଣ୍ଡ ଦେଇ ଦିଲ୍ଲୀରୁ ସେଠାକୁ ମଧ୍ୟ ବସ ଚଳାଚଳ କରିଥାଏ। ତେବେ ସବୁ ସମୟରେ ସେଠାକୁ ବସ୍ ଚଳାଚଳ କରେ ନାହିଁ। ଏହି ରୁଟ କେବଳ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟ ଭାଗ ପର୍ଯ୍ୟନ୍ତ ଖୋଲା ରହିଥାଏ। ଦେଶର ଦ୍ୱିତୀୟ ଉଚ୍ଚତମ ବସଷ୍ଟାଣ୍ଡ ରହିଛି କିଲଙ୍ଗ୍‌ରେ। ସମୁଦ୍ର ପତନଠାରୁ ଏହାର ଉଚ୍ଚତା ୩୩୫୦ ମିଟର (୧୧,୦୦୦ ଫୁଟ)। ଏହା ମାନାଲି-ଲେହ ରାଜପଥ ମଧ୍ୟରେ ରହିଛି ଏବଂ ଏହା ମନାଲିଠାରୁ ୧୧୬ କିଲୋମିଟର ଦୂର।

## ମିଛ ଲାଗିଲେ ବି ସତ | କୁକୁର ଧ୍ୱଂସ କାରୁଥିଲା ଟ୍ୟାଙ୍କ



କୁକୁରଟିଏ କ'ଣ ଟ୍ୟାଙ୍କକୁ ଧ୍ୱଂସ କରିଦେଇପାରିବ ! ଏହା ମିଛ ଲାଗୁଥିଲେ ବି ସତ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଋଷିଆ ଏଭଳି କୌଶଳରେ ଶତ୍ରୁ ପକ୍ଷର ଟ୍ୟାଙ୍କ ଧ୍ୱଂସ କରୁଥିଲା। କୁକୁରଙ୍କ ଦେହରେ ବୋମା ବାନ୍ଧି ସେମାନଙ୍କୁ ଟ୍ୟାଙ୍କ ନିକଟକୁ ପଠାଇ ଦିଆଯାଉଥିଲା। ସେମାନେ ସେଠାରେ ପହଞ୍ଚି ଟ୍ୟାଙ୍କଗୁଡ଼ିକୁ ଉଡ଼ାଇ ଦେଉଥିଲେ। ଅନ୍ୟ ପକ୍ଷରେ କୁକୁରମାନଙ୍କୁ ଏଭଳି ତାଲିମ ପ୍ରଦାନ କରିବା ଲାଗି ଋଷ ସେନା ମଧ୍ୟ ସେମାନଙ୍କ ମାଧ୍ୟମରେ ନିଜର କେତେକ ଟ୍ୟାଙ୍କକୁ ଧ୍ୱଂସ କରିଦେଇଥିଲା।

## ଜଙ୍ଗଲ ରହିଲେ ଜଗତ ବଞ୍ଚିବ



ରମେଶ ଚନ୍ଦ୍ର ନାୟକ

ହୃଦେ ଧରି ନିଆଁ କାନ୍ଦୁଛି ଜଙ୍ଗଲ
ମୋତେ ଜାଳ ନାହିଁ ବୋଲି କହୁଛି,
ମୁଣ୍ଡ ପାତି କରି ନେହୁରା ହୋଇକି
କାଟ ନାହିଁ ଆଉ ହାତ ଯୋଡ଼ୁଛି।
ଦିଅ ନାହିଁ କଷ୍ଟ କୋଳରେ ଆଶ୍ରିତ
ପଶୁ ପକ୍ଷୀ କୀଟ ଅଛନ୍ତି ଯେତେ,
ବଣ ଗଲେ ଜଳି ଦୁନିଆ ଉଜୁଡ଼ି
ଯିବ ଭାବ ଥରେ ବିଚାରି ଚିତ୍ତେ।
ସ୍ୱାର୍ଥପର ହୁଅ ନାହିଁ ହେ ମାନବ
କର ନାହିଁ କ୍ଷତି ନିଜେ ନିଜର,
ପ୍ରକୃତି କୋଳରେ ଭରେ ସବୁଜିମା
ପରିବେଶ ରଖେ ସଫା ସୁତର।
ଛୁଟି ଆସିଥାନ୍ତି କେତେ ପର୍ଯ୍ୟଟକ
ରୂପ ସୌନ୍ଦର୍ଯ୍ୟ ମୋ ଦେଖିବା ପାଇଁ,
ଝରଣା ପାହାଡ଼ ପଶୁ ପକ୍ଷୀ ରଡ଼ି
ଯିଏ ଶୁଣେ ମନ ଲାଗି ରହଇ।
ଜୀବନ ଜୀବିକା ରହିଥିବ ଚାଲି
ପ୍ରଶ୍ୱାସରେ ନେବ ବିଶୁଦ୍ଧ ବାୟୁ,
ଜଙ୍ଗଲ ରହିଲେ ଜଗତ ବଞ୍ଚିବ
ବଢ଼ି ଯିବ ପରା ସଭିଙ୍କ ଆୟୁ।
ଜୀବ ସୁରକ୍ଷିତ ପରିବେଶ ସୁସ୍ଥ
ରଖିବା ପାଇଁକି କର ପ୍ରୟାସ,
ନିଆଁ ନ ଲଗାଇ ଗଛ ଲଗାଇଲେ
ସଭିଏଁ ସୁଖରେ କରିବେ ବାସ।
**କେଶରପୁର, ବକ୍ସି ବଜାର, କଟକ**
**ମୋ: ୭୯୭୮୧୫୧୭୧୦**



### ତୁମ ପାଇଁ ବହି





**ଆମ କୁନାକୁନି**
**ସଂପାଦକ: ବିଭୁତି ଭୂଷଣ ସ୍ୱାଇଁ**
**ଠିକଣା: ମଝିକା, କଲମଛୁଇଁ, ଜି. ଅନୁଗୋଳ**
**ମୂଲ୍ୟ: ୩୦ ଟଙ୍କା**

ନିକଟରେ ପ୍ରକାଶ ପାଇଛି ଏହି ତ୍ରୈମାସିକ ଶିଶୁ ପତ୍ରିକାର ଏପ୍ରିଲ-ଜୁନ ସଂଖ୍ୟା। ପତ୍ରିକାଟିରେ ଶିଶୁମାନଙ୍କ ଉପଯୋଗୀ ଅନେକ ମନୋରଞ୍ଜନ ଧର୍ମୀ ଓ ଶିକ୍ଷଣୀୟ ଲେଖା ସ୍ଥାନ ପାଇଛି। ଏହା ଛଡ଼ା ପ୍ରାର୍ଥକ୍ୟ ଚିହ୍ନଟ କର, ଆସ ରଙ୍ଗ କରିବା, ବିନ୍ଦୁ ଯୋଡ଼, ପୁସ୍ତକ ସମୀକ୍ଷା, ତୁମେ ଜାଣିଛକି, ବିଜ୍ଞାନ କଥା ଆଦି ବିଭାଗ ପତ୍ରିକାଟିର ଗୁରୁତ୍ୱକୁ ଯଥେଷ୍ଟ ବଢ଼ାଇଦେଇଛି। ପତ୍ରିକାଟି ପ୍ରତି ପିଲାମାନେ ନିଶ୍ଚୟ ଆକର୍ଷିତ ହେବେ।

### କୁନାକୁନିଙ୍କ ଚିତ୍ର





ଆଦ୍ୟାଂଶ ମହାରଣା,
ବିଦ୍ୟା ବାଲଭବନ ପବ୍ଲିକ୍ ସ୍କୁଲ୍
ଅଶୋକ ନଗର,
ନୂଆଦିଲ୍ଲୀ



ନାରାୟଣ ସାଇକ୍ରିଷ୍ଣ ପ୍ରଧାନ,
କ୍ଲାସ୍-୪,
ଡି.ଏ.ଭି ପବ୍ଲିକ ସ୍କୁଲ, ନିମାପଡ଼ା,
ପୁରୀ



**'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ**

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com



**ଆଜିର ମ୍ୟାଚ୍**

ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଜାଏଣ୍ଟ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଜୟପୁର

ନିତିଦିନ NITIDIN

# ହାରି ବି ଇତିହାସ ରଚିଲା ଆର୍‌ସିବି

## ଚେନ୍ନାଇ ସୁପର୍ କିଙ୍ଗସର ବଡ଼ ରେକର୍ଡ ଭଙ୍ଗ

**ଲକ୍ଷ୍ନୌ,୮ା୫/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଗୁରୁବାର ଖେଳାଯାଇଥିବା ଚଳିତ ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଠାରୁ ୯ ରନ୍‌ରେ ପରାଜିତ ହୋଇଛି। ବର୍ଷା ପ୍ରଭାବିତ ଏହି ମ୍ୟାଚ୍‌ରେ ଲକ୍ଷ୍ନୌ ପ୍ରଥମେ ୧୯ ଓଭର୍‌ରେ ୨୦୯ ରନ୍ କରିଥିଲା। ତେବେ ଡକ୍‌ୱର୍ଥ ଲୁଇସ୍ ନିୟମ ଅନୁସାରେ ଆର୍‌ସିବିକୁ ବିଜୟ ପାଇଁ ୨୧୩ ରନ୍‌ର ଲକ୍ଷ୍ୟ ମିଳିଥିଲା। କିନ୍ତୁ ଟିମ୍ ବିଜୟଠାରୁ ୧୦ ରନ୍ ଦୂରରେ ରହିଯାଇଥିଲା। ତେବେ ପରାଜୟ ସତ୍ତ୍ୱେ ଟିମ୍ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)ର ଏକ ବଡ଼ ରେକର୍ଡ ଭଙ୍ଗ କରିଛି। ଆର୍‌ସିବି ଆଇପିଏଲ୍ ଇତିହାସରେ ସର୍ବାଧିକ ୨୦୦+ ରନ୍ କରିବାରେ ପ୍ରଥମ ଟିମ୍ ହୋଇଛି। ବେଙ୍ଗାଲୁରୁ ୪୦ତମ ଥର ୨୦୦ କିମ୍ବା ଏହାଠାରୁ ଅଧିକ ରନ୍ କରିଛି। ଅନ୍ୟପକ୍ଷରେ ସିଏସ୍‌କେ ନାମରେ ୩୯ ଥର ୨୦୦+ ରନ୍ ରହିଛି। ଏହି ମାମଲାରେ ପଞ୍ଜାବ କିଙ୍ଗ୍‌ସ (୩୮ ଥର) ତୃତୀୟ ସ୍ଥାନରେ ରହିଛି।

ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ମିଚେଲ୍ ମାର୍ଶଙ୍କୁ ବିସ୍ଫୋରକ ଇନିଂସ୍ ବଳରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୩ ୱିକେଟ୍ ହରାଇ ୨୦୯ ରନ୍ କରିଥିଲା। ମିର୍ଶ ୪୯ ବଲ୍‌ରେ ଶତକ ପୂରଣ କରିଥିବା ବେଳେ ମୋଟ ୧୧୧ ରନ୍ କରିଥିଲେ। ଲକ୍ଷ୍ୟର ପିଛା କରୁଥିବା ଆର୍‌ସିବିର ଆରମ୍ଭ ଭଲ ନଥିଲା। ପ୍ରଥମ ଓଭର୍‌ରେ ଜ୍ୟାକବ୍ ବେଥେଲ୍ (୪ ରନ୍)ଙ୍କୁ ମହମ୍ମଦ ସିରାଜ୍ ଆଉଟ୍ କରିଥିଲେ। ପରବର୍ତ୍ତୀ ଓଭର୍‌ରେ ବିରାଟ କୋହଲି (୦)ଙ୍କୁ ପ୍ରିନ୍ସ ଯାଦବ ବୋଲ୍ଡ କରିଥିଲେ।



ଏହାପରେ ଦେବଦତ୍ତ ପାଡିକ୍କଲ୍ (୩୪) ଓ କ୍ୟାପ୍‌ଟେନ୍ ରଜତ ପାଟିଦାର(୬୧) ତୃତୀୟ ୱିକେଟ୍ ପାଇଁ ୯୫ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ମାତ୍ର ଏହାପରେ ଜିତେଶ ଶର୍ମା ମାତ୍ର ୧ ରନ୍‌ର କରି ଆଉଟ୍ ହେବା ଫଳରେ ଟିମ୍ ଉପରେ ଚାପ ସୃଷ୍ଟି ହୋଇଥିଲା। ଅବଶ୍ୟ ଏହାପରେ ଇମ୍ପାକ୍ଟ ପ୍ଲେୟାର୍ ଟିମ୍ ଡେଭିଡ୍ (୪୦), କ୍ରୁଣାଳ ପାଣ୍ଡ୍ୟା (୨୮) ଏବଂ ରୋମାରିଓ ଶେଫର୍ଡ (୨୩) ଉନ୍ନତ ବ୍ୟାଟିଂ କରିଥିଲେ ମଧ୍ୟ ଟିମ୍‌କୁ ବିଜୟୀ କରାଇପାରି ନଥିଲେ। ଅନ୍ତିମ ଓଭର୍‌ରେ ବିଜୟ ପାଇଁ ୨୦ ରନ୍‌ର ଆବଶ୍ୟକତା ଥିବାବେଳେ ଦିଗ୍‌ବେଶ ସିଂହ ରାଠି ମାତ୍ର ୧୦ ରନ୍ ଦେଇଥିଲେ ଏବଂ ଲକ୍ଷ୍ନୌ ଏହି ମ୍ୟାଚ୍ ୯ ରନ୍‌ରେ ଜିତିନେଇଥିଲା।

# କୋଲ୍‌କାତାର ଲଗାତାର ୪ର୍ଥ ବିଜୟ

**ନୂଆଦିଲ୍ଲୀ,୮ା୫/ଏଜେନ୍ସି:** ଦିଲ୍ଲୀ କ୍ୟାପିଟାଲ୍ସକୁ ଶୁକ୍ରବାର ୮ ୱିକେଟ୍‌ରେ ହରାଇ କୋଲ୍‌କାତା ନାଇଟ୍ ରାଇଡର୍ସ ଚଳିତ ଆଇପିଏଲ୍ ସିଜନ୍‌ରେ ଲଗାତାର ଚତୁର୍ଥ ବିଜୟ ହାସଲ କରିଛି। ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ଦିଲ୍ଲୀ କ୍ୟାପିଟାଲ୍ସ ୮ ୱିକେଟ୍ ହରାଇ ୧୪୨ ରନ୍ କରିଥିଲା। ଜବାବରେ କୋଲ୍‌କାତା ୧୪.୨ ଓଭର୍‌ରେ ମାତ୍ର

### ୮ ୱିକେଟ୍‌ରେ ହାରିଲା ଦିଲ୍ଲୀ କ୍ୟାପିଟାଲ୍ସ

### ଫିନ୍ ଆଲେନ୍‌ଙ୍କ ବିସ୍ଫୋରକ ଶତକ

୨ଟି ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

ଲକ୍ଷ୍ୟର ପିଛା କରୁଥିବା କୋଲ୍‌କାତାର ଆରମ୍ଭ ବହୁ ଖରାପ ଥିଲା। ୩୨ ରନ୍‌ରେ ଟିମ୍ ଦୁଇଟି ୱିକେଟ୍ ହରାଇଥିଲା। କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ୧୩ ରନ୍‌ରେ ରନ୍‌ଆଉଟ୍ ହୋଇଥିବା ବେଳେ ଅଙ୍ଗକ୍ରିଷ ରଘୁବଂଶୀ(୧)ଙ୍କୁ ପ୍ରତିପକ୍ଷ କ୍ୟାପ୍‌ଟେନ୍ ଅକ୍ଷର ପଟେଲ୍ ବୋଲ୍ଡ କରିଥିଲେ। ଏହାପରେ ଇମ୍ପାକ୍ଟ ଖେଳାଳି ଫିନ୍ ଆଲେନ୍ ଓ କାମେରନ୍ ଗ୍ରୀନ୍ ଅବିଭାଜିତ



ତୃତୀୟ ୱିକେଟ୍ ପାଇଁ ୧୧୬ ରନ୍‌ର ପାର୍ଟନରଶିପ୍ କରି କୋଲ୍‌କାତା ସହଜ ବିଜୟ ଦେଇଥିଲେ। ଆଲେନ୍ ମାତ୍ର ୪୭ ବଲ୍‌ରେ ୧୦ ଛକା ଓ ୫ ଚୌକା ସହାୟତାରେ ୧୦୦ ରନ୍ ଏବଂ ଗ୍ରୀନ୍ ୩୩ ରନ୍ କରି ଅପରାଜିତ ରହିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ପଥୁମ ନିସଙ୍କା ଓ କେଏଲ୍ ରାହୁଲ ୪୯ ରନ୍‌ର ପାର୍ଟନରଶିପ୍ କରି ଭଲ ଆରମ୍ଭ ଦେଇଥିଲେ। ରାହୁଲ ୨୩ ରନ୍ କରି ଆଉଟ୍ ହୋଇଥିଲେ। ପଥୁମ ନିସଙ୍କା ୨୯ ବଲ୍‌ରେ ୫୦ ରନ୍ କରି ଆଉଟ୍ ହେବା ପରେ ଟିମ୍‌ର ୱିକେଟ୍ ପତନ ଆରମ୍ଭ ହୋଇଥିଲା। ଏକଦା ୧ ୱିକେଟ୍‌ରେ ୭୪ ରନ୍ କରିଥିବା ଦିଲ୍ଲୀ ସ୍କୋର୍ ଅନାଚକ ୮୯/୫ ହୋଇଥିଲା। ଏହାପରେ ଆଶୁତୋଷ ଶର୍ମା ଓ କ୍ୟାପ୍‌ଟେନ୍ ଅକ୍ଷର ପଟେଲ୍ ୩୯ ରନ୍‌ର ପାର୍ଟନରଶିପ୍ କରି ଦିଲ୍ଲୀକୁ ଏକ ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇଥିଲେ। ଅକ୍ଷର ୧୧ ରନ୍ କରିଥିବା ବେଳେ ଆଶୁତୋଷ ୩ଟି ଲେଖାଏଁ ଛକା ଓ ଚୌକା ବଳରେ ୨୮ ବଲ୍‌ର ୩୯ ରନ୍ କରି ଶେଷ ଓଭର୍‌ରେ ଆଉଟ୍ ହୋଇଥିଲେ। କୋଲ୍‌କାତା ପକ୍ଷରୁ ଅନୁକୁଳ ରାୟ ଏବଂ କାର୍ତ୍ତିକ ତ୍ୟାଗୀ ୨-୨ ୱିକେଟ୍ ନେଇଥିବା ବେଳେ ବୈଭବ ଆରୋରା, ସୁନିଲ୍ ନରେନ୍ ଏବଂ କାମେରନ୍ ଗ୍ରୀନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

## ଭିଭିଏସ୍ ଲକ୍ଷ୍ମଣଙ୍କ ବାରବାଟୀ ଷ୍ଟାଡିୟମ୍ ପରିଦର୍ଶନ



**କଟକ,୮ା୫/ଏନ୍‌ଏନ୍‌ଏସ୍:** ପୂର୍ବତନ କ୍ରିକେଟର୍ ତଥା ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ (ସିଓଇ)ର କ୍ରିକେଟ୍ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଶୁକ୍ରବାର ବାରବାଟୀ ଷ୍ଟାଡିୟମ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଲକ୍ଷ୍ମଣ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ତତ୍ତ୍ୱାବଧାନରେ ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ସିନିୟର୍ ନର୍ଥ-ଇଷ୍ଟ ମହିଳା କ୍ୟାମ୍ପର ତଦାରଖ କରିଛନ୍ତି। ଏହି ଗସ୍ତ ଅବସରରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ପଙ୍କଜ ଲୋଚନା ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ଲକ୍ଷ୍ମଣଙ୍କୁ ସମ୍ମାନିତ କରିବା ସହିତ ଓଡ଼ିଶା ସମେତ ସାରା ଦେଶରେ କ୍ରିକେଟ୍‌ର ବିକାଶ ଏବଂ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଖେଳାଳି ବିକାଶ ପଥ ଏବଂ ଆଗାମୀ ବର୍ଷର କାର୍ଯ୍ୟକ୍ଷମ ଯୋଜନା ସମେତ ଓସିଏ ଏକାଡେମୀର କାର୍ଯ୍ୟକାରିତା ଏବଂ ଦୀର୍ଘକାଳୀନ ଭିଜନ୍ ସମ୍ପର୍କରେ ମଧ୍ୟ ତାଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇଥିଲା।

### ଏଏଫ୍‌ସି ଅଣ୍ଡର୍-୧୭ ମହିଳା ଏସିଆନ୍ କପ୍

# ପ୍ରଥମ ଥର କ୍ୱାର୍ଟର୍ ଫାଇନାଲ୍‌ରେ ଭାରତ

**ନୂଆଦିଲ୍ଲୀ,୮ା୫/ଏଜେନ୍ସି:** ଭାରତୀୟ ଅଣ୍ଡର-୧୭ ମହିଳା ଫୁଟ୍‌ବଲ୍ ଟିମ୍ ଶୁକ୍ରବାର ଇତିହାସ ରଚିବା ସହିତ ଏଏଫ୍‌ସି ଅଣ୍ଡର-୧୭ ମହିଳା ଏସିଆନ୍ କପ୍ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରଥମ ଥର ସ୍ଥାନ ପକ୍କା କରିଛି। ଭାରତୀୟ ଟିମ୍ ନିଜର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଲେବାନନ୍‌କୁ ୪-୦ରେ ଶୋଚନୀୟ ଭାବେ ହରାଇ ଦେଇଛି।

ଭାରତ ପାଇଁ ପ୍ରୀତିକା ବର୍ମନ୍ ଚମତ୍କାର ପ୍ରଦର୍ଶନ କରି ସପ୍ତମ ଏବଂ ୮୫ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିଲେ। ତାଙ୍କ ବ୍ୟତୀତ ଅଲ୍‌ଭା ଦେବୀ ସେୟାମ୍ ୩୬ତମ ଏବଂ ଜୋୟା ୭୨ତମ ମିନିଟ୍‌ରେ ଗୋଲ୍ ଦେଇ ଭାରତର ବିଜୟ ସୁନିଶ୍ଚିତ କରିଥିଲେ। ଏହି ମ୍ୟାଚ୍ ସୁଝୋଓ ତାଇହୁ ଫୁଟ୍‌ବଲ୍ ସ୍ପୋର୍ଟ୍ସ ସେଣ୍ଟର୍‌ରେ ଖେଳାଯାଇଥିଲା। ଗ୍ରୁପ୍-ସି'ର ଏକ ମ୍ୟାଚ୍ ଫିଲିପାଇନ୍ସ ଓ ଚୀନା ତାଇପେଇ ଟିମ୍ ବଡ଼ ଅନ୍ତରରେ ଜରୁରୀ ବିଜୟ ହାସଲ କରିନପାରିବାରୁ ଭାରତର କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିବା ପକ୍କା ହୋଇଥିଲା। ଫିଲିପାଇନ୍ସକୁ ୧୨ ଗୋଲ୍ ଏବଂ ତାଇପେଇକୁ ୧୩ ଗୋଲ୍ ଅନ୍ତରରେ ମ୍ୟାଚ୍ ଜିତିବାର ଥିଲା, ଯାହା ସମ୍ଭବ ହୋଇନାହିଁ। ଏହି ଚମତ୍କାର



ବିଜୟ ସହିତ ଭାରତ ଟୁର୍ଣ୍ଣାମେଣ୍ଟର ଦୁଇ ସର୍ବଶ୍ରେଷ୍ଠ ୩ୟ ସ୍ଥାନର ଟିମ୍‌ରେ ସାମିଲ ହୋଇ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଛି। ଖାସ୍ ବିଷୟ ହେଉଛି ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ୨୦୦୫ ପରେ ପ୍ରଥମ ଥର କୌଣସି ମ୍ୟାଚ୍ ଜିତିବାରେ ସଫଳ ହୋଇଛି।

ମ୍ୟାଚ୍‌ରେ ଭାରତ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ସପ୍ତମ ମିନିଟ୍‌ରେ ଦିବ୍ୟାନୀ ଲିଣ୍ଡାଙ୍କ ଏକ ଲମ୍ବା ପାସ୍‌ରେ ପ୍ରୀତିକା ବର୍ମନ୍ ନିୟନ୍ତ୍ରଣ ହାସଲ ସହ ଉନ୍ନତ ଲେଫ୍ଟ ଫୁଟ୍ ଶଟ୍ ଜରିଆରେ ଭାରତକୁ ଆଗୁଆ କରିଥିଲେ। ଏହାପରେ ୩୬ତମ ମିନିଟ୍‌ରେ ରେଡିମା ଦେବୀ ଚିଙ୍ଗଖାମାୟୁମ୍‌ଙ୍କ ପାସ୍‌ରେ ଅଲ୍‌ଭା ଦେବୀ ସେୟ୍‌ଜାମ୍ ଚମତ୍କାର ଗୋଲ୍ ଦେଇ ଭାରତର ଅଗ୍ରଣୀ ୨-୦ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଭାରତର ଦବ୍‌ଦବା ବଜାୟ ରହିଥିଲା। ୭୨ତମ ମିନିଟ୍‌ରେ ବଦଳ ଖେଳାଳି ଜୋୟା ଚମତ୍କାର ବ୍ୟକ୍ତିଗତ ଉଦ୍ୟମରେ ଦୁଇଜଣ ଡିଫେଣ୍ଡରଙ୍କୁ ପ୍ରତିହତ କରି ଚମତ୍କାର ଗୋଲ୍ ଦେଇଥିଲେ। ଶେଷରେ ୮୫ତମ ମିନିଟ୍‌ରେ ପ୍ରୀତିକା ନିଜର ଦ୍ୱିତୀୟ ଗୋଲ୍ କରି ୪-୦ରେ ଭାରତର ଐତିହାସିକ ବିଜୟ ଉପରେ ମୋହର ଲଗାଇଥିଲେ। ଏବେ ଭାରତର ନଜର ସେମିଫାଇନାଲ୍ ପହଞ୍ଚିବା ଉପରେ ରହିବ। ଯଦି ଭାରତୀୟ ଟିମ୍ ଅନ୍ତିମ ଚାରିରେ ସ୍ଥାନ ହାସଲ କରେ, ତେବେ ଟିମ୍‌କୁ ୨୦୨୬ ଫିଫା ଅଣ୍ଡର-୧୭ ମହିଳା ବିଶ୍ୱକପ୍ ଟିକେଟ୍ ମିଳିଯିବ। କ୍ୱାର୍ଟର୍ ଫାଇନାଲ୍‌ରେ ଭାରତ ମେ' ୧୧ ତାରିଖରେ ଚୀନ୍‌କୁ ଭେଟିବ।

### କେଏଲ୍ ରାହୁଲଙ୍କ କୀର୍ତ୍ତିମାନ

# ତିନି ଭିନ୍ନ ଫ୍ରାଞ୍ଚାଇଜି ପାଇଁ ୧୦୦୦ ରନ୍ କରିବାରେ ପ୍ରଥମ

**ନୂଆଦିଲ୍ଲୀ,୮ା୫/ଏଜେନ୍ସି:** ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ କେଏଲ୍ ରାହୁଲ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ରାହୁଲ ମ୍ୟାଚ୍‌ରେ ମାତ୍ର ୨୩ ରନ୍ କରି ଆଉଟ୍ ହୋଇଥିଲେ ମଧ୍ୟ ତିନି ଅଲଗା ଅଲଗା ଫ୍ରାଞ୍ଚାଇଜି ପାଇଁ ୧୦୦୦ରୁ ରନ୍ କରିବାରେ ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ହୋଇଛନ୍ତି। ସେ ଏବେ ପଞ୍ଜାବ କିଙ୍ଗ୍‌ସ ପାଇଁ ମୋଟ ୨୫୪୮ ରନ୍, ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପାଇଁ ୧୪୧୦ ରନ୍ ଏବଂ ଏବେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୧୦୦୨ ରନ୍



କରିଛନ୍ତି। ଏହା ସହିତ ସେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଦ୍ରୁତ ୧୦୦୦ ରନ୍ କରିବାରେ ପ୍ରଥମ ବ୍ୟାଟର୍ ମଧ୍ୟ ହୋଇଛନ୍ତି। ଏହି କମାଲ ସେ ମାତ୍ର ୨୩ ଇନିଂସ୍‌ରେ କରି ଦେଖାଇଛନ୍ତି। ଏହା ସହିତ ଜେପି ଡୁମିନି ଏବଂ ଋଷଭ ପନ୍ତ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ଏହି ଦୁଇ ଖେଳାଳି ୧୦୦୦ ରନ୍ ପୂରଣ ପାଇଁ ୩୫-୩୫ ଇନିଂସ୍ ଖେଳିଥିଲେ। ସେହିପରି ରାହୁଲ ଆଇପିଏଲ୍‌ରେ ସବୁଠୁ କମ୍ ଇନିଂସ୍‌ରେ ୧୦୦୦ ରନ୍ କରିବାରେ ତୃତୀୟ ଖେଳାଳି ମଧ୍ୟ ହୋଇଛନ୍ତି। ତାଙ୍କ ଉପରେ କ୍ରିସ୍ ଗେଲ୍ (୨୦ ଇନିଂସ୍) ଓ ଶନ୍ ମାର୍ଶ (୨୧ ଇନିଂସ୍) ଅଛନ୍ତି।

# ସାଇରାଜ ବାହୁତୁଲେ ହେବେ ଟିମ୍ ଇଣ୍ଡିଆ ସ୍ପିନ୍ ବୋଲିଂ କୋଚ୍

**ମୁମ୍ବାଇ,୮ା୫/ଏଜେନ୍ସି:** ପୂର୍ବତନ ଟିମ୍ ଇଣ୍ଡିଆ ଓ ମୁମ୍ବାଇ ଲେଗ୍ ସ୍ପିନର୍ ସାଇରାଜ ବାହୁତୁଲେ ଭାରତୀୟ ପୁରୁଷ ଟିମ୍‌ର ସ୍ପିନ୍ ବୋଲିଂ କୋଚ୍ ହେବେ। ବାହୁତୁଲେ ଏବେ ପଞ୍ଜାବ କିଙ୍ଗ୍‌ସର ସ୍ପିନ୍-ବୋଲିଂ କୋଚ୍ ଅଛନ୍ତି ଏବଂ ୨୦୨୬ ସିଜନ୍ ଶେଷ ପରେ ସେ ଫ୍ରାଞ୍ଚାଇଜିରୁ ଅଲଗା ହୋଇଯିବେ। ବିସିସିଆଇର ଏକ ସୂତ୍ରକୁ ଉଦ୍ଧାର କରି ଟାଇମ୍ସ ଅଫ୍ ଇଣ୍ଡିଆ ଏହା ପ୍ରକାଶ କରିଛି। ସୂତ୍ର ଅନୁସାରେ ବାହୁତୁଲେଙ୍କ କାର୍ଯ୍ୟକାଳ ଦୁଇବର୍ଷ ହେବ। ଭାରତୀୟ ସ୍ପିନରଙ୍କୁ ମାର୍ଗଦର୍ଶନ ପାଇଁ ଜଣେ ଅଭିଜ୍ଞ ସ୍ପିନ୍ ବୋଲିଂ କୋଚ୍‌ଙ୍କ ଆବଶ୍ୟକତା ଥିଲା। ଫଳରେ ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବଂ ବିସିସିଆଇ ଶୀର୍ଷ ଅଧିକାରୀମାନେ ବାହୁତୁଲେଙ୍କ ସହିତ ଯୋଗାଯୋଗ କରିଥିଲେ। ବାହୁତୁଲେଙ୍କ କାର୍ଯ୍ୟକାଳ ଜୁନ୍‌ରେ ଆଫଗାନିସ୍ତାନ ବିପକ୍ଷ ଘରୋଇ ସିରିଜ୍ ସହିତ ଆରମ୍ଭ ହେବା ଆଶା କରାଯାଉଛି। ପୂର୍ବତନ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଏବଂ ଭିଭିଏସ୍ ଲକ୍ଷ୍ମଣଙ୍କ କାର୍ଯ୍ୟକାଳରେ ବାହୁତୁଲେ ପ୍ରାୟ ୧୦ଟି ଗସ୍ତ ଏବଂ ସିରିଜ୍‌ରେ ଭାରତର ବୋଲିଂ କୋଚ୍ ଏବଂ ସ୍ପିନ୍ ବୋଲିଂ ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି। ୨୦୨୪ ନଭେମ୍ବରରେ ସେ ସାଉଥ୍ ଆଫ୍ରିକାକୁ ଭାରତର ହ୍ୱାଇଟ୍ ବଲ୍ ଗସ୍ତ ଏବଂ ଗତବର୍ଷ ଓମାନ୍ ଗସ୍ତ କରିଥିା ଇଣ୍ଡିଆ ଏମର୍ଜିଂ ଟିମ୍‌ର ମୁଖ୍ୟ କୋଚ୍ ଥିଲେ। ସେହିପରି ଆୟର୍ଲାଣ୍ଡ ଓ ଶ୍ରୀଲଙ୍କା ଗସ୍ତ ସହିତ ୨୦୨୩ ଏସୀୟ କ୍ରୀଡ଼ାରେ ଭାରତୀୟ ଟିମ୍‌ର ବୋଲିଂ କୋଚ୍ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୫୩ ବର୍ଷୀୟ ବାହୁତୁଲେ ୧୯୯୭ରୁ ୨୦୦୩ ମଧ୍ୟରେ ଭାରତ ପାଇଁ ଦୁଇଟି ଟେଷ୍ଟ ଏବଂ ଆଠଟି ଦିନିକିଆ ମ୍ୟାଚ୍ ଖେଳି ୫ଟି ୱିକେଟ୍ ନେଇଥିଲେ। ମୁମ୍ବାଇର ଏହି ପୂର୍ବତନ ଅଲ୍‌ରାଉଣ୍ଡର୍ ୧୮୮ ପ୍ରଥମ ଶ୍ରେଣୀ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଏଥିରେ ସେ ୧୬.୦୦ ।ରରେ ୬୩୦ ୱିକେଟ୍ ନେଇଥିା ବେଳେ ୩୧.୮୩ ହାରରେ ୬,୧୭୬ ରନ୍ ମଧ୍ୟ କରିଥିଲେ।

# ସାଉଦୀ ପ୍ରୋ ଲିଗ୍‌ରେ ରୋନାଲ୍ଡୋଙ୍କ 'ଶତକ'

### ୧୦୦୦ ଗୋଲ୍‌ଠାରୁ ମାତ୍ର ୨୯ ଦୂରରେ

**ରିୟାଦ୍,୮ା୫/ଏଜେନ୍ସି:** ମହାନ୍ ଫୁଟ୍‌ବଲର୍ କ୍ରିଷ୍ଟିଆନୋ ରୋନାଲ୍ଡୋ ସାଉଦୀ ପ୍ରୋ ଲିଗ୍‌ରେ ନିଜର ୧୦୦ତମ ଗୋଲ୍ କରିଛନ୍ତି। ଏହି ଗୋଲ୍ ବଳରେ



ଅଲ୍-ନସ୍ର ୪-୨ରେ ଅଲ୍-ଶବାବ୍‌କୁ ହରାଇ ଟେବଲ୍ ଶୀର୍ଷରେ ୫ ପଏଣ୍ଟରେ ଆଗୁଆ ହୋଇଛି। ୪୧ ବର୍ଷୀୟ ଏହି ପର୍ତ୍ତୁଗୀଜ୍ ଫରୱାର୍ଡ ଗୁରୁବାର ମ୍ୟାଚ୍ ସମାପ୍ତର ୧୫ ମିନିଟ୍ ପୂର୍ବରୁ ସାଦିୟୋ ମାନେଙ୍କ କ୍ରସ୍‌ରୁ ଗୋଲ୍ କରିଥିଲେ, ଯାହା ତାଙ୍କ କ୍ୟାରିୟର୍‌ରେ ୯୭୧ତମ ଗୋଲ୍। ଏହା ଲିଗ୍‌ର ଚଳିତ ସିଜନ୍‌ରେ ତାଙ୍କର ୨୬ତମ ଗୋଲ୍ ବି ଥିଲା। ଚେଲ୍‌ସୀର ପୂର୍ବତନ ଖେଳାଳି ଜୋଆଓ ଫେଲିକ୍ସ ଏହି ମ୍ୟାଚ୍‌ରେ ଅଲ୍-ନସ୍ର ପକ୍ଷରୁ ତିନିଟି ଗୋଲ୍ କରିଥିଲେ। ଏହି ବିଜୟ ଫଳରେ ଅଲ୍-ନସ୍ରର ୩୨ ମ୍ୟାଚ୍‌ରେ ୮୨ ଗୋଲ୍ ହୋଇଛି, ଯାହା ଦ୍ୱିତୀୟ ସ୍ଥାନରେ ଥିବା ଅଲ୍-ହିଲାଲ୍ ଠାରୁ ପାଞ୍ଚ ପଏଣ୍ଟ ଅଧିକ। ଅଲ୍-ହିଲାଲ୍‌କୁ ଏବେ ଆହୁରି ତିନିଟି ମ୍ୟାଚ୍ ଖେଳିବାକୁ ଥିବା ବେଳେ ଅଲ୍-ନସ୍ରର ଦୁଇଟି ମ୍ୟାଚ୍ ବାକି ଅଛି। ପାଞ୍ଚ ଥରର ବାଲୋନ୍ ଡି'ଓର୍ ବିଜେତା ରୋନାଲ୍ଡୋ ୨୦୨୨ ଡିସେମ୍ବରରେ ଅଲ୍-ନସ୍ର ସହ ଯୋଡ଼ି ହୋଇଥିଲା। ମାତ୍ର ତାଙ୍କ ଉପସ୍ଥିତି ସତ୍ତ୍ୱେ ଟିମ୍ ସାଉଦୀ ଆରବରେ ଏପର୍ଯ୍ୟନ୍ତ କୌଣସି ବଡ଼ ଟ୍ରଫି ଜିତିପାରି ନାହିଁ।

### ମୀରପୁର ଟେଷ୍ଟ: ଶାନ୍ତୋଙ୍କ ଶତକ, ମୋମିନୁଲ୍‌ଙ୍କ ଅର୍ଦ୍ଧଶତକ

# ପ୍ରଥମ ଦିନ ବାଂଲାଦେଶ ୩୦୧/୪

**ମୀରପୁର,୮ା୫/ଏଜେନ୍ସି:** କ୍ୟାପ୍‌ଟେନ୍ ନଜମୁଲ୍ ହୁସେନ୍ ଶାନ୍ତୋଙ୍କ ଶତକ ବଳରେ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନ ବାଂଲାଦେଶ ମଜଭୁତ ଆରମ୍ଭ କରିଛି। ଶୁକ୍ରବାର ଷ୍ଟମ୍ପ ବେଳକୁ ଟିମ୍ ପ୍ରଥମ ଇନିଂସ୍‌ରେ ୪ ୱିକେଟ୍ ହରାଇ ୩୦୧ ରନ୍ କରିଛି। ମୁସ୍‌ଫିକୁର ରହିମ ୪୮ ଏବଂ ଲିଟନ୍ ଦାସ ୮ ରନ୍‌ରେ ଅପରାଜିତ ରହିଛନ୍ତି। ଶାନ୍ତୋ ୧୦୧ ରନ୍ ଏବଂ ମୋମିନୁଲ୍ ହକ୍ ୯୧ ରନ୍ କରି ଆଉଟ୍ ହୋଇଛନ୍ତି। ଶେର୍-ଏ-ବାଂଲା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ଫିଲ୍ଡିଂ ନେଇଥିବା ବେଳେ ଶାହିନ୍ ଆଫ୍ରିଦି ଓ ହସନ୍ ଅଲୀ ଦୁଇ ଓପ୍ନରଙ୍କୁ ଶୀଘ୍ର ପ୍ୟାଭିଲିୟନ୍ ଫେରାଇଥିଲେ। ବାଂଲାଦେଶ



ସ୍କୋର୍ ୩୧/୨ ହୋଇଥିଲା। ତେବେ ଏହାପରେ ଶାନ୍ତୋ ଓ ମୋମିନୁଲ୍ ୱିକେଟ୍ ପାଇଁ ପାକ୍ ବୋଲରଙ୍କୁ ବହୁ ପ୍ରତୀକ୍ଷା କରାଇଥିଲେ। ଦୁହେଁ ତୃତୀୟ ୱିକେଟ୍ ପାଇଁ ୧୭୦ ରନ୍‌ର ବଡ଼ ପାର୍ଟନରଶିପ୍ କରିଥିଲେ। ଶାନ୍ତୋଙ୍କ ଆଉଟ୍ କରି ମହମ୍ମଦ ଅବାସ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଶାନ୍ତୋ ୧୩୦ ବଲ୍‌ରେ ୧୨ ଚୌକା ଓ ୨ ଛକା ସହାୟତାରେ ୧୦୧ ରନ୍ କରି ଫେରିଥିଲେ। ଏହାପରେ ମୋମିନୁଲ୍‌ଙ୍କ ସହିତ ମିଶି ଅନୁଭବୀ ମୁସ୍‌ଫିକୁର ୭୫ ରନ୍ ଯୋଡ଼ିଥିଲେ। ମୋମିନୁଲ୍ ୯୧ ରନ୍ କରିଥିବା ବେଳେ ନୋମାନ୍ ଅଲୀଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ପୂର୍ବରୁ ମହମଦୁଲ୍ ହସନ୍ ଜୟ ୮ ଓ ଶଦ୍‌ମାନ ଇସ୍ଲାମ୍ ୧୩ ରନ୍ କରି ଆଉଟ୍ ହୋଇଥିଲେ। ପାକିସ୍ତାନ ଟିମ୍ ଏବେ ବାଂଲାଦେଶ ଗସ୍ତରେ ଅଛି। ସେଠାରେ ଦୁଇ ଟିମ୍ ମଧ୍ୟରେ ଦୁଇଟି ଟେଷ୍ଟ ମ୍ୟାଚ୍‌ର ସିରିଜ୍ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ମେ' ୧୬ରୁ ସିଲ୍‌ହଟ୍‌ରେ ଅନୁଷ୍ଠିତ ହେବ।

# ଆଇପିଏଲ୍‌ରେ ଖେଳାଳିଙ୍କ ହନି ଟ୍ରାପିଙ୍ଗ୍ ବିପଦ

**ନୂଆଦିଲ୍ଲୀ,୮ା୫/ଏଜେନ୍ସି:** ଆଇପିଏଲ୍‌ରେ ହନି ଟ୍ରାପ୍, ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ସୁରକ୍ଷାକୁ ନେଇ ବିସିସିଆଇ କଡ଼ା ନିୟମ ଲାଗୁ କରିଛି। ବୋର୍ଡ ଏହି ବିପଦରୁ ବଞ୍ଚାଇବା ପାଇଁ ଖେଳାଳିଙ୍କ ହୋଟେଲ୍ ରୁମ୍, ବସ୍ ଏବଂ ଡଗ୍‌ଆଉଟ୍‌ରେ ବିନା ଅନୁମତିରେ ବାହାର ଲୋକଙ୍କ ଏଣ୍ଟ୍ରି ଉପରେ ରୋକ୍

### ହୋଟେଲ୍, ଡଗ୍‌ଆଉଟ୍‌ରେ ବାହାର ଲୋକଙ୍କ ଏଣ୍ଟ୍ରିରେ ରୋକ୍

### ଫ୍ରାଞ୍ଚାଇଜି ମାଲିକଙ୍କ ଉପରେ ମଧ୍ୟ ରହିବ ନଜର

ଲଗାଇଛି। ଫ୍ରାଞ୍ଚାଇଜି ମାଲିକମାନଙ୍କ ଉପରେ ମଧ୍ୟ ନଜର ରଖିବା ବଢ଼ାଇ ଦେଇଛି। ବିସିସିଆଇ ଆଣ୍ଟି କରପ୍‌ସନ୍ ଆଣ୍ଡ ସିକ୍ୟୁରିଟି ୟୁନିଟ୍ (ଏସିଏସ୍‌ୟୁ)ର ରିପୋର୍ଟ ଅନୁସାରେ କେତେକ ମ୍ୟାଚ୍ ଅବସରରେ ଟିମ୍‌ର ଡଗ୍‌ଆଉଟ୍, ହୋଟେଲ୍ ଏବଂ ଟିମ୍ ବସ୍‌ରେ ଅନୁମତି ନଥିବା ଲୋକଙ୍କୁ ଦେଖିବାକୁ ମିଳିଛି। ଏହା ପ୍ରୋଟୋକଲ୍ ଉଲ୍ଲଂଘନ ମାମଲା।



ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସମସ୍ତ ଫ୍ରାଞ୍ଚାଇଜିଙ୍କୁ ପଠାଇଥିବା ନିର୍ଦ୍ଦେଶରେ କହିଛନ୍ତି, ଏବେ ଟିମ୍ ମ୍ୟାନେଜରଙ୍କ ବିନାନୁମତିରେ ଖେଳାଳି କିମ୍ବା ଷ୍ଟାଫ୍‌ଙ୍କ ରୁମ୍‌ରେ କୌଣସି ଅତିଥି ପ୍ରବେଶ କରିପାରିବେ ନାହିଁ। ସେହିପରି ଖେଳାଳି ଏବଂ ଷ୍ଟାଫ୍‌ଙ୍କ ଅନିୟମିତ ସମୟରେ ବାହାରକୁ ଯିବା ଉପରେ ମଧ୍ୟ ରୋକ ଲଗାଯାଇଛି। ଯଦି ବାହାରକୁ ଯିବା ଜରୁରୀ ତେବେ ସିକ୍ୟୁରିଟି ଲିଆସନ୍ ଅଫିସର୍ ଏବଂ ଟିମ୍ ଇଣ୍ଟିଗ୍ରିଟି ଅଫିସରଙ୍କୁ ପୂର୍ବରୁ ସୂଚନା ଦେବାକୁ ପଡ଼ିବ।

ବିସିସିଆଇ ଏହା ମଧ୍ୟ କହିଛି, ମ୍ୟାଚ୍ ଅବସରରେ ଫ୍ରାଞ୍ଚାଇଜି ମାଲିକ ଖେଳାଳି କିମ୍ବା ଟିମ୍ ଷ୍ଟାଫ୍‌ଙ୍କ ସହ ସିଧା ସମ୍ପର୍କ କରିପାରିବେ ନାହିଁ। ଡ୍ରେସିଂ ରୁମ୍, ଡଗ୍‌ଆଉଟ୍ କିମ୍ବା ପଡ଼ିଆରେ ଯାଇ କଥାବାର୍ତ୍ତା କରିବା ମଧ୍ୟ ନିୟମ ବିରୋଧୀ ହେବ।

ଆଇପିଏଲ୍ ୨୦୨୬ରେ ଭେପିଂ (ଇ-ସିଗାରେଟ୍) ମାମଲା ମଧ୍ୟ ସାମ୍ନାକୁ ଆସିଛି। ଏହି ମାମଲାରେ ରାଜସ୍ଥାନ ରୟାଲ୍ସ କ୍ୟାପ୍‌ଟେନ୍ ରିୟାନ୍ ପରାଗଙ୍କୁ ଜୋରିମାନା ମଧ୍ୟ କରାଯାଇଛି। ପଞ୍ଜାବ କିଙ୍ଗ୍‌ସ ଲେଗ୍ ସ୍ପିନର୍ ଯୁଜବେନ୍ଦ୍ର ଚହଲଙ୍କ ଏକ ଭିଡିଓ ମଧ୍ୟ ଭାଇରାଲ୍ ହୋଇଛି। ଏ ସବୁ ପରେ ବୋର୍ଡ ଆଇପିଏଲ୍ ସହିତ ଜଡ଼ିତ ସମସ୍ତ ସ୍ଥାନ, ଡ୍ରେସିଂ ରୁମ୍, ହୋଟେଲ୍ ଏବଂ ପ୍ରାକ୍ଟିସ୍ ଏରିଆରେ ଭେପିଂ ଏବଂ ଇ-ସିଗାରେଟ୍‌ର ବ୍ୟବହାର ଉପରେ କଡ଼ା ପ୍ରତିବନ୍ଧ ଲଗାଇଛି। ସୂଚନାଯୋଗ୍ୟ, ଭେପିଂ ଏବଂ ଇ-ସିଗାରେଟ୍ ବ୍ୟବହାର ଭାରତୀୟ ଆଇନ ଅନୁସାରେ ପୂର୍ବରୁ ହିଁ ବ୍ୟାନ୍ କରାଯାଇଛି। ଏହି ନିୟମଗୁଡ଼ିକର ଉଲ୍ଲଂଘନ କଲେ ଜୋରିମାନା, ନିଲମ୍ବନ କିମ୍ବା ଅଯୋଗ୍ୟତା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିସିସିଆଇ ଫ୍ରାଞ୍ଚାଇଜି ଏବଂ ଖେଳାଳିମାନଙ୍କୁ ଚେତାବନୀ ଦେଇଛି।

# ଅମନ ସେହରାୱତ୍‌ଙ୍କ ରୁଷ୍ ଗସ୍ତ ଉପରେ ରୋକ୍

**ନୂଆଦିଲ୍ଲୀ,୮ା୫/ଏଜେନ୍ସି:** ଭାରତୀୟ କୁସ୍ତିରେ ଷ୍ଟାର୍ କଲ୍‌ଚର୍ ଖତମ୍ କରିବା ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ୟାରିସ୍ ଅଲିମ୍ପିକ୍ ପଦକ ବିଜେତା ପହେଲମାନ ଅମନ ସେହରାୱତ୍‌ଙ୍କୁ ରୁଷର ମଖାଚକଲାରେ ଏକୁଟିଆ ଟ୍ରେନିଂ କରିବାକୁ ରୋକି ଦିଆଯାଇଛି। ଅମନଙ୍କ ଏହି ରୁଷ ଗସ୍ତ ଉପରେ ସ୍ୱୟଂ ପୁରୁଷ ଫ୍ରିଷ୍ଟାଇଲ୍ ଟିମ୍‌ର ମୁଖ୍ୟ କୋଚ୍ ବିନୋଦ କୁମାର ଭିଟୋ ଲଗାଇଛନ୍ତି। ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ୍ ସ୍କିମ୍ (ଟପ୍ସ) ଅଧୀନରେ ଅମନ ମେ' ୨୦ ପର୍ଯ୍ୟନ୍ତ ରୁଷର ଏହି ନାମୀ ସେଣ୍ଟରରେ ପ୍ରସ୍ତୁତି ପାଇଁ ଯିବାକୁ ଚାହୁଁଥିଲେ। ଏଥି ପାଇଁ ସେ ଟପ୍ସକୁ ପ୍ରସ୍ତାବ ଦେଇଥିଲେ ଏବଂ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଠାରୁ ମଧ୍ୟ ଅନୁମତି ମାଗିଥିଲେ। ମାତ୍ର ଯେତେବେଳେ କୋଚ୍ ଏ ସମ୍ପର୍କରେ

### ମୁଖ୍ୟ କୋଚ୍ ଲଗାଇଲେ ଭିଟୋ

ସୂଚନା ପାଇଲେ, ସେ ଏହା ଉପରେ ଆପତ୍ତି ଉଠାଇଥିଲେ। ବିନୋଦ କୁମାର ମହାସଂଘକୁ ସ୍ପଷ୍ଟ କହିଥିଲେ, ଅମନ ଏକୁଟିଆ ରୁଷରେ ଅଭ୍ୟାସ କରିବା ଫଳରେ ଲକ୍ଷ୍ନୌ ସାଇ ସେଣ୍ଟର୍‌ରେ ଚାଲିଥିବା ଜାତୀୟ କ୍ୟାମ୍ପର ଅନୁଶାସନ ଭଙ୍ଗ ହେବ ଏବଂ ଅନ୍ୟ ପହେଲମାନଙ୍କ ମଧ୍ୟରେ ଏହାର ଭୁଲ ବାର୍ତ୍ତା ଯିବ।

ଏସିଆଡ୍ ପ୍ରସ୍ତୁତି ପାଇଁ ବର୍ତ୍ତମାନ ଲକ୍ଷ୍ନୌରେ ପୁରୁଷ ଫ୍ରିଷ୍ଟାଇଲ୍ ଓ ଗ୍ରୀକୋ ରୋମାନ୍ ପହେଲମାନଙ୍କ ଜାତୀୟ କ୍ୟାମ୍ପ ଚାଲୁଛି, ଯେଉଁଥିରେ ଅମନ ମଧ୍ୟ ସାମିଲ ଅଛନ୍ତି। ଅମନଙ୍କ ଓଜନ ବର୍ଗ ୫୭ କିଲୋଗ୍ରାମ ହୋଇଥିବା ବେଳେ ସେ ବର୍ତ୍ତମାନ ୬୧ କିଲୋଗ୍ରାମରେ ଖେଳୁଛନ୍ତି। ଏସିଆଡ୍ ଟ୍ରାଏଲ୍‌ରେ ଅମନଙ୍କୁ ୫୭ କିଲୋଗ୍ରାମ ଓଜନ ବର୍ଗରେ ସାମିଲ କରିବା କୋଚ୍ ବିନୋଦ କୁମାରଙ୍କ ଯୋଜନା ରହିଛି। ଇତିମଧ୍ୟରେ



ଅମନ ନିଜ ଅଭ୍ୟାସ ସାଥୀ ରିଙ୍କୁ ଏବଂ ଫିଜିଓ ନୈତିକଙ୍କ ସହ ମଖାଚକଲାରେ ଅଭ୍ୟାସ କାର୍ଯ୍ୟକ୍ରମ ସ୍ଥିର କରିଥିଲେ, ଯାହା ଉପରେ ବିନୋଦ ରୋକ୍ ଲଗାଇଛନ୍ତି।

ସୂତ୍ର ଅନୁସାରେ ବିନୋଦ କୁମାର ଏ ସମ୍ପର୍କରେ ଅମନ ଏବଂ କୁସ୍ତି ମହାସଂଘ ସହିତ କଥାବାର୍ତ୍ତା କରିଛନ୍ତି। ବିନୋଦ କୁମାର କହିଛନ୍ତି, କୌଣସି ପହେଲମାନ ଏକୁଟିଆ ବିଦେଶରେ ପ୍ରସ୍ତୁତି କରିବା ପରିବର୍ତ୍ତେ ପୂରା ଟିମ୍ କିମ୍ବା ଏସିଆଡ୍ ପାଇଁ ଚୟନିତ ପହେଲମାନଙ୍କ ଟିମ୍‌ର ବିଦେଶରେ କ୍ୟାମ୍ପ କରାଯିବ ଉଚିତ। ଏହା ଫଳରେ ସମସ୍ତ ପହେଲମାନ ଏକା ସାଙ୍ଗରେ ପ୍ରସ୍ତୁତି କରିବା ସହିତ ସେମାନଙ୍କ ମଧ୍ୟରେ ଟିମ୍ ଭାବନା ସୃଷ୍ଟି ହେବ। ଏହାପରେ ଅମନ ରୁଷ ନଯାଇ ଲକ୍ଷ୍ନୌ କ୍ୟାମ୍ପରେ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra